ଆସନ୍ତା ୪ରୁ ଦିନିକିଆ ମ୍ୟାଚ୍ : ୮ ନୂଆ ଖେଳାଳିଙ୍କୁ ନେଇ ନ୍ୟୁଜିଲାଣ୍ଡ ସହ ଲଢ଼ିବ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

ସମ୍ବାଦ କାଳିକା

The Sambad Kalika

ବର୍ଗାଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଅଙ୍କ ୦୦.୨.୨୦୨୬ : ୮ ପୃଷ୍ଠା ୧୫୦

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୭୩ ● ୩ ନଭେମ୍ବର ୨୦୨୬ ମଙ ଳବାର ● ଭୁବନେଶ୍ୱର ● Vol -33 ● Issue-273 ● 3rd November 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


ମାଡ଼ି ଆସିଲା ଭୀଷଣ ବାତ୍ୟା 'ମୁରାସୁ'

ମଧ୍ୟରାତ୍ରରେ ହେଲା ଲ୍ୟାଣ୍ଡଫଲ୍

ଭୁବନେଶ୍ୱର, ୨।୧୧
ନ୍ୟୁଜ୍ ବ୍ୟୁରୋ

୬ ଦିନ ତଳେ ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ମାଡ଼ରେ ଆକ୍ରାମାକ୍ରା ଆନ୍ଧ୍ର ପ୍ରଦେଶ, ଅଣ୍ଡା ସଳଖି ଠିଆ ହେବା ପୂର୍ବରୁ ପୁଣିଥରେ ସାମ୍ନା କରିବାକୁ ଯାଉଛି ଆଉ ଏକ ବାତ୍ୟା। ଭୀଷଣ ବାତ୍ୟା 'ମୁରାସୁ' ସୋମବାର ବିଳମ୍ବିତ ରାତ୍ରରେ ଆନ୍ଧ୍ର ଉପକୂଳ ପହଞ୍ଚିଛି। ଏହାର ପ୍ରଭାବରେ ବର୍ଷା ପରିମାଣ ବୃଦ୍ଧି ପାଇବା ସହ ପବନର ବେଗ ସେତିକି ତୀବ୍ର ଆକାର ଧାରଣ କରିଛି। ବାତ୍ୟା ଆସିବା ପୂର୍ବରୁ ଆନ୍ଧ୍ର ପ୍ରଦେଶ ନେଲୋର୍ ନିକଟ ସମୁଦ୍ରରେ ବଡ଼ ବଡ଼ ଜୁଆର ଆସିଛି। ମତ୍ସ୍ୟଜୀବୀମାନେ ସେମାନଙ୍କର ଜୀବନଜୀବିକାର ସୁରକ୍ଷା ପାଇଁ ଡଙ୍ଗା ସବୁ କୂଳରେ ବାନ୍ଧି ନିରାପଦ ସ୍ଥାନକୁ ଚାଲି ଯାଇଛନ୍ତି।

ଗଜପତି-ଗଞ୍ଜାମ ଜିଲ୍ଲା ସୀମାନ୍ତ ବେଲଗଡ଼ ଗାଁରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଭୂସ୍ଖଳନ ହୋଇ ଗାଁ ଠାରୁ ମାତ୍ର କିଛି ଦୂରରେ ଥିବା ତପ୍ତପାଣି ଘାଟି ରାସ୍ତାରେ ବଡ଼ବଡ଼ ପଥର ଓ ମାଟି ଅତଡ଼ା ଧସି ରାସ୍ତା ଅବରୋଧ ହୋଇଥିଲା। ପୁଣି ଏକ ବାତ୍ୟା ଖବର ଶୁଣିବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସେପଟେ ପାହାଡିଆ ଅଞ୍ଚଳରେ *(ପୃଷ୍ଠା ୭ରେ)*





'ମୁରାସୁ' ମୁକାବିଲା ପାଇଁ ପ୍ରସ୍ତୁତି ଜୋରଦାର

ଭୁବନେଶ୍ୱର, ୨।୧୧
ନ୍ୟୁଜ୍ ବ୍ୟୁରୋ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ରାଜୀବ ଭବନ ସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟଠାରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଆଗାମୀ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳ ଏବଂ ସମ୍ଭାବ୍ୟ ଆଉ ଏକ ବାତ୍ୟା ପାଇଁ ନିଆଯାଇଥିବା *(ପୃଷ୍ଠା ୭ରେ)*



ଘରକୁ ଘର ସର୍ଭେ ଅବଧି ବଢିଲା : ମେ' ସୁଦ୍ଧା ପୌର ନିର୍ବାଚନ ପ୍ରକ୍ରିୟା ଶେଷ ପାଇଁ ଲକ୍ଷ୍ୟ

ଭୁବନେଶ୍ୱର, ୨।୧୧
ନ୍ୟୁଜ୍ ବ୍ୟୁରୋ

ସହରାଞ୍ଚଳରେ ଥିବା ଅଧିକାଂଶ ବିଧାନସଭା ବୁଥଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ। ଫଳରେ ଗୋଟିଏ ବୁଥ୍‌ରେ ୧୦ରୁ ୧୨ଟି ଅଲଗା ଅଲଗା ଅଞ୍ଚଳର ଭୋଟର ସାମିଲ ହୋଇ ରହୁଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟରଙ୍କୁ ଅନ୍ୟ ଏକ ୱାର୍ଡରେ ଭୋଟ୍ ଦେବାକୁ ପଡୁଛି। ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଗ୍ରାମାଞ୍ଚଳରେ ବି କେତେକ ସ୍ଥାନରେ ଭୋଟରଙ୍କର ବୁଥ୍ ପରିବର୍ତ୍ତନ ହୋଇଯାଉଛି। ଭୋଟର ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଘରକୁ ଘର ବୁଲି ସର୍ଭେ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଯେଉଁ ୱାର୍ଡର ଯେତେ ଭୋଟର ଥିବେ ସେମାନଙ୍କୁ ସେହି ୱାର୍ଡରେ ମତଦାନ କରିବାର ସୁଯୋଗ ମିଳିବ। ବିଶେଷକରି ପରିବାରର ସମସ୍ତ ସଦସ୍ୟ ଗୋଟିଏ ବୁଥ୍‌ରେ ମତଦାନ କରିବାର ଅଧିକାର ପାଇବେ। ଏହି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢୀ।

ଶ୍ରୀ ପାଢୀଙ୍କ ସୂଚନା ଅନୁସାରେ ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନକୁ ନଜରରେ ରଖି ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅକ୍ଟୋବର ୨୬ରୁ ଘରକୁ ଘର ବୁଲି ଭୋଟର ତାଲିକାରେ ସଂଶୋଧନ



କରିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଉପରୋକ୍ତ ଦୁଇଟି ନିର୍ବାଚନକୁ ସ୍ୱଚ୍ଛ, ନିର୍ଭୁଲ, ବ୍ୟବସ୍ଥିତ କରାଯାଇପାରିବ। ଏହାସହ ମତଦାନ ହାର ବଢ଼ିବ ବୋଲି କୁହାଯାଇଛି। ସେହିପରି ରାଜ୍ୟବ୍ୟାପୀ ସର୍ଭେ ହେବା ପୂର୍ବରୁ ସବୁଠୁ ଅଧିକ ଅବ୍ୟବସ୍ଥିତ ଭୋଟର ତାଲିକା ଥିବା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ତିନିଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପାଇଲଟ୍ ସର୍ଭେ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଭୁବନେଶ୍ୱର-ଉତ୍ତର ବିଧାନସଭା କ୍ଷେତ୍ରର ୱାର୍ଡ ନଂ-୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରର ୱାର୍ଡ ନଂ-୩୫ ଏବଂ ଭୁବନେଶ୍ୱର -ଏକାମ୍ର ବିଧାନସଭା କ୍ଷେତ୍ରର ୱାର୍ଡ ନଂ-୫୨ରେ ଘରକୁ ଘର ସର୍ଭେ ହେବ।

ଏହି ସର୍ଭେ କାର୍ଯ୍ୟରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲ୍ଓ) ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନେଇ ହୋଇଥିବା ଟିମ୍‌କୁ ଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି। ଏହି ଅଭିଯାନ ଦ୍ୱାରା ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ ତଥା ବ୍ୟବସ୍ଥିତ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି।

ଆସନ୍ତା ବର୍ଷ ଏପ୍ରିଲରେ ପଞ୍ଚାୟତ ନିର୍ବାଚନ ଏବଂ ମେ ସୁଦ୍ଧା ପୌର ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ନିର୍ବାଚନ ଆୟୋଗ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସମସ୍ତ ପ୍ରକ୍ରିୟା ଜୋରସୋରରେ ଚାଲିଛି। ଆସନ୍ତା ଜାନୁଆରୀ ପହିଲାରେ ଚିଠା ଭୋଟର୍ ତାଲିକା ଏବଂ ଫେବ୍ରୁଆରୀ ୧୫ ତାରିଖ ସୁଦ୍ଧା ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି।

ନିର୍ବାଚନ ପୂର୍ବରୁ ଏକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର୍ ତାଲିକା ପ୍ରସ୍ତୁତ ଲାଗି ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଡୋର୍ ଟୁ ଡୋର୍ ସର୍ଭେ ଜାରି ରହିଛି। ଯାହାକି ୭ ନଭେମ୍ବର ଯାଏଁ ଚାଲିବ। ଏଭଳି ସର୍ଭେ ପ୍ରଥମ ଥର ପାଇଁ ରାଜ୍ୟରେ କରାଯାଉଛି।

ଗୋଟିଏ ପରିବାରର ସମସ୍ତ ଯୋଗ୍ୟ ଭୋଟର୍ ଯେଭଳି ଗୋଟିଏ ବୁଥ୍‌ରେ ହିଁ ଭୋଟ୍ ଦେଇପାରିବେ, ତା ଉପରେ ଗୁରୁତ୍ୱ ଦିଆଯାଉଛି। ଗ୍ରାମାଞ୍ଚଳରେ ସୁରୁଖୁରୁରେ ଏହି ସର୍ଭେ ଚାଲିଥିବା ବେଳେ ସହରାଞ୍ଚଳ ବିଶେଷ କରି ଆପାର୍ଟମେଣ୍ଟଗୁଡ଼ିକରେ ତଥ୍ୟ ମିଳିବାରେ ସମସ୍ୟା ଦେଖାଦେଉଛି। କିଛି ସ୍ଥାନରେ ଭୋଟରମାନେ ସହଯୋଗ କରୁନଥିବା ରାଜ୍ୟ ନିର୍ବାଚନ ଆୟୋଗ କହିଛନ୍ତି।

୨ ଦିନିଆ ଦିଲ୍ଲୀ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୧୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସନ୍ଧ୍ୟାରେ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଦିଲ୍ଲୀ ରହଣୀକାଳ ମଧ୍ୟରେ *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ୟୁପିର କୁଶୀନଗରରେ ଟ୍ରେଲର -ଭ୍ୟାନ୍ ଧକ୍କା : ଛଅ ମୃତ, ଦୁଇ ଗୁରୁତର।
- ଉତ୍ତରପ୍ରଦେଶ: ତିଳକ ସମାରୋହରୁ ଫେରୁଥିବା ପରିବାରର ଭ୍ୟାନ୍ ଟ୍ରେଲରକୁ ଧକ୍କା : ୭ ମୃତ
- ବାତ୍ୟା 'ମୁରାସୁ' ଆଶଙ୍କା: ଚେନ୍ନାଇ ଓ ତିରୁଭଲ୍ଲୁରରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି।
- କୋଲକାତାରେ ବହୁତଳ କୋଠାରେ ଭୟାବହ ଅଗ୍ନିକାଣ୍ଡ, ୧୦ଟି ଦମକଳ ଗାଡ଼ି ଦ୍ୱାରା ନିଆଁ ଆୟତ୍ତ।
- ନେପାଳ: ତୁଷାରପାତରେ ଫସିଥିବା ୬ ଭାରତୀୟ ପର୍ଯ୍ୟଟକଙ୍କୁ ହେଲିକପ୍ଟର ଯୋଗେ ସୁରକ୍ଷିତ ଭାବେ କରାଗଲା ଉଦ୍ଧାର।
- ଘୂର୍ଣ୍ଣିଝଡ଼ 'ମୁରାସୁ' ପ୍ରଭାବରେ ଛତିଶଗଡ଼ରେ ବର୍ଷା ପାଇଁ ୟେଲୋ ଆର୍ଲଟ ଜାରି।

ପହଞ୍ଚିଲେ କେନ୍ଦ୍ରୀୟ ଟିମ୍ : ଅନୁଧ୍ୟାନ ପାଇଁ ବୁଲିବେ ପ୍ରଭାବିତ ଜିଲ୍ଲା

ଭୁବନେଶ୍ୱର, ୨।୧୧
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ର ଗୃହମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଏକ ଆଠ ଜଣିଆ କେନ୍ଦ୍ରୀୟ ଆନ୍ତଃମନ୍ତ୍ରଣାଳୟସ୍ତରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସି ସୋମବାର ସନ୍ଧ୍ୟାରେ ଏଠାରେ ପହଞ୍ଚିଛନ୍ତି। ବାତ୍ୟା 'ଅର୍ଣ୍ଣବ' ଏବଂ ତତ୍‌ପରବର୍ତ୍ତୀ ବନ୍ୟା ଯୋଗୁଁ ଓଡ଼ିଶାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ପାଇଁ ଏହି ଟିମ୍ ଓଡ଼ିଶା ଆସିଛନ୍ତି। ସେମାନେ ଦୁଇଟି ଦଳରେ ବିଭକ୍ତ ହୋଇ ୪ ତାରିଖ ପର୍ଯ୍ୟନ୍ତ ବାତ୍ୟା ଓ ବନ୍ୟା ପ୍ରଭାବିତ *(ପୃଷ୍ଠା ୭ରେ)*



ବିଦ୍ୟୁତ୍ ଆଘାତରେ ୮ ଶ୍ରମିକଙ୍କ ମୃତ୍ୟୁ : ପ୍ରଧାନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ ଓ ସହାୟତା ଘୋଷଣା

ଜୟପୁର, ୨।୧୧

ରାଜସ୍ଥାନର ଝୁନଝୁନ ଜିଲ୍ଲାରେ ସୋମବାର ଏକ ବଡ଼ ଅଘଟଣ ଘଟିଛି। ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଏକ ମେସିନ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଉଦୟପୁରବାଟୀ ଥାନା ଅଞ୍ଚଳର ଛାପୋଲୀ ଗ୍ରାମରେ ଏହି ଦୁର୍ଘଟଣା ଘଟିଛି।


ଛାପୋଲୀରୁ କଦମକୁଣ୍ଡକୁ ସଂଯୋଗ କରୁଥିବା ଏକ ସଂକୀର୍ଣ୍ଣ ରାସ୍ତା ନିର୍ମାଣ କାମ ଚାଲିଥିବା ବେଳେ ସ୍ଥାନୀୟ ଲୋକେ ମଧ୍ୟ ନିଜ



ଉଦ୍ୟମରେ ଏଥିରେ ସାମିଲ ହୋଇଥିଲେ। ଉଦୟପୁରବାଟୀ ଥାନା ଅଧିକାରୀ ରାମପାଲଙ୍କ ସୂଚନା ଅନୁଯାୟୀ, ବାଲି ଓ ଗୋଡ଼ି ମିଶାଇବା ପାଇଁ ବ୍ୟବହୃତ ମେସିନ୍‌ଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ କାମ କରୁଥିବା ଶ୍ରମିକମାନେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ମୃତକମାନେ ହେଲେ ହରିରାମ ଗୁର୍ଜର (୩୦), ମଙ୍ଗଳଚାନ୍ଦ ଗୁର୍ଜର, କାଲୁରାମ ଗୁର୍ଜର (୨୦), ପବନ ଗୁର୍ଜର (୨୩), ବିଷ୍ଣୁ ସାଇନି (୩୮), ସୁରେଶ ସାଇନି (୩୦), ମୁକେଶ ସାଇନି (୨୭) ଓ ଫତେଚାନ୍ଦ ସାଇନି (୩୨)। ଏହି ଘଟଣାରେ ୩ ଜଣ ମହିଳା ଓ ୨ ଜଣ ପୁରୁଷ ଆହତ ହୋଇଛନ୍ତି। ସେମାନେ ଏବେ ଚିକିତ୍ସାଧୀନ ଅଛନ୍ତି।

ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୨ *(ପୃଷ୍ଠା ୭ରେ)*

ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ରଙ୍କ ପରଲୋକ



ଭୁବନେଶ୍ୱର, ୨।୧୧
ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ସ୍ନାୟୁ ଶଲ୍ୟ ଚିକିତ୍ସକ ତଥା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ପ୍ରଫେସର ଡା ଅଶୋକ କୁମାର ମହାପାତ୍ର(୭୪)ଙ୍କର ସୋମବାର ରାତିରେ ଦିଲ୍ଲୀ ଏମ୍‌ସରେ ପରଲୋକ ହୋଇଯାଇଛି।

ମିଳିଥିବା ସୂଚନା ଅନୁସାରେ, ଡା ମହାପାତ୍ର ମସ୍ତିଷ୍କ କର୍କଟରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେପ୍ଟେମ୍ବର ୨୭ ତାରିଖରେ ତାଙ୍କୁ ନୂଆଦିଲ୍ଲୀର ଏମ୍‌ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଅକ୍ଟୋବର ୫ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା।

ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆଙ୍କ ଅସ୍ତ୍ରୋପଚାର କ୍ଷେତ୍ରରେ ତାଙ୍କର ଅବଦାନ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣି ଦେଇଥିଲା। ୧୯୫୨ ମସିହାରେ ପୁରୀଠାରେ ଜନ୍ମଗ୍ରହଣ କରିଥିବା ଡା. ମହାପାତ୍ର ୧୯୭୦ *(ପୃଷ୍ଠା ୭ରେ)*



ମିସାଇଲ ଭଳି ଆକାଶରୁ ଖସିଲା ବିମାନ : ୯ ମୃତ

ୱାଶିଂଟନ, ୨।୧୧

ଆମେରିକାର ଫ୍ଲୋରିଡାରେ ଘଟିଛି ଭୟଙ୍କର ବିମାନ ଦୁର୍ଘଟଣା। ଏକ ଘରୋଇ ଜେଟ୍ ଖସି ପଡ଼ିବାରୁ ୯ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ବେଳର ଏକାଧିକ ଭିଡିଓ ସାମ୍ନାକୁ ଆସିଛି। ବିମାନଟି ରାସ୍ତା କଡ଼ରେ ଖସି ପଡ଼ିଥିଲା। ଜନବସତି ଓ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଠାରୁ ମାତ୍ର କିଛି ମିଟର ଦୂରରେ ବିମାନଟି କ୍ରାସ ହୋଇଥିଲା। ବିମାନଟି ଆକାଶରୁ ଖସି ତଳେ ପଡୁଥିବାର ଦୃଶ୍ୟକୁ ନିଜ ମୋବାଇଲ ଫୋନରେ ରେକର୍ଡ କରିଛନ୍ତି ସେହି ବାଟ ଦେଇ ଯାଉଥିବା ଲୋକମାନେ। ଭିଡିଓ ଗୁଡ଼ିକରେ ଦେଖିବାକୁ ମିଳିଛି ଯେ ବିମାନଟି ମିସାଇଲ ଭଳି ଆକାଶରୁ *(ପୃଷ୍ଠା ୭ରେ)*

ଏକାଳ ପଖାଳ



କୋଟିଆ ପ୍ରୋବ୍ଲେମ୍ ମୋଟିଆ ହେଲାଣି
ହେଇଟି ଜନତା ଅନା
ଆନ୍ଧ୍ର ଗଳିକନ୍ଧି ପଶିବା ପାଇଁକି
ଜାଳେ ଯୋଜନାର ଦାନା
ଯିଏ ଉଡାଉଛି ବାନା
ସମସ୍ୟା ଯେତକ ସମାଧାନ କରି
ମନେ ନଖାଇଣ ଛେନା।

ଗିଡିପାବାଲିରେ ଭୂସ୍ଖଳନ : ଏପର୍ଯ୍ୟନ୍ତ ୧୨ ଜଣଙ୍କ ପତ୍ତା ମିଳିନାହିଁ !



ବ୍ରହ୍ମପୁର, ୨।୧୧
ନ୍ୟୁଜ୍ ବ୍ୟୁରୋ

ଗାଁରେ ଆଜି ଭିଡ଼, ନେତା ମନ୍ତ୍ରୀ ପହଞ୍ଚିଛନ୍ତି। ହେଲେ ଯାହାକୁ ଏମାନେ ଖୋଜୁଛନ୍ତି ସେମାନଙ୍କ ପତ୍ତା ମିଳୁନି। ଯିଏ ନିଜ ପିଲାଠୁ ଅଧିକ ଭଲ ପାଉଥିଲେ, ଯିଏ ମାଲିକ ଥିଲା ତା ଖୋଜଖବର ମିଳୁନି। ୫ ଦିନ ହେଲାଣି। ବାତ୍ୟା ଯାଇ ବନ୍ୟା ହେଲାଣି, ପୁଣି ଆଉ ଗୋଟେ ବାତ୍ୟା ଆସିଲାଣି। ସପ୍ତାହକରେ ଅନେକ କିଛି ବଦଳିଗଲାଣି। ଗଞ୍ଜାମ ଭଞ୍ଜନଗର ଗିଡ଼ିପାବାଲିର ଭୂଗୋଳ ବି ବଦଳିଛି। ଦଶବ୍ଦି ଦଶବ୍ଦି ଧରି ପାହାଡ଼କୁ ଆପଣାଇ ଜୀବନ କାଟୁଥିବା ୯ ପରିବାରରୁ ୭ ପରିବାରର ପତ୍ତା ମିଳୁନି। ଆଉ ବେସାହାରା ହୋଇ ଆଖିକୁ ମିଟି ମିଟି କରି ଏମିତି ଚାହିଁ ବସିଛନ୍ତି ଏଇ କଥା କହିପାରୁନଥିବା ନିଷ୍ପାପ ଛେଳି। ଏମାନେ ସେଇ ରାତିର ମୂକସାକ୍ଷୀ, ଏମାନେ ଦେଖିଛନ୍ତି ସେ କାଳରାତ୍ରର ବିଧ୍ୱଂସ। ପାହାଡ଼ ଧସିବାର ସେଇ ମୁହୂର୍ତ୍ତ। ବୁକୁ ଚିରି ପାହାଡ଼ ଦୁଇ ଫାଳ ହୋଇଥିଲା। ଆଖି ଗିଳି ଦେଇଛି ଗିଡ଼ିପାବାଲି ଗାଁକୁ। ରାତି ଦିନ ଗଲା ୪ ଦିନ ହେଲା ରେସ୍କ୍ୟୁ ଅପରେସନରେ ଲାଗିଛନ୍ତି ଅଗ୍ନି ଯୋଦ୍ଧା ସହ ରେସ୍କ୍ୟୁ ଟିମ୍। ତଥାପି କୌଣସି ଖୋଜଖବର ମିଳୁନି।

ଘଟଣାସ୍ଥଳରେ ଦେଖିବାକୁ ମିଳିଛି ଛୋଟିଆ କୁନି ଫର୍କ, କେଡ଼େ ଖୁସିରେ ତା ପାଇଁ ଆସିଥିବ। ଯିଏ *(ପୃଷ୍ଠା ୭ରେ)*

ବିଶ୍ୱର ସର୍ବୋଚ୍ଚ ବୈଜ୍ଞାନିକ ସମ୍ମାନ ପାଇବାରେ ଡ. ସଂଘମିତ୍ରା ପତି ପ୍ରଥମ

ଭୁବନେଶ୍ୱର, ୨।୧୧
ନ୍ୟୁଜ୍ ବ୍ୟୁରୋ

୨୦୨୫-୨୬ ବର୍ଷ ପାଇଁ ବିଶ୍ୱର ସର୍ବୋଚ୍ଚ ବିଶିଷ୍ଟ ବୈଜ୍ଞାନିକମାନଙ୍କ ମଧ୍ୟରେ (ଆଇସିଏମ୍‌ଆର-ଏନ୍‌ଆଇଏଚ୍‌ଆର) ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ନିର୍ଦ୍ଦେଶକ ଡ. ସଂଘମିତ୍ରା ପତି ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ହାସଲ କରିଛନ୍ତି। ଷ୍ଟାନଫୋର୍ଡ ୟୁନିଭରସିଟି-ଏଲ୍‌ସେଭିୟରରେ ୨୨ଜଣ ଆଇସିଏମ୍‌ଆର ବୈଜ୍ଞାନିକଙ୍କ ମଧ୍ୟରେ ଡ. ପତି ପ୍ରଥମ ସ୍ଥାନ ଅଧିକାର କରିବା ଓଡ଼ିଶା ପାଇଁ ଗର୍ବର ବିଷୟ। ଡ. ପତି ଲଗାତାର ଦୁଇ ବର୍ଷ ହେବ ଏହି



ସମ୍ମାନଜନକ ର୍ୟାଙ୍କିଂ ବଜାୟ ରଖିଛନ୍ତି। ଅର୍ଥାତ୍ ୨୦୨୪-୨୫ ଏବଂ ୨୦୨୫-୨୬ରେ ସେ ଏହି ଗୌରବ ହାସଲ କରିଛନ୍ତି। ମାଇକ୍ରୋ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୩ ନଭେମ୍ବର,୨୦୨୬ ମଙ୍ଗଳବାର



ଆଜିଠୁ କଟକ ନାଟ୍ୟୋତ୍ସବ-୨୦୨୬

କଟକ, ନ୍ୟୁଜ୍ ବ୍ୟୁରୋ

ନାଟ୍ୟକଳା ଓ ଅଭିନୟ ପ୍ରତି ଛାତ୍ର-ଛାତ୍ରୀଙ୍କ ଆଗ୍ରହ, ସୃଜନଶୀଳତା ତଥା ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ "କଟକ ନାଟ୍ୟୋତ୍ସବ" ଦ୍ୱିତୀୟ ସଂସ୍କରଣର ଚୂଡ଼ାନ୍ତ ପର୍ଯ୍ୟାୟ ନଭେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିସଡମ୍‌ଠାରେ ଅନୁଷ୍ଠିତ ହେବ। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ନାଟକ ପରିବେଷଣ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ମୋଟ ୧୦ଟି ଦଳ ସେମାନଙ୍କ ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିବେ। ମଙ୍ଗଳବାର ପୂର୍ବାହ୍ନ ୧୦ ଘଟିକା ସମୟରେ ମଞ୍ଚପୂଜା ଅନୁଷ୍ଠିତ ହେବ ଓ ପରେ ପରେ ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଇନଷ୍ଟିଚ୍ୟୁଟ ପକ୍ଷରୁ ନାଟକ ମହାବାହୁ ପରିବେଷଣ କରାଯିବ ।

ଦୁଇ ମାସ ଧରି କୃଷି ପରାମର୍ଶ କେନ୍ଦ୍ରରେ ତାଲା : ଚାଷୀ ହଟହଟା

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ଦୁଇ ମାସ ଧରି କୃଷି ଅଧିଦର୍ଶକାଙ୍କ ନିୟମିତ ଅନୁପସ୍ଥିତି ଯୋଗୁଁ ଭିକମପାଲି ଗ୍ରାମ ପଞ୍ଚାୟତସ୍ଥିତ କୃଷି ପରାମର୍ଶ କେନ୍ଦ୍ରରେ ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ସ୍ଥାନୀୟ ଚାଷୀମାନେ କୃଷି ସମ୍ପର୍କିତ ଆବଶ୍ୟକ ପରାମର୍ଶ ଓ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଚାଷୀଙ୍କ ଲିଖିତ ଅଭିଯୋଗ ପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜି. ଜୈନ ଦୁଇଥର ଆକସ୍ମିକ ପରିଦର୍ଶନ କରି କର୍ମଚାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଭିକମପାଲି ପଞ୍ଚାୟତରେ କାର୍ଯ୍ୟରତ କୃଷି ଅଧିଦର୍ଶକା ନିୟମିତ କାର୍ଯ୍ୟାଳୟକୁ ଆସୁ ନଥିବାରୁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏନେଇ ଗତ ୨ ତାରିଖରେ ସରପଞ୍ଚ, ସମିତି ସଭ୍ୟା ଓ ସ୍ଥାନୀୟ ଚାଷୀମାନେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଶ୍ରୀ ଜୈନ ଗତ ୧୪ ତାରିଖରେ ଅତାବିରା ପଞ୍ଚାୟତର ଡୁମେରଢିପା ଏବଂ ୨୧ ତାରିଖରେ ଭିକମପାଲି କୃଷି ପରାମର୍ଶ କେନ୍ଦ୍ର ପରିଦର୍ଶନ କରିଥିଲେ। ଉଭୟ ଦିନ ସମ୍ପୃକ୍ତ କୃଷି ଅଧିଦର୍ଶକା ଅନୁପସ୍ଥିତ ଥିବା ସେ ସୂଚନା ଦେଇଛନ୍ତି।

ପୂର୍ବରୁ ଭିକମପାଲିରେ କାର୍ଯ୍ୟରତ କୃଷି ଅଧିଦର୍ଶକା ଗୋପିକା ନାଏକଙ୍କ ଗତ ଅଗଷ୍ଟ ମାସରେ ସୋନପୁର ଜିଲ୍ଲାର ତରଭା ବ୍ଲକକୁ ବଦଳି ହେବା ପରେ ପୂର୍ଣ୍ଣିମା ଛତ୍ରିଆ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ଦାୟିତ୍ୱ ଗ୍ରହଣର ଦୁଇ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସେ ନିୟମିତ କାର୍ଯ୍ୟାଳୟରେ ଉପସ୍ଥିତ ରହୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ଖରିଫ ଧାନ ଓ ପନିପରିବା ଚାଷରେ ରୋଗପୋକ ନିୟନ୍ତ୍ରଣ, ଫସଲର ଯତ୍ନ ଏବଂ ଅମଳ ସମ୍ପର୍କିତ ପରାମର୍ଶ ଚାଷୀଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ଏଭଳି ସମୟରେ କୃଷି ପରାମର୍ଶ କେନ୍ଦ୍ର ବନ୍ଦ ରହିବା ଚାଷୀଙ୍କ ଚିନ୍ତା ବଢ଼ାଇଛି। ତେଣୁ କୃଷି କର୍ମଚାରୀଙ୍କ ନିୟମିତ ଉପସ୍ଥିତି ସୁନିଶ୍ଚିତ କରିବା ସହ ଚାଷୀଙ୍କୁ ସମୟୋଚିତ ପରାମର୍ଶ ଓ ସରକାରୀ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଅଭିଯୋଗ ଉପରେ କୃଷି ବିଭାଗ କି ପଦକ୍ଷେପ ଗ୍ରହଣ କରୁଛି, ତାହାକୁ ଏବେ ଚାଷୀମାନେ ଅପେକ୍ଷା କରିଛନ୍ତି।

କାଣୀ ନଦୀ ମୁହାଣ ବନ୍ଦକୁ ବିରୋଧ : ବଡ଼ ଆନ୍ଦୋଳନ ପାଇଁ ନିଷ୍ପତ୍ତି

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲାରେ ବନ୍ୟା ନିୟନ୍ତ୍ରଣ ନାମରେ କାଣୀ ନଦୀର ମୁହାଣରେ ପଥର ବନ୍ଧ କରାଯାଉଥିବାକୁ ନେଇ ଭଦ୍ରକ ଜିଲ୍ଲାର ଧାମନଗର ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଛି। ଏହାର ପ୍ରତିବାଦରେ ଦୋବଲ କାଳୀପଡ଼ିଆରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବୈତରଣୀ ନଦୀକୂଳରେ ବସବାସ କରୁଥିବା ଅଞ୍ଚଳବାସୀ ଏଥିରେ ଯୋଗଦେଇ କାଣୀ ନଦୀର ମୁହାଣକୁ ପୂର୍ବଭଳି ରଖିବା ସହ ଚାଲିଥିବା ପଥର ବନ୍ଧ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଏବଂ ଜଳସମ୍ପଦ ବିଭାଗକୁ ଅଭିଯୋଗପତ୍ର ପ୍ରଦାନ କରିବାକୁ ଶତାଧିକ ଦସ୍ତଖତ ସଂଗ୍ରହ କରି ଅଭିଯୋଗ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଧାମନଗରର ହିତ ପାଇଁ କାଣୀ ନଦୀର ମୁହାଣରେ ପଥର ପ୍ୟାକିଂ କାର୍ଯ୍ୟ ବନ୍ଦ କରିବା ସହ ନଦୀର ପ୍ରାକୃତିକ ଜଳପ୍ରବାହ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ସମାବେଶରେ ଯୋଗଦେଇଥିବା ଲୋକଙ୍କ ମତରେ, କାଣୀ ନଦୀ ବୈତରଣୀର ଅତିରିକ୍ତ ବନ୍ୟାଜଳ ନିଷ୍କାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଏହାର ମୁହାଣକୁ ପଥର ବନ୍ଧ ଦ୍ୱାରା ଅବରୋଧ କରାଗଲେ ଧାମନଗର ଓ ଚାନ୍ଦବାଲି ଅଞ୍ଚଳରେ ବନ୍ୟା ବିପଦ ବଢ଼ିବା ସହ ଚାଷଜମି ଓ ଜନବସତି କ୍ଷତିଗ୍ରସ୍ତ ହେବ। ତେଣୁ ଯାଜପୁର ଅଞ୍ଚଳକୁ ବନ୍ୟାରୁ ସୁରକ୍ଷା ଦେବା ପାଇଁ ଭଦ୍ରକ ଜିଲ୍ଲାର ଧାମନଗର ଅଞ୍ଚଳର ଲୋକଙ୍କୁ ବିପଦ ମଧ୍ୟକୁ ଠେଲି ଦିଆ ନଯାଉ ବୋଲି ଦାବି ଉଠିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀଙ୍କୁ ଏକଜୁଟ କରି ବ୍ୟାପକ ଜନଆନ୍ଦୋଳନ କରିବାକୁ ସମାବେଶରେ ନିଷ୍ପତ୍ତି ହୋଇଛି। ଦଳମତ ନିର୍ବିଶେଷରେ ଧାମନଗର ଓ ଚାନ୍ଦବାଲି ଅଞ୍ଚଳର ବନ୍ୟା ସୁରକ୍ଷା ପ୍ରସଙ୍ଗରେ ସମସ୍ତେ ଏକାଠି ହୋଇ ଦାବି ଉପସ୍ଥାପନ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ପ୍ରତିବାଦ ସଭାରେ ଗାନ୍ଧୀ ଜନ କଲ୍ୟାଣ ସମିତି ଆନୁକୂଲ୍ୟରେ ସଞ୍ଜୟ କୁମାର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷ୍ଣୁ ଚରଣ ଦାଶ, ପ୍ରମୋଦ ନାୟକ, ପ୍ରଭାତ ପଣ୍ଡା, ମାନସ ମହାପାତ୍ର, ପ୍ରମୋଦ ସ୍ୱାଇଁ, ରଜତ ପଣ୍ଡା, ମହେଶ୍ୱର ରାଉତ, ସେକ ମୁସ୍ତାକ, ସୁଶାନ୍ତ ପଣ୍ଡା, ଚିନ୍ତାମଣି ବାରିକ, ବୀରେନ୍ଦ୍ର ଦାଶ ଓ ଜାକେଶ ଦାଶ ସମେତ ଉପସ୍ଥିତ ଥିଲେ।

ବିପଦରେ ଘୁମୁରାର ଭବିଷ୍ୟତ ପ୍ରଶିକ୍ଷଣ କେନ୍ଦ୍ରରେ ଝୁଲୁଛି ତାଲା

କଳାହାଣ୍ଡି, ନ୍ୟୁଜ୍ ବ୍ୟୁରୋ

ଘୁମୁରା ନୃତ୍ୟର ପ୍ରଚାରପ୍ରସାର ଓ ନୂଆ ପିଢ଼ିକୁ ତାଲିମ ଦେବା ପାଇଁ ଖୋଲିଥିବା ପ୍ରଶିକ୍ଷଣ କେନ୍ଦ୍ରରେ ଏବେ ଝୁଲୁଛି ତାଲା। ଅନୁଦାନ ବନ୍ଦ ଯୋଗୁଁ ଅଟକିଯାଇଛି ତାଲିମ। ତେବେ କିଏ ବଞ୍ଚାଇବ କଳାହାଣ୍ଡିର ଏହି ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ? କଳାହାଣ୍ଡିର ଗର୍ବ ଘୁମୁରା। ନୂଆଁଖାଇଠାରୁ ଆରମ୍ଭ କରି ଖଣ୍ଡାବସା, ଛତର ଯାତ୍ରା, ଦଶହରା ଓ ବିଭିନ୍ନ ଜାନିଯାତ୍ରାରେ ଘୁମୁରାର ତାଳେତାଳେ ଝୁମିଉଠେ ଗାଁଗଣ୍ଡା। ଢୋଲର ତାଳରେ ଥରିଉଠେ ମାଟି। ଜାଗିଉଠେ କଳାହାଣ୍ଡିର ଅସ୍ମିତା। ଏହା କେବଳ ଏକ ଲୋକନୃତ୍ୟ ନୁହେଁ, ବରଂ କଳାହାଣ୍ଡିର ଗର୍ବ ଓ ପରିଚୟ। ଦେଢ଼ବର୍ଷ ବି ଠିକ୍‌ରେ ଚାଲିନଥିବ, ବନ୍ଦ ପଡ଼ିଛି ମା' ମାଣିକେଶ୍ୱରୀ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର। ୨୦୨୩ରେ ଭବାନୀପାଟଣାଠାରେ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏହାର ଉଦ୍‌ଘାଟନ କରାଯାଇଥିଲା। ଯୁବକଙ୍କୁ ତାଲିମ, ଡିପ୍ଲୋମା ପ୍ରମାଣପତ୍ର ଏବଂ ମାସିକ ୪ ହଜାର ଟଙ୍କା ଷ୍ଟାଇପେଣ୍ଡ୍ ଦେବାର ବ୍ୟବସ୍ଥା ଥିଲା। କିନ୍ତୁ ୨୦୨୪ ନଭେମ୍ବରରୁ ଅନୁଦାନ ଅଭାବରୁ ପ୍ରଶିକ୍ଷଣ କେନ୍ଦ୍ରରେ ଝୁଲୁଛି ତାଲା।


ପ୍ରଶିକ୍ଷଣ କେନ୍ଦ୍ର ବନ୍ଦ ରହିବାର ସିଧାସଳଖ ପ୍ରଭାବ ପଡ଼ିଛି ଘୁମୁରା କଳାକାରଙ୍କ ଜୀବନଜୀବିକା ଉପରେ। ଆର୍ଥିକ ପ୍ରୋତ୍ସାହନର ଅଭାବ ରହୁଛି। ନିଜ ପେଟପାଟଣା ପାଇଁ ସଂଘର୍ଷ କରୁଥିବା କଳାକାର ଇଚ୍ଛା ଥିଲେ ମଧ୍ୟ କଳାକୁ ପେଶା ଭାବେ ଗ୍ରହଣ କରିପାରୁନାହାନ୍ତି। ନୂଆପିଢ଼ିର ଯୁବକ ଘୁମୁରା ଦଳରେ ସାମିଲ ହେବାକୁ ଆଗ୍ରହ ଦେଖାଉନାହାନ୍ତି। ଯାହାକୁ ନେଇ ଚିନ୍ତା ବଢ଼ିଛି। କଳାହାଣ୍ଡିର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ କିଏ ବଞ୍ଚାଇବ ତାକୁ ନେଇ ଉଠିଲାଣି ପ୍ରଶ୍ନ। ଘୁମୁରାକୁ ବଞ୍ଚାଇବା ପାଇଁ ଏହାର ଇତିହାସ, ନୃତ୍ୟଶୈଳୀ ଉପରେ ଗବେଷଣା ସହ ପାଠ୍ୟପୁସ୍ତକରେ ଏହାକୁ ସ୍ଥାନ ଦେବାକୁ ଦାବି ହୋଇଛି। ଏଥିସହ ପ୍ରଶିକ୍ଷଣ କେନ୍ଦ୍ରର ପୁନଃ କାର୍ଯ୍ୟକ୍ଷମ, ଘୁମୁରା ଏକାଡେମୀ ସ୍ଥାପନ, ନୂଆପିଢ଼ିକୁ ତାଲିମ ଦେବା ପାଇଁ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରିବା ଜରୁରୀ। ନଚେତ୍ ଏହି ଲୋକକଳା ଆଗାମୀ ଦିନରେ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହୋଇପାରେ।



ଡ୍ରୋନ୍ ଖୋଜୁଛି ଗଞ୍ଜେଇ, ଅଫିମ ଚାଷ

ବଣାଇଁ ବନଖଣ୍ଡରେ ବନ ବିଭାଗର ସ୍ୱତନ୍ତ୍ର ଅଭିଯାନ

ରାଉରକେଲା, ନ୍ୟୁଜ୍ ବ୍ୟୁରୋ



ସୁନ୍ଦରଗଡ଼କୁ ନିଶାର ହବ୍ କରିଛନ୍ତି ପଡ଼ୋଶୀ ଝାଡ଼ଖଣ୍ଡର ନିଶା ମାଫିଆ। ଆଦିବାସୀଙ୍କ ସରଳତାର ଫାଇଦା ନେଇ ଉପାନ୍ତ ଅଞ୍ଚଳର ଜମି ହାତଉଛନ୍ତି। ସେଠାରେ ଗଞ୍ଜେଇ, ଅଫିମ ଚାଷ କରୁଛନ୍ତି। ଗଛ ଲଗାଇବାଠାରୁ ଫସଲ ଅମଳ ପର୍ଯ୍ୟନ୍ତ ଏଥିରେ ବିଧିବଦ୍ଧ ଭାବେ ଏକ ନେଟ୍‌ୱର୍କ କାମ କରୁଛି। ନିଶା ମାଫିଆଙ୍କ ଷଡ଼ଯନ୍ତ୍ର ପଦାରେ ପଡ଼ିବା ପରେ ବନ ବିଭାଗ ପକ୍ଷରୁ ବଣାଇଁ ବନଖଣ୍ଡରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ଘଞ୍ଚ ଜଙ୍ଗଲର ଆକାଶମାର୍ଗରେ ଡ୍ରୋନ୍ ବୁଲୁଛି। ବନ କର୍ମଚାରୀମାନେ ଗଞ୍ଜେଇ, ଅଫିମ ଚାଷ ଜମି ଠାବ କରିବାକୁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ବଣାଇଁ ଉପଖଣ୍ଡର ଲହୁଣିପଡ଼ା, ଗୁରୁଣ୍ଡିଆ, କୋଇଡ଼ାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିପୁଳ ପରିମାଣର ଅଫିମ ଚାଷ ହେବା ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ମାର୍ଚ୍ଚରେ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅଫିମ ଚାଷକୁ ନଷ୍ଟ କରାଯାଇଥିଲା। ନିଶା ମାଫିଆମାନେ ଗଞ୍ଜେଇ ଚାଷରେ ଭାଗ୍ୟ ପରଖିବାକୁ ମସୁଧା ଚଳାଇଥିବା ଜଣା ପଡ଼ିବାପରେ ବନ ବିଭାଗର ଚିନ୍ତା ବଢ଼ିଛି।

ଫସଲ ଅମଳ ପୂର୍ବରୁ ନଷ୍ଟ କରିବା ଉଦ୍ଦେଶ୍ୟରେ ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଡ୍ରାଇଭ। ଏଥିପାଇଁ ୮ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମ୍‌ରେ ୭ରୁ ୮ଜଣ କର୍ମଚାରୀ ଅଛନ୍ତି। ସମ୍ପୃକ୍ତ ଟିମ୍ ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଛି। ସେମାନେ ଘଞ୍ଚ ଜଙ୍ଗଲରେ ପଇଁତରା ମାରୁଛନ୍ତି। ହାତୀପଲ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା ସହ କରଡ଼ି ଚାଲାଣ ଏବଂ ନିଷିଦ୍ଧ ନିଶା ଦ୍ରବ୍ୟ ଚାଷ ରୋକିବାକୁ ପାଟ୍ରୋଲିଂ କରୁଛନ୍ତି। ଡ୍ରୋନ୍ ସହାୟତାରେ ଅଫିମ ଓ ଗଞ୍ଜେଇ ଚାଷ ରୋକିବା ଲାଗି କଡ଼ା ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ବଣାଇଁ ଡିଏଫ୍‌ଓ ଯଶୋବନ୍ତ ସେଠୀ।

ସୂଚନାଅନୁସାରେ, ଗତ ଫେବୃୟାରୀ ଓ ମାର୍ଚ୍ଚରେ ପଙ୍କଡ଼ିହି, ପୁଣ୍ଡୁପୋଖରୀ ଓ ନୂଆଟଙ୍ଗରା ସଂରକ୍ଷିତ ଜଙ୍ଗଲରୁ ଏକର ଏକର ଜମିରେ ହୋଇଥିବା ଅଫିମ ଚାଷ ଠାବ କରାଯାଇଥିଲା। ପୁଲିସ୍, ବନ ବିଭାଗ ଓ ଅବକାରୀ କର୍ମଚାରୀଙ୍କ ମିଳିତ ପ୍ରୟାସରେ ସେସବୁ ନଷ୍ଟ କରାଯାଇ ଥିଲା। ଏହି ଘଟଣାରେ ଝାଡ଼ଖଣ୍ଡ ଅଞ୍ଚଳର ଦୁଇ ଜଣ ଶ୍ରମିକ ଧରାପଡ଼ିଥିଲେ। ହେଲେ ମାଫିଆଙ୍କ ଟେର୍ ମିଳିନ ଥିଲା। ସାଧାରଣତଃ ବର୍ଷା ପରେ ଅର୍ଥାତ୍ ଅକ୍ଟୋବର ଶେଷ ବେଳକୁ ଝାଡ଼ଖଣ୍ଡର ନିଶା ମାଫିଆ ବଣାଇଁ ବନଖଣ୍ଡ ଅଞ୍ଚଳରେ ଡେରା ପକାଇ ଥାନ୍ତି। ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଚାରା ଉତ୍ପାଦନ, ରୋପଣ ଆଦି କାର୍ଯ୍ୟ କରିଥାନ୍ତି। ଗଛ ଉତ୍ପାଦନକ୍ଷମ ହେବା ପର୍ଯ୍ୟନ୍ତ ସେମାନେ ଟିକିନିକି ଖବର ରଖିଥାନ୍ତି। ବାହାର ବଜାରରେ ନିଶାର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ବେଳେ ନିଶା ମାଫିଆ ପ୍ରଚୁର ଲାଭ ଉଠାଉଛନ୍ତି। କିନ୍ତୁ ଏଭଳି ଅନ୍ତଃରାଜ୍ୟ ରାକେଟର ମୂଳୋତ୍ପାଟନ ସହ ଝାଡ଼ଖଣ୍ଡର ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିବାକୁ ଏବେ ବନ ବିଭାଗ ପ୍ରୟାସ ଆରମ୍ଭ କରିଛି।

ବିବାଦ ଘେରରେ ବାଲେଶ୍ୱର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ : ହନ୍ତସନ୍ତ ହେଉଛନ୍ତି ଯାତ୍ରୀ

ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ



ବିଲ୍ଡିଂ ଚକାଚକ୍, ହେଲେ ବ୍ୟବସ୍ଥା କୋମାରେ। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅତ୍ୟାଧୁନିକ ଘର ନିର୍ମାଣ ହୋଇଛି ହେଲେ ତାହା କାମରେ ଆସୁନାହିଁ। ଦୁଇ ସଂଘର ବିବାଦରୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ। ଯାତ୍ରୀଙ୍କ ସ୍ୱାର୍ଥରେ ନିର୍ମାଣ ହୋଇଥିବା ବସ୍‌ଷ୍ଟାଣ୍ଡ ଏବେ ପାଲଟିଛି ବାଇକ୍ ଷ୍ଟାଣ୍ଡ।

ବିବାଦ ଘେରରେ ବାଲେଶ୍ୱର ବସ୍‌ଷ୍ଟାଣ୍ଡ। ୩ ବର୍ଷ ହେଲା ବସ୍ ଷ୍ଟାଣ୍ଡର କାମ ସରିଲାଣି। ହେଲେ ଏଯାବତ୍ ସୁଧୁରିଲାନି ବ୍ୟବସ୍ଥା। ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ଯାତ୍ରୀ। ଟିକେଟ୍ କାଉଣ୍ଟର ଓ ପ୍ରତୀକ୍ଷାଳୟ କକ୍ଷରେ ଝୁଲୁଛି ତାଲା। ବିଦ୍ୟୁତ ସଂଯୋଗ ସାତ ସପନ ପାଲଟିଛି। ବସ୍ ଷ୍ଟାଣ୍ଡ ପରିସରରେ ଜମା ହୋଇଛି କୁଢ଼ କୁଢ଼ ଅଳିଆ। ଦୁର୍ଗନ୍ଧରେ ଫାଟିପଡୁଛି ସମଗ୍ର ପରିବେଶ। ଶୌଚାଳୟ କଥା ନ କହିବା ଭଲ। ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷା ପାଇଁ ୨୦୨୩ ମସିହାରେ ୯ କୋଟି ୬୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପ୍ରସ୍ତୁତ ହୋଇଥିଲା ବାଲେଶ୍ୱରର ଏହି ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ। କାମ ସରିବା ପରେ ଏହାକୁ ପ୍ରଥମେ ବାଲେଶ୍ୱର ପୌରପାଳିକା ଓ ପରେ ଓଏସ୍‌ଆରଟିସିକୁ ହସ୍ତାନ୍ତର କରାଯାଇଛି। ମାତ୍ର ଦୁଇ ବସ୍ ମାଲିକ ସଂଘର ବିବାଦରୁ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଫଳରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ।

ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଉନଥିବାରୁ ଲୋକମାନେ ଏହାକୁ ବାଇକ୍ ଷ୍ଟାଣ୍ଡ କରିସାରିଲେଣି। ବିଦ୍ୟୁତ ସଂଯୋଗ ନଥିବାରୁ ଲୋକେ ଗରମରେ ବାହାରେ ବସି ରହୁଛନ୍ତି। ଦୁଇ ବସ୍ ମାଲିକ ସଂଘ ପକ୍ଷରୁ ଦୁଇଟି ଅସ୍ଥାୟୀ କ୍ୟାମ୍ପ କରାଯାଇ ଟିକେଟ୍ କଟାଯାଉଛି। ବସ୍‌ଷ୍ଟାଣ୍ଡ ପରିସରରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି। ଫଳରେ ପରିବେଶ ଦୁର୍ଗନ୍ଧମୟ ହୋଇଯାଇଛି। ଯାହାର ପ୍ରତିବାଦରେ ଜନନୀ ପରିବାର ଟ୍ରଷ୍ଟର ସଦସ୍ୟମାନେ ବସ୍‌ଷ୍ଟାଣ୍ଡ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଅପରପକ୍ଷେ ସଦର ବିଧାୟକ କହିଛନ୍ତି କୋର୍ଟର କଟକଣା ପାଇଁ ପ୍ରଶାସନ ଓ ସରକାରୀ ବ୍ୟବସ୍ଥା ଚୁପ୍। ସବୁ ବ୍ୟବସ୍ଥିତ କରିବାକୁ ଇଚ୍ଛା ଥାଇ ମଧ୍ୟ ଆମେ କିଛି କରିପାରୁନାହୁଁ।

ଅଧାରେ ଓଭରବ୍ରିଜ୍ କାମ : ଯନ୍ତ୍ରଣା ଭୋଗୁଛନ୍ତି ଲୋକେ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ଅଧାପନ୍ତରିଆ ଓଭରବ୍ରିଜ୍ କାମ, ଧୂଳି ଧୂଆଁରେ ଅଣନିଃଶ୍ୱାସୀ ସହରବାସୀ। ସମ୍ବଲପୁରର ଅଇଁଠାପାଲି ଓଭରବ୍ରିଜ୍ ନିର୍ମାଣକୁ ନେଇ ବଢ଼ୁଛି ଅସନ୍ତୋଷ। ୨୦୨୪ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର କାମ ୨୦୨୬ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରହିଥିଲା। ହେଲେ ଧାର୍ଯ୍ୟ ସମୟ ପାଖେଇ ଆସୁଥିବା ବେଳେ ଏଯାଏଁ ମାତ୍ର ୫୦ ପ୍ରତିଶତ କାମ ସରିଛି। ଫଳରେ ନିର୍ମାଣ କାମ କେବେ ସରିବ, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସହରବାସୀ। ସମ୍ବଲପୁରର ରେମେଡ ଛକରୁ ଅଇଁଠାପାଲି ଛକ ଯାଏଁ ମାତ୍ର ୩ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ଲାଗୁଛି ଘଣ୍ଟା ଘଣ୍ଟା ସମୟ। ରାସ୍ତାର ଅବସ୍ଥା ଏପରି ଯେ ଧୂଳିରେ ଆଖି ଖୋଲିବା ମୁସ୍କିଲ୍। ମାସ୍କ କିମ୍ବା ଗାମୁଛା ନବାନ୍ଧି ଯାତାୟାତ କଲେ ଲୋକେ ଅସୁବିଧାରେ ପଡୁଛନ୍ତି। କେଉଁଠି ଭଙ୍ଗା ରାସ୍ତା ତ ଆଉ କେଉଁଠି ସଂକୀର୍ଣ୍ଣ ହିଡ଼ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାନବାହନ ଚଳାଚଳ କରୁଛି। ଅନ୍ୟପଟେ ଅଇଁଠାପାଲି ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ରାସ୍ତାରେ ନିୟମିତ ପାଣି ଛିଞ୍ଚି ଧୂଳି ନିୟନ୍ତ୍ରଣ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଥିଲେ ମଧ୍ୟ ଏହାର ଉପଯୁକ୍ତ ପାଳନ ହେଉନଥିବା ଅଭିଯୋଗ ହୋଇଛି। ଏନ୍‌ଏଚ୍‌ଏଆଇ ଓ ସମ୍ପୃକ୍ତ ଠିକାସଂସ୍ଥାର କାର୍ଯ୍ୟକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି।

ଲୋକଙ୍କ ଅସନ୍ତୋଷ ବଢୁଥିବାରୁ ନିର୍ମାଣ କାମର ତଦାରଖ ପାଇଁ ଜିଲ୍ଲାପାଳ ଦୁଇ ଜଣ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ଏବେ ସହରବାସୀଙ୍କ ଅପେକ୍ଷା, କେବେ ଶେଷ ହେବ ଓଭରବ୍ରିଜ୍ କାମ ଏବଂ କେବେ ମିଳିବ ଦୈନନ୍ଦିନ ଯାତାୟାତ ଯନ୍ତ୍ରଣାରୁ ମୁକ୍ତି।

କନ୍ଧମାଳରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର : ଡାକ୍ତର ନାହାନ୍ତି, ମିଳୁଛି ଏକ୍ସପାଏରୀ ଔଷଧ



ଫିରିଙ୍ଗିଆ, ନ୍ୟୁଜ୍ ବ୍ୟୁରୋ

ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର। ନାହାଁନ୍ତି ଡାକ୍ତର, ନର୍ସ କି ସ୍ୱାସ୍ଥ୍ୟ କର୍ମଚାରୀ। ରୋଗୀଙ୍କୁ ବଣ୍ଟାଯାଉଛି ଏକ୍ସପାରି ମେଡିସିନ୍। ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇବା ପାଇଁ ସରକାରୀ ତହବିଲ୍‌ରୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କାର ରାଜସ୍ୱ। ଗାଁ ଗାଁରେ ତିଆରି ହେଉଛି ସ୍ୱାସ୍ଥ୍ୟକେନ୍ଦ୍ର ଓ ଆରୋଗ୍ୟ ମନ୍ଦିର। କେବଳ ଭିତ୍ତିଭୂମି ତିଆରି ହେଉଛି ସତ ହେଲେ ଏହାକୁ ଚଳାଇବାକୁ ମାନସମ୍ବଳ ରହୁନାହାନ୍ତି।

ଭାତ ହାଣ୍ଡିରୁ ଗୋଟିଏ ଚାଉଳ ଭଳି କନ୍ଧମାଳ ଫିରିଙ୍ଗିଆ ବ୍ଲକ ପାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରୁ କିଛି ଏଭଳି ଚିତ୍ର ସାମ୍ନାକୁ ଆସିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ୪ଟି ପଞ୍ଚାୟତର ହଜାର ହଜାର ରୋଗୀ ନିର୍ଭରଶୀଳ। ତେବେ ଏଠାରେ ଡାକ୍ତର କି ଫାର୍ମାସିଷ୍ଟ ନଥିବା ବେଳେ ସ୍ୱାସ୍ଥ୍ୟକର୍ମୀ ଓ ଝାଡୁଦାରରେ ଚିକିତ୍ସା ଚାଲିଛି। ଅନ୍ୟ ଏକ ସ୍ଥାନରୁ ଏଠାକୁ ଡେପୁଟେସନ୍‌ରେ ଆସିଥିବା ମ୍ୟାଲେରିଆ ସ୍ୱାସ୍ଥ୍ୟ କର୍ମୀ ହିଁ ରୋଗୀଙ୍କ ବ୍ଲଡ୍‌ପ୍ରେସର, ସୁଗର ଲେଭେଲ୍ ଚେକ୍ କରୁଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କ୍ୱାର୍ଟର ନିର୍ମାଣ କରାଯାଇଥିଲେ ମଧ୍ୟ ଏହା ଫାଙ୍କା ପଡ଼ିଛି। କେବଳ କର୍ମଚାରୀର ଅଭାବ ନୁହେଁ, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଏକ୍ସପାରି ମେଡିସିନ୍ ବଣ୍ଟନ କରାଯାଉଛି। ତାରିଖ ଗଡ଼ି ଯାଇଥିବା ଔଷଧକୁ ନୀରିହ ଆଦିବାସୀ ବଣ୍ଟାଯାଇ ସେମାନଙ୍କ ଜୀବନ ସହ ଖେଳ ଖେଳା ଯାଉଥିବା ଅଭିଯୋଗ କରାଯାଇଛି। ଆଦିବାସୀ ବହୁଳ ଏହି ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ଓ ନିୟମିତ ଚିକିତ୍ସା ସେବା ଯୋଗାଇ ଦେବାକୁ ଦାବି ଉଠିଛି।

ଜୟପୁର ମୁଖ୍ୟ ଡାକଘର ସ୍ଥାନାନ୍ତର ପ୍ରସ୍ତାବକୁ ନାଗରିକ କମିଟିର ବିରୋଧ


ଜୟପୁର, ନ୍ୟୁଜ୍ ବ୍ୟୁରୋ

ଅବିଭକ୍ତ କୋରାପୁଟ ଜିଲ୍ଲାର ବାଣିଜ୍ୟକ ଓ ବ୍ୟବସାୟିକ ପ୍ରାଣକେନ୍ଦ୍ର ଜୟପୁର ସହରରୁ ବହୁ ପୁରାତନ ମୁଖ୍ୟ ଡାକଘର ଓ ଡାକ ଡିଭିଜନାଲ୍ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଡାକ ବିଭାଗ ପକ୍ଷରୁ ଚାଲିଥିବା ପ୍ରକ୍ରିୟାକୁ ନାଗରିକ କମିଟି ବିରୋଧ କରିଛି। ଜୟପୁର ଠାରେ ନାଗରିକ କମିଟି ଏକ ସାମ୍ବାଦିକ ସମ୍ମିଳନୀ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି ସଭାପତି ବିନୋଦିନୀ ସନ୍ତାପାତ୍ର। ପ୍ରଶାସନିକ ସୁବିଧା ପାଇଁ ନୂତନ ନବରଙ୍ଗପୁର ଡାକ ଡିଭିଜନ ଗଠନକୁ ସ୍ୱାଗତ କରାଯାଉଥିଲେ ହେଁ, ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରମୁଖ ସହର ଜୟପୁରରୁ ପୁରୁଣା ଓ ପ୍ରତିଷ୍ଠିତ ଡାକ ସେବା କେନ୍ଦ୍ରଗୁଡ଼ିକୁ ଛଡ଼ାଇ ନେବା ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଏବଂ ସହରର ଗୌରବ ଉପରେ ଚରମ ଆଘାତ ବୋଲି 'ଜୟପୁର ନାଗରିକ କମିଟି' ଅଭିଯୋଗ କରିଛି। ଏହି ନିଷ୍ପତ୍ତିର ତୁରନ୍ତ ପୁନର୍ବିଚାର ପାଇଁ ନୂଆଦିଲ୍ଲୀସ୍ଥିତ ଭାରତୀୟ ଡାକ ବିଭାଗର ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ଡାକ ସର୍କଲ ପ୍ରଶାସନ ପକ୍ଷରୁ ନଭେମ୍ବର ୧ ତାରିଖରୁ ନୂଆ ନବରଙ୍ଗପୁର ଡାକ ଡିଭିଜନ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ଯୋଜନା ଅନୁଯାୟୀ, ବର୍ତ୍ତମାନ କୋରାପୁଟ ଡିଭିଜନ ଅଧୀନରେ ଥିବା ଜୟପୁର ମୁଖ୍ୟ ଡାକଘରକୁ ନବରଙ୍ଗପୁର ଡିଭିଜନ ଅଧୀନକୁ ନିଆଯିବା ସହ ଜୟପୁରରେ ଥିବା କୋରାପୁଟ ପୋଷ୍ଟାଲ୍ ଡିଭିଜନାଲ୍ ଅଫିସକୁ କୋରାପୁଟକୁ ସ୍ଥାନାନ୍ତର କରାଯିବ। ଏହା ବ୍ୟତୀତ ଜୟପୁର ପୌରାଞ୍ଚଳର ଶ୍ରୀରାମ ନଗର, ବି.ଡି. ପୁର ଏବଂ ସିଭିଲ୍ କୋର୍ଟ ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ଉପ-ଡାକଘରକୁ ମଧ୍ୟ ନବରଙ୍ଗପୁର ଡିଭିଜନ ଅଧୀନରେ ସାମିଲ କରାଯିବାକୁ ପ୍ରସ୍ତାବ ରହିଛି। ଏହା ଦ୍ୱାରା ସହର ତଥା ଗ୍ରାମାଞ୍ଚଳର ବରିଷ୍ଠ ନାଗରିକ, ପେନସନଭୋଗୀ, ବ୍ୟବସାୟୀ ଏବଂ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେବେ ବୋଲି କମିଟି ଅଭିଯୋଗ କରିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଜୟପୁର ସହର କ୍ରମାଗତ ଭାବେ ନିଜର ଗାରିମା ଓ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ହରାଇବାକୁ ବସିଛି। ପୂର୍ବରୁ ଜୟପୁର ଆକାଶବାଣୀ କେନ୍ଦ୍ରର ମର୍ଯ୍ୟାଦା ହ୍ରାସ କରାଯାଇଛି ଏବଂ ଅନେକ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରି ସହରର ଗୁରୁତ୍ୱକୁ କ୍ଷୁଣ୍ଣ କରାଯାଉଛି। ରେଳଷ୍ଟେସନରେ ଥିବା ଆରଏମ୍‌ଏସ୍ ସେବାକୁ ସହର ଭିତରକୁ ଆଣିବା, ଟାଉନ୍ ବସ୍ ଚଳାଚଳ ତଥା ମ୍ୟୁନିସିପାଲିଟି ଅଧୀନରେ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟାଳୟ ଫେରାଇ ଆଣିବା ଭଳି ଜନହିତକର ଦାବି ପ୍ରତି ପ୍ରଶାସନ କର୍ଣ୍ଣପାତ କରୁନାହିଁ ବୋଲି ଅଭିଯୋଗ କରିଛି। ଡାକ ବିଭାଗ ନିକଟରେ ଉପସ୍ଥାପିତ ମୁଖ୍ୟ ୩ଟି ଦାବି ଅନୁଯାୟୀ, ଜୟପୁର ମୁଖ୍ୟ ଡାକଘରକୁ ନବରଙ୍ଗପୁର ଡିଭିଜନରେ ସାମିଲ ନକରି ପୂର୍ବଭଳି ଜୟପୁରରେ ହିଁ କୋରାପୁଟ ଡିଭିଜନ ଅଧୀନରେ ରଖାଯାଉ। ଜୟପୁରରେ କାର୍ଯ୍ୟରତ ଡାକ ଡିଭିଜନାଲ୍ କାର୍ଯ୍ୟାଳୟକୁ କୋରାପୁଟ ସ୍ଥାନାନ୍ତର ନକରି ଜୟପୁରରେ ହିଁ ଅକ୍ଷୁଣ୍ଣ ରଖାଯାଉ। ଜୟପୁର ସହରର ତିନୋଟି ଯାକ ଉପ-ଡାକଘର ଶ୍ରୀରାମ ନଗର, ବି.ଡି. ପୁର ଓ ସିଭିଲ୍ କୋର୍ଟ କେବଳ କୋରାପୁଟ ଡିଭିଜନ ଅଧୀନରେ କାର୍ଯ୍ୟ କରିବାକୁ ଦାବି କରାଯାଇଛି। ଏହି ପ୍ରସଙ୍ଗରେ କୋରାପୁଟ ଡିଭିଜନର ବରିଷ୍ଠ ଡାକ ଅଧୀକ୍ଷକଙ୍କୁ ମଧ୍ୟ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି। ଜୟପୁର ସହରବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗ ଏହି ନିଷ୍ପତ୍ତିର ପୁନର୍ବିଚାର ନକଲେ ଆଗାମୀ ଦିନରେ ଜନଆନ୍ଦୋଳନ ଗଢ଼ି ତୋଳିବାକୁ କମିଟି ଚେତାବନୀ ଦେଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନାଗରିକ କମିଟିର ସଭାନେତ୍ରୀ ବିନୋଦିନୀ ସାନ୍ତାପାତ୍ର, ଉପସଭାପତି ଦେବେନ୍ଦ୍ର ବାହିନୀପତି, ସାଧାରଣ ସମ୍ପାଦକ ଜି. ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ରବିନାରାୟଣ ନନ୍ଦ, ସୁବାଷ ଚନ୍ଦ୍ର ପଣ୍ଡା, ନୀଳାଞ୍ଚଳ ପ୍ରଧାନ, ଭବାନୀ ଚରଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଚାଷୀଙ୍କ ପିଛା ଛାଡୁନି ଦୁର୍ଦ୍ଦଶା : କେବେ ବନ୍ୟା ତ କେବେ ମରୁଡ଼ି

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

କେତେବେଳେ ଅଦିନିଆ ବର୍ଷା ତ ଆଉ କେତେବେଳେ ଟାଇଁ ଟାଇଁ ଖରା। ପାଣିପାଗର ଅସ୍ଥିରତା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। କିଛି ଦିନ ତଳେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଫସଲ ନଷ୍ଟ ହୋଇଥିବା ବେଳେ ଏବେ ବର୍ଷା ଅଭାବରୁ ଦେଖାଦେଇଛି ମରୁଡ଼ି ଆଶଙ୍କା। ପାଣି ଅଭାବରୁ ଚାଷ ଜମି ଫାଟି ଆଁ କଲାଣି। ଜମିରେ ଆବଶ୍ୟକ ଆର୍ଦ୍ରତା ନଥିବାରୁ ଫସଲର ବୃଦ୍ଧି ବାଧାପ୍ରାପ୍ତ ହେଉଛି। ଫଳରେ ଅମଳ ହ୍ରାସ ପାଇବା ଆଶଙ୍କାରେ ଚାଷୀ ଚିନ୍ତାରେ ପଡ଼ିଛି। ପ୍ରକୃତିର ଏଭଳି ଦାଉରେ ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲିବାକୁ ବସିଛି। କେବେ ଅତିରିକ୍ତ ବର୍ଷା ତ କେବେ ଅନାବୃଷ୍ଟି – ପାଣିପାଗର ଏହି ଅନିଶ୍ଚିତତା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଫସଲ ବଞ୍ଚାଇବା ପାଇଁ ଏବେ ବର୍ଷାକୁ ଅପେକ୍ଷା କରି ରହିଛି ଚାଷୀ।



ଅର୍ଥକରୀ ଫସଲରୁ ମିଳୁନି ଆୟ : ନଳିତା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

ମାର୍ଶାଘାଇ, ନ୍ୟୁଜ୍ ବ୍ୟୁରୋ



ଅର୍ଥକରୀ ଫସଲରୁ ମିଳୁନି ଆୟ। ନଳିତା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ଦିନ ଥିଲା କେନ୍ଦ୍ରାପଡ଼ା ଜିଲ୍ଲା ନଳିତା ଚାଷରେ ଅଗ୍ରଣୀ ରହିଥିଲା, ମାର୍ଶାଘାଇ ବ୍ଲକ ସାଜିଥିଲା ନଳିତା ଚାଷର ପେଣ୍ଠସ୍ଥଳ। ବ୍ଲକର ବଛରେଇ, ମେହେନ୍ଦି ନଗର, ଆୟିତିପୁର ଓ ବନ୍ଧକଟା ଗାଁର ହଜାର ହଜାର ହେକ୍ଟର ଜମିରେ ନଳିତା ଚାଷ କରାଯାଉଥିଲା। ଝୋଟ ଉତ୍ପାଦନ କରି ଚାଷୀ ଭଲ ଦୁଇ ପଇସା ରୋଜଗାର କରୁଥିଲେ। ତେବେ ବର୍ତ୍ତମାନ ବଜାର ମୂଲ୍ୟ ହ୍ରାସ ଏବଂ ସରକାରୀ ପ୍ରୋତ୍ସାହନ ଅଭାବରୁ କ୍ଷତିଗ୍ରସ୍ତ ହେବାପରେ ନଳିତା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ୨୦୧୫ ପୂର୍ବରୁ ଝୋଟ କ୍ୱିଣ୍ଟାଲ୍ ପିଛା ପ୍ରାୟ ୭ହଜାର ଟଙ୍କାରେ ବିକ୍ରି ହେଉଥିଲା। ଯାହା ୨୦୨୨ରୁ ୨୦୨୩ ମସିହା ବେଳକୁ ପ୍ରାୟ ୪ହଜାର ୪୦୦ଟଙ୍କାକୁ ଖସିଆସିଥିଲା। ଫଳରେ ଖର୍ଚ୍ଚ ତୁଳନାରେ ମୂଲ୍ୟ କମିଯିବା ଯୋଗୁଁ ଚାଷ ବନ୍ଦ କରିବାକୁ ବାଧ୍ୟ ହେଲୁ ବୋଲି କହିଛନ୍ତି ଚାଷୀ।

ଓଡ଼ିଶାରେ ଝୋଟ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ୫ ବର୍ଷିଆ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ଯାହା ପାଇଁ ୨୬୦୮.୦୯ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। କେବଳ କଞ୍ଚାମାଲ ଉତ୍ପାଦନ ନୁହେଁ, ବରଂ ଝୋଟରୁ ବିଭିନ୍ନ ପରିବେଶ ଅନୁକୂଳ ସାମଗ୍ରୀ ତିଆରି କରିବା ପାଇଁ କୃଷକ ଉତ୍ପାଦକ ସଂଗଠନ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଦକ୍ଷତା ବିକାଶ କରାଯାଉଛି।

ମିଶନ ଶକ୍ତି ବିଭାଗ ଏବଂ ହସ୍ତଶିଳ୍ପ ବିଭାଗ ଜରିଆରେ ମହିଳା ଗୋଷ୍ଠୀଗୁଡ଼ିକୁ ଝୋଟ ବ୍ୟାଗ୍, ଫାଇଲ୍ ଏବଂ ଅନ୍ୟାନ୍ୟ ହସ୍ତଶିଳ୍ପ ପ୍ରସ୍ତୁତି ପାଇଁ ଷ୍ଟାର୍ଟଅପ୍ ଗ୍ରାଣ୍ଟ ଓ ସେଲିଂ ମେସିନ୍ ସହ ଅନ୍ୟାନ୍ୟ ଯନ୍ତ୍ରପାତି କିଣିବାକୁ ସହାୟତା ମିଳୁଛି। ଏତେ ସବୁ ପରେ ବି କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀ କାହିଁକି ନଳିତା ଚାଷରୁ ମୁହଁ ଫେରାଉଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଅର୍ଥକାରୀ ଫସଲ ଭାବରେ ଚାଷୀର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରୁଥିବା ନଳିତା ଚାଷ କରିବାକୁ କିପରି ଚାଷୀମାନେ ପୁଣିଥରେ ଆଗ୍ରହ ପ୍ରକାଶ କରିବେ ତାକୁ ନେଇ ସରକାରଙ୍କୁ ବ୍ଲୁପ୍ରିଣ୍ଟ୍ କରିବାର ଆବଶ୍ୟକତା ରହିଛି।

ମାଟି ତଳୁ ବାହାରିଲା ମା' ମାଣିକେଶ୍ୱରୀଙ୍କ ପ୍ରତିମା

ଜୟପୁର, ନ୍ୟୁଜ୍ ବ୍ୟୁରୋ

ଜୟପୁର ସହରରେ ଆଧାତ୍ମିକ ପରିବେଶ। ମାଟି ତଳୁ ମା' ମାଣିକେଶ୍ୱରୀଙ୍କ ପ୍ରତିମା ମିଳିବା ପରେ ନୂଆ ସାହି ଦ୍ୱିତୀୟ ଗଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ମାଟି ତଳେ ମା'ଙ୍କ ପ୍ରତିମା ରହିଥିବା ନେଇ ସ୍ୱପ୍ନାଦେଶ ହୋଇଥିଲା। ଗତ ସପ୍ତାହ ଶନିବାର ଦିନ ଜଣେ ଯୁବତୀଙ୍କ ଦେହରେ ମା' ବିରାଜମାନ ହୋଇଥିବା ଦାବି କରାଯାଉଛି। ଏହାପରେ ମା'ଙ୍କ ଆଦେଶ ଅନୁସାରେ ଶନିବାର ମଧ୍ୟରାତ୍ରିରେ ଘର ଭିତରେ ମାଟି ଖୋଳା ଯାଇଥିଲା। ଆଉ ସେଠାରୁ ମା' ମାଣିକେଶ୍ୱରୀଙ୍କ ପ୍ରତିମା ମିଳିଥିବା କୁହାଯାଉଛି। ପ୍ରତିମା ମିଳିବା ପରେ ସାହିର ମହିଳାମାନେ ଏକାଠି ହୋଇ ମା'ଙ୍କ ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କ ପ୍ରତିମା ମିଳିବା ଘଟଣାକୁ ନେଇ ଏବେ ସମଗ୍ର ସାହିରେ ଆଧାତ୍ମିକ ମାହୋଲ ସୃଷ୍ଟି ହୋଇଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ନଭେମ୍ବର ୨୦୨୬ ମଙ୍ଗଳବାର



ରେଳୱେ ଓଭରବ୍ରିଜ୍ ରାସ୍ତା ଶୋଚନୀୟ:ଗାଡ଼ି ଚଳାଚଳରେ ବାଧା

ଯୋଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲା ଯୋଡ଼ା ପଳାଶପଙ୍ଗା ରାଜପଥର ବଂଶପାଣି ଠାରେ ଥିବା ରେଲୱେ ଓଭରବ୍ରିଜ୍ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ସାମାନ୍ୟ ବର୍ଷାରେ ପୋଲ ଭିତରେ ପାଣି ଜମି ଖାଲ ସୃଷ୍ଟି ହେବା ଯୋଗୁଁ ଗାଡି ଚଳାଚଳରେ ବାଧା ଉପୁଜିଛି। ଖବର ନେବାରୁ ଜଣାପଡିଛି ଯେ, ଦକ୍ଷିଣ-ପୂର୍ବ ରେଳପଥର ବାଂଶପାଣି ରେଳ ଷ୍ଟେସନ୍‌ରୁ ଜୁରୁଡି ରେଳ ଷ୍ଟେସନ୍ ଦେଇ ରେଳ ଚଳାଚଳ ହୋଇଥାଏ । ରେଳ ଧାରଣାର ବାଂଶପାଣି ନିକଟରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ହୋଇଛି । ଏହି ଓଭରବ୍ରିଜ୍ ତଳେ ଦେଇ ଯାଉଥିବା ରାଜ୍ୟ ରାଜ ପଥ ନଂ୨ରେ ହଜାର ହଜାର ଖଣିଜ ବୋଝେଇ ଟ୍ରକ୍ ଚଳାଚଳ କରୁଛନ୍ତି । ହେଲେ ଏହା ମରାମତି ଅଭାବରୁ ପୋଲରୁ ପ୍ରାୟ ଏକ ଶହ ମିଟର ଦୂର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏହା ସହିତ ପୋଲଟି ଦୀର୍ଘ ଦିନ ହେବ ସଂକୀର୍ଣ୍ଣ ହୋଇପଡିଛି । ବର୍ଷା ଦିନରେ ପୋଲରେ ପାଣି ଜମି ପୋଖରୀ ସଦୃଶ ହୋଇପଡିଛି । ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ପାଣି ଜମି ଖାଲ ସୃଷ୍ଟି ହୋଇଛି। ଏହି ଖାଲରେ ଅନେକ ସମୟରେ ଛୋଟ ବଡ ଯାନବାହାନ ଫସି ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି । ଖଣିଜ ବୋଝେଇ ଭାରୀଯାନ ଅହରହ ଚଳାଚଳ କରୁଥିବାରୁ ଏବଂ ମରାମତି ପ୍ରତି ଦୃଷ୍ଟି ଦିଆଯାଉନଥିବାରୁ ଦିନକୁ ଦିନ ଏହି ରାସ୍ତା ଖରାପ ହେବାରେ ଲାଗିଛି । ଏହି ରାସ୍ତା ଦେଇ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ମାନଙ୍କର ଶହ ଶହ ଖଣିଜ ବୋଝେଇ ଟ୍ରକ୍ ଚଳାଚଳ କରୁଛନ୍ତି । ହେଲେ ଏହି ରାସ୍ତାର ମରାମତି ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ଉକ୍ତ ଓଭରବ୍ରିଜ୍‌ରୁ କମାର ଯୋଡା ଫ୍ଲାଏ ଓଭର୍ ପର୍ଯ୍ୟନ୍ତ ରାସ୍ତା ମରାମତି ଅଭାବରୁ ଯାନବାହାନ ଚଳାଚଳରେ ନାହିଁନଥିବା ସମସ୍ୟା ସୃଷ୍ଟି ହୋଇଛି। ଖାଲ ରାସ୍ତାରେ ଛୋଟ ଯାନବାହାନ ଓ ବାଇକ୍ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତାର ମରାମତି ପ୍ରତି ଦୃଷ୍ଟି ଦେଉନଥିବାରୁ ଗାଡି ଚଳାଚଳ ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି । ଜିଲ୍ଲା ଖଣିଜ ପାଣ୍ଠିରେ କୋଟି କୋଟି ଟଙ୍କା ଗଚ୍ଛିତ ଥିବାବେଳେ ଯୋଡା ସହରକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତା ପ୍ରତି ପ୍ରଶାସନର ନଜର ନପଡିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି । ଏହି ରାଜ୍ୟ ରାଜ ପଥକୁ ୬ ଲେନ୍ ନିର୍ମାଣ ପାଇଁ ସରକାର କରିଥିବା ଘୋଷଣା ଏକ ପ୍ରହସନରେ ପରିଣତ ହୋଇଛି। ୬ ଲେନ୍ ନିର୍ମାଣ ତ ଦୂରର କଥା ସାଧାରଣ ଗମନାଗମନ ପାଇଁ ରାସ୍ତାର ମରାମତି କରାଯାଉନାହିଁ। ଯାହାକୁ ନେଇ ଯୋଡ଼ା ଖଣି ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି ।



ଭିଡ଼ରେ ଫସିରହିଲା ଆମ୍ବୁଲାନ୍ସ:ରୋଗୀ ଛଟପଟ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରୋଗୀ ନେଇ କଟକ ଯାଉଥିବା ଏକ ଆମ୍ବୁଲାନ୍ସ ଗାଡି ଗୋପହାଟ ଠାରେ ରବିବାର ଦିନ ଟ୍ରକ୍ ପଛରେ ଫସିଯିବାରୁ ପ୍ରାୟ ୧ ଘଣ୍ଟା କାଳ ଛିଡା ହୋଇ ରହି ସାଇରନ୍ ବଜାଇଥିଲା। କିନ୍ତୁ ହାଟରେ ଏତେ ଭିଡ ଥିଲା ଯେ ଆମ୍ବୁଲାନ୍ସ ବାହାରିବାକୁ ଏକ ଘଣ୍ଟା କାଳ ଲାଗିଥିଲା। ଆମ୍ବୁଲାନ୍ସ ଭିତରେ ଥିବା ରୋଗୀଟି ଯନ୍ତ୍ରଣାରେ ଛଟପଟ ହେଉଥିଲେ। ହାଟକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଅଧିକାଂଶ ସମୟ ଗାଡି ଜାମ୍ ହୋଇ ରହୁଛି। ଫଳରେ ଜରୁରୀ କାଳୀନ ଗାଡିଗୁଡିକ ସେବା ଯୋଗାଇ ନପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଗୁରୁବାର ଓ ରବିବାର ପୋଲିସ ଓ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଉପସ୍ଥିତ ରହି ହାଟକୁ ନିୟନ୍ତ୍ରଣ କରିବା ସହିତ ବ୍ୟବସାୟୀମାନଙ୍କୁ ସେଠାରୁ ସ୍ଥାନାନ୍ତର କରି ଗାଡି ଯିବା ଆସିବା ପାଇଁ ରାସ୍ତାକୁ ଭିଡରୁ ମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।



ଲକ୍ଷ୍ମୀ ପୂଜା ଅବସରରେ ୨୦,୦୦୮ ଦୀପଯଜ୍ଞ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଏନ୍‌ଏସି ଛକରେ ଲକ୍ଷ୍ମୀପୂଜା କମିଟି ତରଫରୁ ଅନୁଷ୍ଠିତ ହୋଇଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ଶନିବାର ସନ୍ଧ୍ୟାରେ ୨୦,୦୦୮ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମା’ ମହାଲକ୍ଷ୍ମୀଙ୍କ ନିକଟରେ ସନ୍ଧ୍ୟା ଆଳତୀ କରାଯାଇ ଏକ ବଡ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ତୋରଣ ପାର୍ଶ୍ୱରେ ୨୦,୦୦୮ ଦୀପ ଶ୍ରଦ୍ଧାଳୁମାନେ ଲଗାଇଥିଲେ। ଏହି ଦୀପ ଯଜ୍ଞ ଦେଖିବାକୁ ବୌଦ୍ଧ ତଥା ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା’ଙ୍କ କୃପା ଭିକ୍ଷା କରିଥିଲେ। ଏହି ଅବସରରେ ସମସ୍ତ ଶ୍ରଦ୍ଧାଳୁ କାକରା ଓ କ୍ଷୀରି ଭୋଗ ସେବନ କରିଥିଲେ।

ବାଲିଅନ୍ତା ହତ୍ୟାକାଣ୍ଡ:ଗିରଫ ସଂଖ୍ୟା ୧୩କୁ ବୃଦ୍ଧି

କଟକ, ନ୍ୟୁଜ୍ ବ୍ୟୁରୋ

ବହୁ ଚର୍ଚ୍ଚିତ ବାଲିଅନ୍ତା ହତ୍ୟାକାଣ୍ଡ ମାମଲାରେ କ୍ରାଇମ୍ ବ୍ରାଞ୍ଚକୁ ଆଉ ଏକ ସଫଳତା ମିଳିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ବାଲିକଣ୍ଟିଆ ଗ୍ରାମର ଚିନ୍ମୟ ମହାନ୍ତି ଓରଫ ବୁବୁ (୩୩)। ତାଙ୍କୁ ମିଶାଇ ଏହି ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୩ରେ ପହଞ୍ଚିଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଗତ ମେ ୭ ତାରିଖରେ ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର-କଜ ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡର ତଦନ୍ତ ଦାୟିତ୍ୱ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚକୁ ଦେଇଥିଲେ। ଏହି ଘଟଣାରେ ବିଭିନ୍ନ ପ୍ରମାଣ ସଂଗ୍ରହ କରି ତଦନ୍ତ ଚଳାଇଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ଗତ ଅକ୍ଟୋବର ୩୧ ତାରିଖ ରାତିରେ ବାଲେଶ୍ୱର ଜିଲ୍ଲାର ସିଙ୍ଗଲା ଅଞ୍ଚଳରୁ ଚିନ୍ମୟଙ୍କୁ ଧରିଥିଲା। ପରେ ନଭେମ୍ବର ୧ ତାରିଖ ସକାଳ ୧୦ଟା ୩୦ ମିନିଟ୍‌ରେ ତାଙ୍କୁ ଏହି ମାମଲାରେ ଔପଚାରିକ ଭାବେ ଗିରଫ କରାଯାଇଥିଲା। ପୂର୍ବରୁ ଏହି ମାମଲାରେ ୧୨ ଜଣ ଅଭିଯୁକ୍ତ ନ୍ୟାୟିକ ହାଜତରେ ଅଛନ୍ତି। ନବଗିରଫ ଚିନ୍ମୟଙ୍କୁ ଭୁବନେଶ୍ୱର ସ୍ଥିତ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ସହ ଠାବ କରି ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି। ମାମଲାର ତଦନ୍ତକୁ କ୍ରାଇମ୍‌ବ୍ରାଞ୍ଚ ପ୍ରାଥମିକତା ଭିତ୍ତିରେ ଆଗକୁ ବଢ଼ାଉଛି।



ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଏକାତ ଦୌଡ଼ ଓ ଶପଥ ପାଠ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ପୂର୍ବତଟ ରେଳପଥ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଶନିବାରରେ ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ଦେଶର ଏକୀକରଣ ଓ ଜାତୀୟ ଏକତା ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ନେତୃତ୍ୱ ଓ ଅକ୍ଳାନ୍ତ ଉଦ୍ୟମ ଅବିସ୍ମରଣୀୟ । ଏହି ଅବସରରେ ରାୟଗଡ଼ା ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଂହଲ ‘ଏକତା ଦୌଡ଼’ର ନେତୃତ୍ୱ ନେଇଥିଲେ। ଜାତୀୟ ଏକତା, ଅଖଣ୍ଡତା ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ଦୌଡ଼ ଆୟୋଜିତ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟର ସମସ୍ତ ଶାଖା ଅଧିକାରୀ ଏବଂ ବହୁ ସଂଖ୍ୟାରେ କର୍ମଚାରୀ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ସିଂହଲ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏକ ସୁଦୃଢ଼ ଓ ପ୍ରଗତିଶୀଳ ଭାରତ ଗଠନ ପାଇଁ ଜାତୀୟ ଏକତା ମୂଳଦୁଆ ବୋଲି ସେ ଉଲ୍ଲେଖ କରିବା ସହ ପ୍ରତ୍ୟେକଙ୍କୁ ପାରସ୍ପରିକ ସମ୍ମାନ, ସଦ୍‌ଭାବନା ଓ ଏକତାର ଭାବନା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରେଳ ଅଧିକାରୀ ଓ କର୍ମଚାରୀମାନେ ଜାତୀୟ ଏକତା ଦିବସର ଶପଥ ଗ୍ରହଣ କରିଥିଲେ। ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ରକ୍ଷା ପାଇଁ ନିଜକୁ ସମର୍ପିତ କରିବା ସହ ଦେଶବାସୀଙ୍କ ମଧ୍ୟରେ ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବା ଏବଂ ରାଷ୍ଟ୍ରର ସୁଦୃଢ଼ୀକରଣ ଦିଗରେ ନିଷ୍ଠାର ସହ ଯୋଗଦାନ ଦେବାକୁ ସେମାନେ ସଂକଳ୍ପ ନେଇଥିଲେ। ଏହି ଶପଥ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ମହାନ ଆଦର୍ଶ ଓ ଦୂରଦର୍ଶୀ ଚିନ୍ତାଧାରାରୁ ଅନୁପ୍ରାଣିତ। ରାଷ୍ଟ୍ରୀୟ ଏକତା ଦିବସ ପାଳନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜାତୀୟ ଏକୀକରଣ ପ୍ରତି ଅସାଧାରଣ ଅବଦାନ ଏବଂ ଦେଶର ଏକତା ଓ ଅଖଣ୍ଡତା ପାଇଁ ତାଙ୍କର ଅମର ଅବଦାନକୁ ସ୍ମରଣ କରାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମାଧ୍ୟମରେ ରାୟଗଡ଼ା ରେଳ ମଣ୍ଡଳ ଜାତୀୟ ସଦ୍‌ଭାବନା, ସଂହତି ଓ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

ମେଢ଼ ଭସାଣ ଗଣ୍ଡଗୋଳ ଘଟଣାରେ ୩ ଗିରଫ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ରୂପଯାତ୍ରାରେ ମେଢ଼ ଭସାଣି ଶୋଭାଯାତ୍ରାରେ ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ଼ ନୂଆସାହି ମେଢ଼ ଶୋଭାଯାତ୍ରା ସମୟରେ ଦୁଇଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ଘଟଣା ଘଟି ୪ ଜଣ ଗୁରୁତର ଆହତ ହୋଇଥିଲେ। ଏ ସମ୍ପର୍କରେ ଚୌଦ୍ୱାର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର ଦିନ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୂଆ ସାହିର ବିକାଶ ବିନ୍ଧାଣୀ, ସୌମ୍ୟ ରଞ୍ଜନ ରାଉତରାୟ ଓ ଚନ୍ଦ୍ରଶେଖର ମହାନ୍ତି। ସୂଚନାଯୋଗ୍ୟ ଯେ ମେଢ଼ ଶୋଭାଯାତ୍ରା ଚାଲିଥିବା ବେଳେ ନୂଆସାହି ଲକ୍ଷ୍ମୀନାରାୟଣ ମେଢ଼ ଶୋଭାଯାତ୍ରାରେ ହଠାତ୍ କୌଣସି କାରଣକୁ ନେଇ ଦୁଇଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ଆରମ୍ଭ ହୋଇ ଉଗ୍ରରୂପ ଧାରଣ କରିଥିଲା। ପରସ୍ପର ଆକ୍ରମଣ ଓ ପ୍ରତିଆକ୍ରମଣରେ ନୂଆସାହିର ଅଶୋକ ବେହେରା, ନାରାୟଣ ଦାସ, ଅଜିତ୍ ଦାସ ଓ ସୁଜିତ୍ ଦାସ ଗୁରୁତର ଆହତ ହୋଇଥିଲେ। ପୋଲିସ ଆହତ ମାନଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ସମ୍ପର୍କରେ ଥାନାରେ ଲିଖିତ ଏତାଲା ଦିଆଯିବା ପରେ ୭୧୪/ ୨୬ରେ ମାମଲା ରୁଜୁ କରି ପୋଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ଲାଞ୍ଚ ମାମଲାରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ୪ ବର୍ଷ ଜେଲ୍ ଦଣ୍ଡ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଭିଜିଲାନ୍ସ ଟିପିଡବ୍ଲୁଡିଏଲ୍‌ର ଏମ୍‌ଆର୍‌ଟି ରାଉରକେଲା ସର୍କଲର ଜଣେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରିଛି। ସୂଚନାରୁ ପ୍ରକାଶ ଯେ ଟିପିଡବ୍ଲ୍ୟୁଓଡିଏଲ୍ ରାଉରକେଲା ସର୍କଲର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ବେହୁରା ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଗିରଫ ହୋଇଛନ୍ତି। ସେ ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲା ବିନିକା ସେକ୍ସନ୍‌ରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଶ୍ରୀ ବେହୁରା ବର୍ତ୍ତମାନ ରାଉରକେଲା ସର୍କଲ୍‌ରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ପିସି ଆକ୍ଟ, ୧୯୮୮ର ଧାରା ୧୩(୨) ସହ ପଠନୀୟ ୧୩(୧)(ଡି)/ ୭ ଅନୁଯାୟୀ ଏକ ମାମଲାରେ ଚାର୍ଜସିଟ୍ ହୋଇଥିଲେ। ସେ ସୁବର୍ଣ୍ଣପୁର ଜିଲ୍ଲା ବିନିକାରେ ଥିବାବେଳେ ‘ଜଳନିଧି ଯୋଜନା’ ଅଧୀନରେ ଜଣେ ହିତାଧିକାରୀଙ୍କୁ ତାଙ୍କ ଚାଷ ଜମିରେ ଲଗାଯାଇଥିବା ମୋଟର ପମ୍ପ ପାଇଁ ଅସ୍ଥାୟୀ ବିଲ୍ ବଦଳରେ ନିୟମିତ ବିଦ୍ୟୁତ୍ ବିଲ୍ ଯୋଗାଇ ଦେବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ମାଗିବା ଏବଂ ଗ୍ରହଣ କରିବା ଅଭିଯୋଗରେ ସେ ସ୍ୱତନ୍ତ୍ର ଜଜ, ଭିଜିଲାନ୍ସ, ବଲାଙ୍ଗୀରଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ୪ ବର୍ଷର କଠୋର କାରାଦଣ୍ଡ ଓ ଜରିମାନାରେ ଦଣ୍ଡିତ ହୋଇଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଭିଜିଲାନ୍ସ ବିଭାଗ ସମ୍ପୃକ୍ତ କ୍ଷମତା ପ୍ରାପ୍ତ ତୃପକ୍ଷଙ୍କୁ ପ୍ରସ୍ତାବ ପଠାଯାଇଥିବା ପ୍ରକାଶ କରିଛନ୍ତି। ସମ୍ବଲପୁର ଭିଜିଲାନ୍ସ ଡିଭିଜନ୍‌ର ପୂର୍ବତନ ଇନ୍ସପେକ୍ଟର ସୁବାସ ଚନ୍ଦ୍ର ମିଶ୍ର ମାମଲାର ତଦନ୍ତ କରୁଥିଲେ।

ପୋକ୍ସୋ କୋର୍ଟଙ୍କ ଐତିହାସିକ ରାୟ

ନାବାଳିକା ଅପହରଣ ଓ ଦୁଷ୍କର୍ମକାରୀକୁ ସାଢ଼େ ୨୩ ବର୍ଷ ସଶ୍ରମ କାରାଦଣ୍ଡ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋନପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଦିଲ୍ଲୀପ କୁମାର ବିଶ୍ୱାଳ ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର (SPL. GR. CASE NO. 09 OF 2023) ଚୂଡ଼ାନ୍ତ ବିଚାର କରି ବିନିକା ଥାନା ଅନ୍ତର୍ଗତ ଗୌଡପଡ଼ା ଗ୍ରାମର ଅଭିଯୁକ୍ତ ଆଲୋକ ବାରିକଙ୍କୁ ୨୩ ବର୍ଷ ୫ ମାସ ଏବଂ ୧୦ ଦିନର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଗତ ୦୫.୦୪.୨୦୨୩ ତାରିଖ ଦିନ ବିନିକା ମହିଳା ମହାବିଦ୍ୟାଳୟକୁ ପରୀକ୍ଷା ଦେବାକୁ ଆସିଥିବା ଜଣେ ୧୭ ବର୍ଷର ନାବାଳିକାକୁ ଅପହରଣ କରାଯାଇଥିଲା। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ବିନିକା ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୋଲିସ କେସ୍ ନଂ ୭୯/ ୨୦୨୩ରେ ଏକ ମାମଲା ରୁଜୁ କରି ପୀଡ଼ିତାକୁ ସାତଦିନ ପରେ ଉଦ୍ଧାର କରିଥିଲେ ଓ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ତଦନ୍ତ କରି ତଦନ୍ତ ଅଧିକାରୀ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୬୩/୩୬୬/ ୩୭୬(୨)(n) ଓ ପୋକ୍ସୋ ଆକ୍ଟର ଧାରା ୬ ଅଧୀନରେ ଅଭିଯୁକ୍ତ ବିରୁଦ୍ଧରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ରାୟ ପ୍ରକାଶ କରି କୋର୍ଟ ପୋକ୍ସୋ ଆକ୍ଟର ଧାରା ୬ ଅଧୀନରେ ଅଭିଯୁକ୍ତଙ୍କୁ ୨୩ ବର୍ଷ ୫ ମାସ ୧୦ ଦିନର ସଶ୍ରମ କାରାଦଣ୍ଡ ସହ ୨୫,୫୫୦ ଟଙ୍କା ଜରିମାନା ଅନାଦେୟ ଆଉ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ ଭାରତୀୟ ପିଙ୍ଗଳ କୋଡ୍(IPC)ର ଧାରା ୩୬୩ ଅନୁଯାୟୀ ୩ ବର୍ଷ କାରାଦଣ୍ଡ ଓ ୧୦,୦୦୦ ଟଙ୍କା ଜରିମାନା ଏବଂ ଧାରା ୩୬୬ ଅନୁଯାୟୀ ୪ ବର୍ଷ କାରାଦଣ୍ଡ ଓ ୩,୦୦୦ ଟଙ୍କା ଜରିମାନା ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଦଣ୍ଡ ଏକାସଙ୍ଗେ ଚାଲିବା ପାଇଁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ଏବଂ ଆଦାୟ ହେବାକୁ ଥିବା ଜରିମାନା ରାଶି ପୀଡ଼ିତାଙ୍କୁ କ୍ଷତିପୂରଣ ଆକାରରେ ପ୍ରଦାନ କରାଯିବ ବୋଲି କୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର, ଉପ-ନିର୍ଦ୍ଦେଶକ ବେଣୁଲାଲ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅଭିଯୋଜକ ବିପିନ ବିହାରୀ ବିଦ୍ୟାଧର ମାମଲାଟିକୁ ପରିଚାଳନା କରିଥିଲେ ଓ ଏଥିରେ ସହ-ନିର୍ଦ୍ଦେଶକ ହିମାଂଶୁ ଶେଖର ପଣ୍ଡା ସହଯୋଗ କରିଥିଲେ ।





ରାଜଗାଙ୍ଗପୁରରେ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା

ରାଜଗାଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ପୌରାଞ୍ଚଳରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ହୋଇଯାଇଛି। ଏହି ପଦଯାତ୍ରାରେ ରାଜଗାଙ୍ଗପୁର ପୌରାଞ୍ଚଳ ତଥା ଆଖପାଖ ପଞ୍ଚାୟତର ଶହ ଶହ ବିଜେଡି କର୍ମୀ ତଥା ନେତା ବାବା ଛକ ଠାରେ ଏକତ୍ରିତ ହୋଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦ ଯାତ୍ରା ଆଦିବାସୀ ନୃତ୍ୟ ଆଉ ମାଦଳର ତାଳେ ତାଳେ ସହର ପରିକ୍ରମା କରିଥିଲା। ଶେଷରେ ସମସ୍ତ ବିଜୁ ପ୍ରେମୀ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସଭାସ୍ଥଳିରେ ଉପସ୍ଥିତ ହୋଇଥିଲେ। ପ୍ରଥମେ ବୀରପୁତ୍ର ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ମଙ୍ଗଳା କିଶାନ ପ୍ରଦୀପ ପ୍ରଜ୍ୱଳନ କରି ମାଲ୍ୟାର୍ପଣ ପ୍ରଦାନ କରିଥିଲେ। ଏହାପରେ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହି ସଭାରେ ବିଜେଡ଼ିର ପ୍ରମୁଖ ନେତା ଜିତୁ ଦାସ ମଞ୍ଚ ପରିଚାଳନା କରିଥିଲେ। ସଭାର ପ୍ରାରମ୍ଭ ଭାଷଣ ବସନ୍ତ ଟପ୍ପୋ ପ୍ରଦାନ କରିଥିଲେ। ନବୀନ ସରକାରଙ୍କ କାର୍ଯ୍ୟଶୈଳୀ କିପରି ଓଡ଼ିଶାବାସୀଙ୍କର ସୁଖ ଦୁଃଖରେ ସାଥୀ ହୋଇପାରିଥିଲା ଆଉ ଏହି ବିଜେପି ସରକାରଙ୍କ କାର୍ଯ୍ୟକାଳରେ କିପରି ଲୋକମାନେ ଦୁଃଖରେ ଅଛନ୍ତି ସେ ବିଷୟରେ ନେତାମାନେ ଆଲୋକପାତ କରିଥିଲେ।

ଦୁଇ ମାସ ହେଲା ମହିଳା ନିଖୋଜ:ଥାନାରେ ବାବା ଅଟକ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲା ରାମବାଗ ଫାଣ୍ଡି ଅଧୀନ ବିହିପୁର ଗ୍ରାମର ସୁସୁମା ଦାସଙ୍କ ଝିଅ ବିଷ୍ଣୁପ୍ରିୟା ଦାସ (୨୪) ଗତ ଦୁଇ ମାସ ହେଲା ନିଖୋଜ ଅଛନ୍ତି। ଏହି ଘଟଣାରେ ଧାମନଗର ଥାନା ଅନ୍ତର୍ଗତ ଦୋବଲ ପଞ୍ଚାୟତର ସୋଧ ଗ୍ରାମ ସାପକାଟିଆ ମଠର ବାବା ସିପୁନଙ୍କୁ ଶନିବାର ଧାମନଗର ପୋଲିସ ଥାନାକୁ ନେଇ ଅଟକ ରଖି ପଚରାଉଚରା କରିଛି। ନିଖୋଜ ମହିଳାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା ରାମବାଗ ଫାଣ୍ଡି ଅଧୀନ ବିହିପୁର ଗ୍ରାମର ସୁସୁମା ଦାସଙ୍କ ଝିଅ ବିଷ୍ଣୁପ୍ରିୟା ଦାସ (୨୪) ଗତ ଦୁଇ ମାସ ହେଲା ନିଖୋଜ ଅଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ସାପକାଟିଆ ମଠର ବାବା ସିପୁନଙ୍କ ସହ ବିଷ୍ଣୁପ୍ରିୟାଙ୍କର ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ସେ ବାରମ୍ବାର ମଠକୁ ଯାଉଥିଲେ। ନିଖୋଜ ହେବା ଦିନ ମଧ୍ୟ ବିଷ୍ଣୁପ୍ରିୟା ମଠକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନଥିଲେ। ଏହାପରେ ବାବା ମଧ୍ୟ ମଠ ଛାଡ଼ି କେଉଁଆଡ଼େ ଚାଲିଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଶନିବାର ବାବା ମଠକୁ ଫେରିଥିବା ଖବରପାଇ ବିଷ୍ଣୁପ୍ରିୟାଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ବାବା ଖସି ପଳାଇବାକୁ ଉଦ୍ୟମ କରିଥିବା ଅଭିଯୋଗ କରି ପରିବାର ଲୋକେ ତାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ଧାମନଗର ପୋଲିସ ପହଞ୍ଚି ବାବାଙ୍କୁ ଥାନାକୁ ନେଇ ପଚରାଉଚରା କରିଛି। ଅନ୍ୟପକ୍ଷରେ ବିଷ୍ଣୁପ୍ରିୟା ପୂର୍ବରୁ ବିବାହିତା। ସେ ଯାଜପୁର ଜିଲ୍ଲା ବରୁହାଁ ହରିପୁର ଅଞ୍ଚଳର ପ୍ରଶାନ୍ତ ଦାସଙ୍କୁ ବିବାହ କରିଥିବା ବେଳେ ତାଙ୍କର ୬ ବର୍ଷର ଏକ ଝିଅ ରହିଛି। ବିବାହ ପୂର୍ବରୁ ବିଷ୍ଣୁପ୍ରିୟାଙ୍କ ସହିତ ସିପୁନଙ୍କ ପ୍ରେମ ସମ୍ପର୍କ ଥିଲା ଏଣୁ ବାବା ବିଷ୍ଣୁପ୍ରିୟାକୁ ବାହା ହୋଇ ରଖିଥିବା ଝିଅର ପରିବାର ପକ୍ଷରୁ କୁହାଯାଉଛି। ତେବେ ନିଖୋଜ ମହିଳାଙ୍କ ସନ୍ଧାନ ମିଳିବା ସହ ଘଟଣାର ପ୍ରକୃତ କାରଣ ପୋଲିସ ତଦନ୍ତ ପରେ ଜଣାପଡ଼ିବ।



ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ସରକାରଙ୍କ ପଦକ୍ଷେପ

୧୨୧ ବ୍ଲକରେ ନିର୍ମାଣ ହେବ ଆଦିବାସୀ ସଂସ୍କୃତି ଭବନ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଆଦିବାସୀ ସମାଜର ପରମ୍ପରା, ସଂସ୍କୃତି ଓ ଭାଇଚାରାର ଅନନ୍ୟ ନିଦର୍ଶନ ସାଜିଛି ଗୋଣ୍ଡୱାନା ସମାଜର ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ। ଉମରକୋଟର ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଠାରେ ଏହି ସାଂସ୍କୃତିକ ସମାରୋହ ଅତି ଉତ୍ସାହର ସହ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ଉଭୟ ଅତିଥି ହେଲିକପ୍ଟର ଯୋଗେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ପହଞ୍ଚିବା ପରେ, ଗୋଣ୍ଡୱାନା ସମାଜର ପାରମ୍ପରିକ ନୃତ୍ୟ-ଗୀତ ଓ ବାଦ୍ୟର ତାଳେ ତାଳେ କଳାକାରମାନେ ସେମାନଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଝରିଗାଁ ବିଧାୟକ ନରସିଂହ ଭତରା, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସମେତ ବିଜେପିର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସଭାରେ ଉଦ୍‌ବୋଧନ ଦେଇ ଉପବାଚସ୍ପତି ଶ୍ରୀ ଭୋଇ ଗୋଣ୍ଡୱାନା ସମାଜକୁ ନୂଆଖାଇ ଭେଟଘାଟର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ, ଆଦିବାସୀ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତିର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ଅଭିଭାଷଣରେ ଘୋଷଣା କରିଥିଲେ ଯେ, ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକ ସମେତ ରାଜ୍ୟର ମୋଟ୍ ୧୨୧ଟି ବ୍ଲକରେ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ କରାଯିବ। ବିଶେଷ କରି ରାଇଘର ବ୍ଲକରେ ଗୋଣ୍ଡୱାନା ସମାଜ ଭବନ ପାଇଁ ୧ ଏକର ଜମି ଚିହ୍ନଟ ହୋଇସାରିଛି ଏବଂ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଏଠାରେ ଏକ ଭବ୍ୟ ଭବନ ନିର୍ମାଣ କରାଯିବ। ଶିକ୍ଷା କ୍ଷେତ୍ରର ବିକାଶ ସମ୍ପର୍କରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜୋରଦାର୍ ଚାଲିଛି। ମୁଖ୍ୟମନ୍ତ୍ରୀ ୨,୦୬୭



ଜଣ ନୂତନ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହାସହ ଗୋଦାବରୀଶ ବିଦ୍ୟାଳୟ ମାଧ୍ୟମରେ ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାରୀ ପ୍ରୟାସ ଜାରି ରହିଛି। ଏହି ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଗୋଣ୍ଡୱାନା ସମାଜର ହଜାର ହଜାର ପୁରୁଷ, ମହିଳା, ବୁଦ୍ଧିଜୀବୀ ଓ ସଦସ୍ୟ ଯୋଗଦେଇ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ। ସଭା ଶେଷରେ ଉପବାଚସ୍ପତି ଓ ମନ୍ତ୍ରୀ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କୃଷି କାର୍ଯ୍ୟାଳୟରେ ନିର୍ମିତ ନୂତନ ବିହନ ସଂରକ୍ଷଣ ଗୃହର ଉଦ୍‌ଘାଟନ କରି ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
ତା୩।୧୧।୨୦୨୬, କାର୍ତ୍ତିକ ଦ୧୮ନ, ମଙ୍ଗଳବାର
ସୂର୍ଯ୍ୟୋଦୟ- ଘ ୫।୪୯।୪୩ ଚନ୍ଦ୍ରୋଦୟ- ରାଘ୧୧।୫।୨୨
ନବମୀ ଦିଘ ୧୧।୫୬ ପର୍ଯ୍ୟନ୍ତ। ମଘା ନକ୍ଷତ୍ର ରାଘ ୩।୨୮ ପର୍ଯ୍ୟନ୍ତ, ସିଂହ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧୧।୫୬ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୪ ଗତେ ଦିଘ ୬।୩୮ ମଧ୍ୟେ । ଦିଘ ୮।୪୩ ଗତେ ଦିଘ ୧୧।୦୯ ମଧ୍ୟେ।




ମେଷ: ମାନସିକ ଅସ୍ଥିରତା ଭିତରେ ଗତି କରିବେ। ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାନବାହାନ କ୍ରୟ କରିବାର ସୁଯୋଗ। ଆୟରେ ଉନ୍ନତି ହେବ। ପାରିବାରିକ ଶାନ୍ତି ଅବ୍ୟାହତ ରହିବ।




ବୃଷ: କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତା ଆପଣଙ୍କର ସାହାଯ୍ୟ ଲୋଡ଼ିବେ। ବାଦ ବିବାଦ ଜଟିଳ ହେଲେ ମଧ ସଫଳତା ମିଳିବ। ପୁରାତନ ବନ୍ଧୁଙ୍କ ଦର୍ଶନ ମିଳିବ। ଆୟ ଓ ବ୍ୟୟ ସମାନ ରହିବ। ଗୃହରେ ଶାନ୍ତି ଅବ୍ୟାହତ ରହିବ।



ମିଥୁନ: ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ କରିବାର କ୍ଷମତା ଆସିବ। ଭାଗ୍ୟବାନ ହେବେ। ବ୍ୟବସାୟରେ ସମସ୍ୟାର ସମାଧାନ ହେବ। ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ। ଘରେ ଆନନ୍ଦ ଉଲ୍ଲାସ ଲାଗି ରହିବ।



କର୍କଟ: କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ଅପଦସ୍ଥ ହେବେ। ଦୟାଳୁ ହେବେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ। ରୋଜଗାର ମଧ୍ୟମ ହେବ। ଗୃହରେ ସାମାନ୍ୟ ଦ୍ୱନ୍ଦ୍ୱ।




ସିଂହ: ଆଜି ଦିନଟି ଆପଣଙ୍କ ପାଇଁ ଶୁଭ। ଅପରାହ୍ନେ ଶୁଭ ଖବର ମିଳିପାରେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅପଦସ୍ଥ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ରୋଜଗାରରେ ଉନ୍ନତି ହେବ।




କନ୍ୟା: ଯାନବାହାନ କ୍ରୟ କରିବେ। ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବେ। ପରର ଉପକାର କରିବେ। ବ୍ୟୟ ଅପେକ୍ଷା ଆୟର ମାତ୍ରା ବଢ଼ିପାରେ। ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଭ୍ରମଣ ଯୋଗ ମଧ୍ୟ ରହୁଛି। ଦେହ ଭଲ ରହିବ।




ତୁଳା: ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ପ୍ରସନ୍ନତା ଲାଭ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ଆଜିର ଯାତ୍ରାରେ ସଫଳତା ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଆନନ୍ଦ।




ବିଛା: ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ। ତଥାପି ଆଜି ଦିନଟା ଜଗିରଖି ଚଳିବେ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିଜୟୀ ହେବେ। ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ। ଶୁଭ ଖବର ପ୍ରାପ୍ତ ହେବ।



ଧନୁ: ଯାତ୍ରା ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ଦାୟିତ୍ୱହୀନତା ଅଭାବରୁ ଅସୁବିଧାର ସମ୍ମୁଖୀନ ହେବେ। ଆୟର ପରିମାଣ ବଢ଼ିବ। ପରିବାରରେ ଶାନ୍ତି ବଜାୟ ରହିବ। ଦୟାଳୁ ହେବେ।



ମକର: ଶତ୍ରୁମାନେ ପରାଜିତ ହେବେ। ଦେହ ଓ ମନ ଭଲ ରହିବ। ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଖର୍ଚ୍ଚର ପରିମାଣ ବଢ଼ିବ। ପାରିବାରିକ ସମସ୍ୟା ଲାଗି ରହିବ। ଶିକ୍ଷାରେ ଶୁଭଫଳ ମିଳିବ। ମହିଳାମାନେ ଗର୍ବୀ ହେବେ।



କୁମ୍ଭ: ଅନେକ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ହେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ମନ ଅସ୍ଥିର ରହିବ। ରୋଜଗାରର ପରିମାଣ ବଢ଼ିବ। ଗୃହେ ଶାନ୍ତି ଲାଭ ହେବାର ସୂଚନା।



ମୀନ: କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ। ଅପରାହ୍ନେ ଟେନ୍‌ସନ୍ ଟିକେ ବଢ଼ିଯିବ। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ। କାର୍ଯ୍ୟ ହାସଲ ହେବ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଆନନ୍ଦ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
ତା୪।୧୧।୨୦୨୬, କାର୍ତ୍ତିକ ଦ୧୯ନ, ବୁଧବାର
ସୂର୍ଯ୍ୟୋଦୟ- ଘ ୫।୫୦।୧୧ ଚନ୍ଦ୍ରୋଦୟ- ରାଘ୨।୧୦।୩୪
ଦଶମୀ ଦିଘ ୧୧।୦୫ ପର୍ଯ୍ୟନ୍ତ। ପୂର୍ବା ଫାଲ୍ଗୁନୀ ନକ୍ଷତ୍ର ରାଘ ୩।୩୨ ପର୍ଯ୍ୟନ୍ତ, ସିଂହ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧୧।୦୫ ଗତେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୪ ଗତେ ଦିଘ ୮।୦୯ ମଧ୍ୟେ । ଦିଘ ୧୦।୨୫ ଗତେ ଦିଘ ୧୧।୩୪ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

ଷ୍ଟକ୍ ମାର୍କେଟ୍‌ରେ ଏଆଇ ଝଡ

ବର୍ତ୍ତମାନ ଏଆଇ ଷ୍ଟକ ଗୁଡିକର ମୂଲ୍ୟରେ ବଡ଼ ଧରଣର ହ୍ରାସ ଦେଖାଯାଇଛି । ଫଳରେ ଏଥିଯୋଗୁ ସାରା ବିଶ୍ୱର ପୁଞ୍ଜି ବଜାର ଗୁଡ଼ିକୁ ଝଟ୍‌କା ଲାଗିଛି । ଚୀନର ଟେକ୍ନୋଲୋଜି ଏବଂ ସେମିକଣ୍ଡକ୍ଟର କ୍ଷେତ୍ର ଶେୟାର ଉପରେ ଏହାର ପ୍ରଭାବ ବେଶି ରହିଛି । ସାଂଘାଇ ଷ୍ଟକ ବଜାରର ଏଆଇ ଦବ୍‌ଦବା ରହିଥିବା ଷ୍ଟାର ୫୦ ସୂଚକାଙ୍କ ଜୁନ-ଜୁଲାଇର ଉଚ୍ଚ ସ୍ତରରୁ ପ୍ରାୟ ୪୦% ହ୍ରାସ ହୋଇଛି । ଫଳରେ ବଜାରରୁ ୪୮୦ ବିଲିୟନ ଡଲାରରୁ ୨.୪ ଟ୍ରିଲିୟନ ଡଲାର ଖସିଛି । ଅନ୍ୟପଟେ ଆମେରିକା ପୁଞ୍ଜି ବଜାରରୁ ୧.୮ ଟ୍ରିଲିୟନ ଡଲାର ପୁଞ୍ଜି ଉଭାନ ହୋଇଯାଇଛି । ଏହି ହ୍ରାସ ଗୁଡ଼ିକ ଭାରତୀୟ ଆଇଟି ଶିଳ୍ପର ରାଜସ୍ୱ ୩୧୫ ବିଲିୟନଠାରୁ ଢ଼େର ଅଧିକ।

ଏହାର ବ୍ଲୁଚିପ୍ ସିଏସ୍‌ଆଇ ଇଣ୍ଡେକ୍ସ ପ୍ରାୟ ୨୦% ନିମ୍ନରେ ରହିଛି। ଫଳରେ ଏହା ଆଣ୍ଠେଇ ପଡ଼ିଛି । ହ୍ୟୁମାନଏଡ୍ ରୋବର୍ଟ କ୍ଷେତ୍ରର କମ୍ପାନି ୟୁନିଟିର ଶେୟାର ୫୦%, ସିଏକ୍ସଏମ୍ ଟି ୨୫%ରୁ ୨୭% ଏବଂ ଅପ୍ଟିକାଲ ଯନ୍ତ୍ରାଂଶ ଯୋଗାଣକାରୀ କମ୍ପାନି ଝୋଙ୍ଗଜି ଇନୋଲାଇଟ ଏବଂ ଏକ୍ସୋଲିଙ୍କ ଶେୟାର ପ୍ରାୟ ୬୦% ହ୍ରାସ ହୋଇଛି । ଚୀନ କମ୍ପାନି ଗୁଡ଼ିକ ମଧ୍ୟରେ ପ୍ରାଇସ୍ ୱାର, ଆମେରିକାର କଠୋର ରପ୍ତାନି ନୀତି, ବିଦେଶୀ ନିବେଶକଙ୍କ ଦ୍ୱାରା ଅର୍ଥ ପ୍ରତ୍ୟାହାର ଏବଂ ଖୁଚୁରା ନିବେଶକଙ୍କ ନିବେଶ ରଣନୀତିରେ ଭିନ୍ନତା ଯୋଗୁ ଏହା ବଜାରକୁ ବଡ଼ ମାତ୍ରାରେ କ୍ଷତି ପହଞ୍ଚାଇଛି । ଆମେରିକା ପୁଞ୍ଜି ବଜାରରେ ସ୍ଥିତି ଚୀନ ଭଳି ବେହାଲ ହୋଇ ନ ଥିଲେ ମଧ୍ୟ ନାସ୍‌ଡାକ୍ ପ୍ରାୟ ୬% ହ୍ରାସ ହୋଇଛି । ଏଆଇ ଶେୟାର ଗୁଡିକର ମୂଲ୍ୟରେ ୩୫% ଯାଏ ହ୍ରାସ ହେଲେ ତେବେ ଏହା ଦ୍ୱାରା ଆମେରିକା ଜିଡିପି ୧.୫% ହ୍ରାସ ହେବ । ଘରୋଇ ନିବେଶ ୬% ହ୍ରାସ ହେଲେ ଏହା ଦେଶକୁ ଏକ ଗଭୀର ମାନ୍ଦାବସ୍ଥା ଆଡ଼କୁ ଠେଲି ଦେବ ବୋଲି ରେଟିଂ ଏଜେନ୍ସି ଫିଚ୍ ଚେତାବନୀ ଦେଇଛି। ତାଇୱାନ ବଜାରକୁ ଦେଖିଲେ ଏହା ଅପେକ୍ଷାକୃତ ସ୍ଥିର ରହିଛି । ପ୍ରମୁଖ ସେମିକଣ୍ଡକ୍ଟର ନିର୍ମାତା ତାଇୱାନ ସେମିକଣ୍ଡକ୍ଟର ମାନୁଫାକଚରିଂ କମ୍ପାନିର ଶେୟାର ୧.୮% ହ୍ରାସ ଦେଖାଯାଇଛି। ଏଆଇ ଚିପ୍ କ୍ଷେତ୍ରରେ ତାଇୱାନର ଦବଦବା ଏବଂ ବିଶ୍ୱ ବଜାରରେ ଏହି ଦେଶର ହାର୍ଡୱେୟାର ଗୁଡ଼ିକର ଚାହିଦା ଦୃଢ଼ ହେବା ଯୋଗୁ ବଜାର ଉପରେ ନକରାତ୍ମକ ପ୍ରଭାବ ପଡ଼ିନି । ଦକ୍ଷିଣ କୋରିଆର କୋସ୍ପି ଗୋଟିଏ ଦିନରେ ୫%ରୁ ଉର୍ଦ୍ଧ୍ୱ ହ୍ରାସ ହୋଇଥିଲା । ସେହିଭଳି ସାମସଙ୍ଗ ଇଲେକଟ୍ରୋନିକ୍ସ ୭.୪% ଏବଂ ଏସ୍‌କେ ହାଇନିକ୍ସର ଶେୟାରରେ ୧୦% ହ୍ରାସ ହୋଇଛି । ଭାରତ ଭଳି ଅନ୍ୟ ଉଦୀୟମାନ ବଜାରକୁ ଦେଖିଲେ ବିଦେଶୀ ସଂସ୍ଥାଗତ ନିବେଶକମାନେ ଲଗାତର ମୁହଁ ଫେରାଉଛନ୍ତି ।

କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ବାଳଭୋଗ



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ଶ୍ରୀମନ୍ଦିରରେ କାର୍ତ୍ତିକ ମାସର ସ୍ୱତନ୍ତ୍ର ମହତ୍ୱ ରହିଅଛି । ଏହି ପବିତ୍ର ମାସରେ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଅଂଚଳରୁ ହଜାର ହଜାର ହବିଷ୍ୟାଳି ଓ ଧର୍ମପରାୟଣ ବ୍ୟକ୍ତି ଏଠାରେ ଅବସ୍ଥାନ କରି 'କାର୍ତ୍ତିକ ବ୍ରତ' ପାଳନ କରନ୍ତି । ଆଶ୍ୱିନ ଶୁକ୍ଳ ଏକାଦଶୀ (ଗୋଷାଣୀ ଏକାଦଶୀ) ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ବିଶେଷ ଭୋଗ, ବେଶ ଓ ବ୍ରତ ପାଳନ କରାଯାଇଥାଏ । ଏହି ମାସରେ ମହାପ୍ରଭୁଙ୍କର ସକାଳ ଧୂପ (ରାଜଭୋଗ) ସରିବା ପରେ ପରେ ଏକ ସ୍ୱତନ୍ତ୍ର ଭୋଗ ଅନୁଷ୍ଠିତ ହୋଇଥାଏ, ଏହାକୁ ବାଳଧୂପ (ବାଳଭୋଗ) କୁହାଯାଏ । ଏହି ଭୋଗରେ ସାଧାରଣତଃ କୋରା, ଦୋଭଜା ଲିଆ, ଅଦା, ଖଇ, ନଡ଼ିଆ ଖୁଦି, ଚାଉଳିଆ, ସେଓ, କମଳା, କାକୁଡ଼ି, ପଇଡ଼ ଓ କଦଳୀ ଭୋଗ କରାଯାଏ । ପରମ୍ପରା କ୍ରମେ ଶ୍ରୀକ୍ଷେତ୍ରର କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ମଠ ଏଥିନିମନ୍ତେ ଶ୍ରୀମନ୍ଦିରକୁ ଭୋଗ ସାମଗ୍ରୀ ଯୋଗାଇ ଦେଇଥାନ୍ତି । ଜନଶ୍ରୁତିରେ କୁହାଯାଇଛି-'ବାଳ (କେଶ) ଅପ୍ରାଧୁ ବାଳଭୋଗ' । ଏହା ହେଉଚି ସେହି ଅପ୍ରାଧ (ଅପରାଧ)। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟର ଘଟଣା । କୌଣସି କାରଣରୁ ସେ ଚାରିଦିନ ହେଲା ଶ୍ରୀମନ୍ଦିର ଯାଇପାରି ନଥିଲେ । ସେଦିନ ହଠାତ୍ ଅସମୟରେ ସେ ମହାପ୍ରଭୁଙ୍କୁ ଦର୍ଶନ କରିବାପାଇଁ ଭିତରେ ବିଜେ କଲେ। ସେତେବେଳେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ କୌଣସି ମାଳଫୁଲ ନ ଥିଲା । ପାଳିଆ ପୁଷ୍ପାଳକ ବଳଭଦ୍ର ବ୍ୟସ୍ତ ହୋଇ ନିଜ ଶିଖା (ମୁଣ୍ଡର ଚୁଟି)ରେ ଥିବା ପ୍ରସାଦି (ଠାକୁରଙ୍କୁ ନିବେଦିତ ଫୁଲ)ଗୋଟିଏ ରାଜାଙ୍କୁ ବଢ଼ାଇଦେଲେ । ରାଜା ସେଥିରେ ଗୋଟିଏ କେଶ ଲାଗି ଥିବାର ଦେଖି କ୍ରୋଧରେ ଥରି ଉଠିଲେ। ସେ କହିଲେ,ଏହି ପ୍ରସାଦକୁ କେଶ ଆସିଲା କିପରି ? ଏହା କେବେହେଁ ଶ୍ରୀଅଙ୍ଗ ପ୍ରସାଦ ନୁହଁ, ତୁମ ମସ୍ତକର ପ୍ରସାଦ। ରାଜାଙ୍କର କ୍ରୋଧ ଦେଖି ଭୟରେ ପୁଷ୍ପାଳକ ମହାଶୟଙ୍କ ଜ୍ଞାନ ହଜିଗଲା। ହଠାତ୍ ତାଙ୍କ ପାଟିରୁ ବାହାରି ପଡ଼ିଲା ମହାପ୍ରଭୁଙ୍କ ମସ୍ତକରେ କେଶ ଅଛି। ପୁଷ୍ପାଳକଙ୍କ କଥା ଶୁଣି କ୍ରୋଧରେ ଥରି ଉଠିଲେ



କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ବାଳଭୋଗ

ଗଜପତି ପ୍ରତାପରୁଦ୍ର ଦେବ। ଆଦେଶ ଦେଲେ, କାଲି ସକାଳୁ ମୁଁ ଆସି ଦେଖିବି। ଯଦି ମହାପ୍ରଭୁଙ୍କ ମସ୍ତକରେ କେଶ ନ ଥିବ, ତୁମର ମୁଣ୍ଡକାଟ ହେବ ।'

ଉକ୍ତ ଦିବସର ସମସ୍ତ ନୀତି ସରି ରାତ୍ର ପହୁଡ଼ ହେଲା। ମାତ୍ର ଶୋଇପାରିଲେନି ବଳଭଦ୍ର ପୁଷ୍ପାଳକ। ଆଖିରୁ ଧାର ଧାର ଲୁହ ବୋହିଗଲା। ଆତୁରେ ଆତୁରେ ସେ କେବଳ ମହାପ୍ରଭୁଙ୍କୁ ବିକଳରେ ଡାକି ଚାଲିଲେ। ହଠାତ୍ ସ୍ୱପ୍ନରେ ମହାପ୍ରଭୁଙ୍କୁ ଦେଖିଲେ, ସେ ଆଜ୍ଞାଦେଲେ, ତୁମେ ଏତେ ବ୍ୟସ୍ତ କାହିଁକି ? ଆମ୍ଭ ତ୍ରିମୁଣ୍ଡିରେ ବାଳ ନାହିଁ କି ? କାଲି ସକାଳୁ ରାଜାଙ୍କୁ ବାଳ ଦେଖାଇଦେବ। ସ୍ୱପ୍ନରେ ନିର୍ଦ୍ଦେଶ ପାଇ ପୁଷ୍ପାଳକ ମହାଶୟ ଆଶ୍ୱସ୍ତ ହେଲେ। ପରଦିନ ଅବକାଶ ସମୟରେ ଗଜପତି ଶ୍ରୀମନ୍ଦିର ଆସି ଉକ୍ତ ସେବକଙ୍କୁ ଡକାଇ ଏବେ ମହାପ୍ରଭୁଙ୍କ ଶ୍ରୀମସ୍ତକରେ କେଶ ଦେଖାଇବା ପାଇଁ ନିର୍ଦ୍ଦେଶ ଦେଲେ। ପୁଷ୍ପାଳକଙ୍କ ସହ ଅନ୍ୟାନ୍ୟ ସେବକମାନେ ବେଶ ମଇଲମ (ଠାକୁର ମାନଙ୍କ ଶ୍ରୀଅଙ୍ଗରୁ ବେଶ, ମାଳଚୂଳ, ଅଳଙ୍କାର ଓ ବସ୍ତ୍ରାଦି ଉଲାଗି କରାଯିବା) କରୁଥିବା ସମୟରେ ହଠାତ୍ ଶ୍ରୀଜଗନ୍ନାଥଙ୍କ ଶ୍ରୀମସ୍ତକରୁ ଗୋଛାଏ କେଶ ଆଗକୁ ଡାଙ୍କି ପଡ଼ିଲା। କେଶ ଦର୍ଶନ କରି ରାଜା ଭାବିଲେ, ରାଜାଦେଶ ଭୟରେ ସେବକମାନେ ବୋଧହୁଏ କଳାଚାମରରେ ମହାପ୍ରଭୁଙ୍କ ଶ୍ରୀମସ୍ତକକୁ ଢାଙ୍କି ଦେଇଛନ୍ତି। ରାଜା କହିଲେ, ଏ କଥାକୁ ମୋର ଆଦୌ ବିଶ୍ୱାସ ହେଉନାହିଁ। ପୂର୍ବରାତ୍ରରୁ ସ୍ୱପ୍ନ ଦର୍ଶନ କରିଥିବା ବଳଭଦ୍ର ପୁଷ୍ପାଳକ ରାଜାଙ୍କ କଥାଶୁଣି କ୍ରୋଧରେ ଶ୍ରୀମସ୍ତକରୁ ପୁଳାଏ କେଶ ଧରି ଝିଙ୍କି ଦେବାରୁ ତାହାମଧ୍ୟରୁ ଧାର ଧାର ରକ୍ତ ବୋହି ଆସି ଶ୍ରୀମୁଖକୁ ରକ୍ତାକ୍ତ କରିଦେଲା। ରାଜା ଆଶ୍ଚର୍ଯ୍ୟ ହେବା ସହିତ ଭୟଭୀତ ହୋଇପଡ଼ିଲେ। ତାଙ୍କର ଜ୍ଞାନ ହଜିଗଲା। ଗଛ କାଟିଲା ପରି ସେ ତଳେ ପଡ଼ିଗଲେ ଓ ନିଜକୁ ମହା ଅପରାଧୀ ମନେ କରି କାନ୍ଦିବାକୁ ଲାଗିଲେ। ସିଂହାସନ ଉପରେ ଥିବା ବଳଭଦ୍ରଙ୍କ ସମେତ ସମସ୍ତ ସେବକ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ। ମହାପ୍ରଭୁଙ୍କ ମୁଣ୍ଡରୁ ରକ୍ତକ୍ଷରଣ ବନ୍ଦ ହୋଇଗଲା । ଦୁଃଖ ମନରେ ଗଜପତି ଶ୍ରୀନହର ଫେରିଗଲେ ଓ ଅଖିଆ ଅପିଆ ରହି ନିଜ ଅପରାଧ ମାର୍ଜନା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ। ଦୁଇଦିନ ପରେ ତୃତୀୟ ଦିନ ରାତ୍ରରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା -

> ''ଏ ଯେ ଅପ୍ରାଧ କ୍ଷମା
> ହେଲା ତୋର,
> ବାଳ ଅପ୍ରାଧେ
> 'ବାଳଭୋଗ' କର।''

ସେହିଦିନ ଠାରୁ ଗଜପତି ପ୍ରତାପରୁଦ୍ର ଦେବଙ୍କ ଆଦେଶରେ ମହାକାର୍ତ୍ତିକ ମାସରେ ସକାଳ ଧୂପ ପରେ ଆଉ ଏକ ଧୂପ ବାଳଧୂପରେ 'ବାଳଭୋଗ' ଆଜି ଯାଏ ହେଉଅଛି। ଏହା କାର୍ତ୍ତିକ ମାସରେ କେବଳ ବାଇସି ପାହାଚରେ ଭକ୍ତ ମାନଙ୍କୁ ମିଳିଥାଏ।

ମେଲିଓଇଡୋସିସ୍

ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ମୋ : ୯୪୩୭୧୨୪୦୭୪

ପ୍ରକୃତିର ନିୟମଟି ଏହିପରି ଯେମିତି ବର୍ଷାଦିନ ଆସିଲେ ତରଳ ଝାଡ଼ା, ଥଣ୍ଡା ଜ୍ୱର, କାଶ ବା ଖରା ଦିନ ଆସିଲେ ଅଂଶୁଘାତ, ମୁଣ୍ଡବୁଲା, ପେଟ ସମସ୍ୟା, ଝାଡ଼ାବାନ୍ତି ଏପରିକି ହଇଜା ଭଳି ସଂକ୍ରାମକ ଭୂତାଣୁ ଓ ଜୀବାଣୁ ଭିତ୍ତିକ ରୋଗ ଦେଖାଯାଏ। ତେବେ ଜଳବାୟୁ ପରିବର୍ତ୍ତନ ସହ ଋତୁଜନିତ ରୋଗ ଆଉ ଭୂତାଣୁ ଜନିତ ଜଟିଳ ସଂକ୍ରାନ୍ତୀ ରୋଗ ସହ କରୋନା ପରେ ପରେ ଅନେକ ନୂଆ ରୋଗ ପୃଥିବୀକୁ ଆସିଲାଣି।

ଆସନ୍ତୁ ସର୍ବପ୍ରଥମେ ଜାଣିବା ମେଲିଓଇଡ଼ୋସିସ୍ ରୋଗଟି କ'ଣ? ଗ୍ରୀକ୍ ଶବ୍ଦ ମେଲିସ ଓ ଇଡୋସରୁ ଏହି ରୋଗର ନାମକରଣ ହୋଇଛି। ୧୯୧୧ରେ ସୁନାମଧନୀ ପାଥୋଲୋଜିଷ୍ଟ ଆଲଫ୍ରେଡ଼୍ ୱିଟମୋର ଓ ତାଙ୍କ ସହଯୋଗୀ ସି.ଏସ୍. କୃଷ୍ଣସ୍ୱାମୀ ଗବେଷଣା ଭିତ୍ତିକ ଭାବେ ଏହାକୁ ଜାଣିବା ପରେ ଏହି ସଂକ୍ରାମକ ଗ୍ରୀଷ୍ମ ମଣ୍ଡଳୀୟ ରୋଗ ବିଷୟରେ ସମଗ୍ର ବିଶ୍ୱବାସୀଙ୍କୁ ଜଣାଇଥିଲେ। ଆଲଫ୍ରେଡ଼୍ ୱିଟମୋର କହିବାକୁଗଲେ ଏହାର ମୂଳ ତଥ୍ୟ ଉଦ୍ଭାବକ ହୋଇଥିବାରୁ ତତ୍କାଳୀନ ସମୟରେ ଏହାକୁ ୱିଟମୋର ରୋଗ ଭାବେ ଅନେକ ଜାଣିଲେ। ବିଶ୍ୱସ୍ତରରେ ଏକ ବିରଳ ରୋଗର ମାନ୍ୟତା ପାଇଛି ମେଲିଓଇଡ଼ୋସିସ୍ ରୋଗ।

ଏହାର ଜୀବାଣୁ ଅନ୍ୟ ରୋଗ ମାନଙ୍କ ପରି ତାର ଲକ୍ଷଣ ଦେଖାଇଥାଏ। ରକ୍ତ, ପରିସ୍ରା ଓ ଆମ ଶରୀରର କଣ୍ଠରେ ରହୁଥିବା ଲାଳୁଆ ଅଂଶର କଲଚର ଦ୍ୱାରା ଏହି ମେଲିଓଇଡ଼ୋସିସ୍ ରୋଗର ବ୍ୟାପକ ପରୀକ୍ଷା ନିରୀକ୍ଷା ହୋଇଥାଏ। ଏହାର ପରୀକ୍ଷା ପାଇଁ ଯେପରି ଚାରି ପାଞ୍ଚଦିନ ଲାଗେ ତେଣୁ ସେତବେଳକୁ ସଂକ୍ରମିତ ହୋଇଥିବା ରୋଗୀଟି ନିଜ ଚିକିତ୍ସା କରିବାପାଇଁ ଢ଼େର ବିଳମ୍ବ ହୋଇଯାଇଥିବାରୁ ତାଙ୍କ ଜୀବନ ସଂକଟାପନ୍ନ ହେବାର ସମ୍ଭାବନା ଥାଏ।

ମେଲିଓଇଡ଼ୋସିସ ରୋଗର ମୁଖ୍ୟ ଲକ୍ଷଣ ହେଉଛି ଜ୍ୱର, ଦେହହାତ ଘୋଳାବିନ୍ଧା, ଛାତିରେ ଅଚାନକ ଯନ୍ତ୍ରଣା, ଲଗାତାର କାଶ ଓ ମୁଣ୍ଡ ବିନ୍ଧା ପ୍ରମୁଖ। ତେବେ ଜଟିଳ ପ୍ରସଙ୍ଗଟି ହେଉଛି କେତେକ କ୍ଷେତ୍ରରେ ଏହାର ସଂକ୍ରମଣ ହଠାତ୍ ତୀବ୍ର ହୋଇଯାଇଥାଏ ଏବଂ ସେମାନଙ୍କ ମଧ୍ୟରୁ କିଛି ରୋଗୀ ସେପସିସ୍ ଯନ୍ତ୍ରଣାକୁ ସମ୍ମୁଖୀନ ହୋଇଥାନ୍ତି ଯାହାଦ୍ୱାରା ଶରୀରର ଅନେକ ଅଙ୍ଗ ନଷ୍ଟ ହୋଇଯିବାର ମଧ୍ୟ ସମ୍ଭାବନା ଥାଏ। ତେବେ ପ୍ରଥମରୁ ଏହାର ଚିହ୍ନଟ ସହ ଚିକିତ୍ସା ଜାରି ରଖିଲେ ଏହା ଦୀର୍ଘ ଦିନ ସଂକ୍ରମଣକୁ ହ୍ରାସ କରିବା ସହ ଆରୋଗ୍ୟସାଧ୍ୟ ମଧ୍ୟ ହୋଇଥାଏ।

ଭୁବନେଶ୍ୱର ଏମଏସର ଅଧ୍ୟୟନ ରିପୋର୍ଟ ଅନୁଯାୟୀ ଗତ ଜାନୁଆରୀ ୨୦୧୫ରୁ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ଆସିଥିବା ୧୪୪ଟି ମେଲିଓଇଡ଼ୋସିସ୍ ମାମଲା ସଂପର୍କର ତଥ୍ୟକୁ ଗବେଷଣା କଲାପରେ ଏହି ରୋଗ ସମ୍ପର୍କରେ ବ୍ୟାପକ ଗବେଷଣା ଜାରି ରହିଛି। ଏହି ରିପୋର୍ଟର ତଥ୍ୟ ସୂଚାଇଛି ଯେ ପରିବେଶ ଦ୍ୱାରା ସୃଷ୍ଟି ହେଉଥିବା ଏହି ସଂକ୍ରାମକ ରୋଗକୁ ବ୍ୟାପକତା କରିବାରେ ସ୍ଥାନୀୟ ଜଳବାୟୁ ଓ ଭୂଖଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାରେ ଏହାର ସଂକ୍ରମଣ ମାମଲା ଅଧିକ ଦେଖିବାକୁ ମିଳୁଥିବାବେଳେ ଉତ୍ତର ଓଡ଼ିଶାରେ ମଧ୍ୟ ଏହାର ସଂକ୍ରାମକ ଚେହେରା ଦେଖିବାକୁ ମିଳିଛି। ଏହି ରୋଗର ଚିକିତ୍ସା ବ୍ୟୟବହୁଳ ଓ ଦୀର୍ଘକାଳୀନ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରୋଗ ପାଇଁ କୌଣସି ଟୀକା ଏଯାବତ ବାହାରିନାହିଁ। ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ରୋଗ ପାଇଁ ଅନ୍ୟ ଏକ ଜଟିଳତା ହେଉଛି ଭାରତରେ ଏହି ରୋଗ ସମ୍ପର୍କରେ ଏହାର ସେପରି କୌଣସି ପ୍ରାଥମିକ ତଥ୍ୟ ନାହିଁ ଏବଂ ସଚେତନତାର ଅଭାବ ସହିତ ଅତ୍ୟାଧୁନିକ ମାଇକ୍ରୋବାୟୋଲୋଜି ଅଭାବ।

ସେହିପରି ରୋଗ ନିରୂପଣ ସକାଶେ ବିଶେଷକରି ଗ୍ରାମାଞ୍ଚଳରେ ତାଲିମ ପ୍ରାପ୍ତ ବ୍ୟକ୍ତି ଓ ଡାକ୍ତରଙ୍କ ଅଭାବ ମଧ୍ୟ ରହିଛି। ତେବେ ଅନେକ କ୍ଷେତ୍ରରେ ଏହି ରୋଗ ସମ୍ପର୍କରେ ଜାଣିବା ଢ଼େର ବିଳମ୍ବ ହୋଇଥାଏ। ସେହିପରି କେବଳ ପାଣିପାଗ ଜନିତ ଜୀବାଣୁ କାରଣ ନୁହଁ ଦୁର୍ବଳ, ପରିମଳ ବ୍ୟବସ୍ଥା, ପାରିବେଶିକ ଅବସ୍ଥିତି, ଜନସଂଖ୍ୟାର ସାନ୍ଦ୍ରତା, ଯୋଜନାବିହୀନ ସହରୀକରଣ, ବାୟୁ ପ୍ରଦୂଷଣ ପରି ଅନେକ କାରଣ ମଧ୍ୟ ରହିଛି। ଏହି ରୋଗଟି ଅତ୍ୟନ୍ତ ସଂକ୍ରାମକ ଏବଂ ଏହାର ପ୍ରାଦୁର୍ଭାବ ମଧ୍ୟ ପରବର୍ତ୍ତୀ ସମୟରେ ଏକ ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ଭବିଷ୍ୟତରେ ମେଲିଓଇଡ଼ୋସିସ୍ ରୋଗ କିପରି ନିୟନ୍ତ୍ରଣ ହେବା ସହ ଜନସ୍ୱାସ୍ଥ୍ୟ ସେବାକୁ ପ୍ରଭାବୀ କରାଯିବ ସେ କ୍ଷେତ୍ରରେ ସରକାରୀ ସ୍ତରରେ ପୂର୍ବାନୁମାନ, ନିଦାନ ବା ପରୀକ୍ଷା ଓ ଚିକିତ୍ସା ସମ୍ବନ୍ଧୀୟ ବ୍ୟାପକତା ମଧ୍ୟ ଆରମ୍ଭ ହୋଇଗଲାଣି । କାରଣ ଏହାଦ୍ୱାରା ପାଣିପାଗ ଓ ପରିବେଶ କାରଣ ନେଇ ଯେଉଁ ରୋଗ ଆସନ୍ତା ସମୟରେ ଆହ୍ୱାନ ସୃଷ୍ଟି କରିବ ସେ କ୍ଷେତ୍ରରେ ସରକାରୀ ଭାବେ ଏହାର ମୁକାବିଲା ମଧ୍ୟ ସମ୍ଭବ ହୋଇପାରିବ।

ଓଡ଼ିଶାରେ ସେପରି ଭୟାନକ ଚେହେରା ନ ଦେଖାଇଥିଲେ ମଧ୍ୟ ଏହି ଗ୍ରୀଷ୍ମମଣ୍ଡଳୀୟ ସଂକ୍ରାମକ ରୋଗଟି ଏପରି ଏକ ବିରଳ ଖ୍ୟାତି ସୃଷ୍ଟି କରିଛି ତାହା ହେଉଛି ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ଯେଉଁଠି ଏହି ରୋଗର ପରିବ୍ୟାପ୍ତି ଚିହ୍ନଟ କ୍ଷେତ୍ରରେ ଗବେଷଣା ଓ ଅଧ୍ୟୟନ ଆରମ୍ଭ ହୋଇ ସରକାରୀ ଭାବେ ଏହାର ମୁକାବିଲା ପାଇଁ କାର୍ଯ୍ୟ ପ୍ରସ୍ତୁତ କରାଯାଉଛି। ଯେକୌଣସି ଔଷଧ ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍।



ନିଶାପ


(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ସମସ୍ୟା

ସମସ୍ୟା ପ୍ରତ୍ୟେକ ଭକ୍ତ,ଶିଷ୍ୟ,ମଣିଷ,ଗୁରୁ, ଗୁରୁଜନଠାରୁ ଆରମ୍ଭକରି ରାଜ୍ୟ,ଦେଶ,ବିଦେଶ ମାନଙ୍କରେ ବି ସମସ୍ୟା ସୃଷ୍ଟି ହୋଇଚାଲିଛି । କେଉଁ ଆବହମାନ କାଳରୁ ଏହା ଏକ (ଶକ୍ତିର ଉତ୍ସ)କିନ୍ତୁ ଏହି ସମସ୍ୟା ହିଁ ସମାଧାନର ସୂତ୍ର । ସମସ୍ୟା ନଥିଲେ ସମାଧାନର ମାର୍ଗ କେଉଁଠୁ ପାଇବ? ତେଣୁ ହେ ସୁଧିଜନ ସମସ୍ୟା ପାଇଁ ବ୍ୟସ୍ତ ନ ହୋଇ ସ୍ଥିର ହୋଇଯାଅ । ଏହାର ମୂଳକୁ ଖୋଜ, ଡାଳରେ ବୁଲି ବୁଲି ବିଭିନ୍ନ ଆଲୋଚନାକୁ ସ୍ଥଗିତ ରଖ । କାହିଁକିନା ସମସ୍ୟା ବାଟରେ ଥିବ କିନ୍ତୁ ଆମେ ଆଲୋଚନା କରି କରି ସମସ୍ୟାକୁ ଆହୁରି ଜଟିଳତା କରିଦେଇଥାଉ । କାରଣ ସମସ୍ୟା ସୂକ୍ଷ୍ମରେ ଆସେ, କିନ୍ତୁ ଆମ୍ଭେମାନେ ମୋଟା ବୁଦ୍ଧି ଦ୍ୱାରା ତାକୁ ଆଲୋଚନା କରି କରି ଜଟିଳ ଆଡକୁ ନେଇଯାଇଥାଉ। ଏ ସଂସାରରେ ଭଲ ଆଉ ମନ୍ଦ ଦୁଇଟି ପଥ । ପ୍ରଥମେ ନିଜକୁ ଆୟତ୍ତ କର, ସଂଯମତା ରକ୍ଷା କରି ସମସ୍ୟାର ପର୍ଯ୍ୟବେକ୍ଷଣ କର, କାହିଁକି ଏପରି ଉପୁଜୁଛି। ଏହାର ମୂଳ ମନ୍ତ୍ର କେଉଁଠି ଅଛି । ତୁମର ଦାୟିତ୍ୱ ହୀନତା, କର୍ତ୍ତବ୍ୟ ହୀନତା,ଆଳସ୍ୟତା, ଅତ୍ୟଧିକ ଗପସପ ଉପରେ ନିଜକୁ ନିଜେ ସମୀକ୍ଷା କରା ଦେଖିବ ତୁମେ ହିଁ ତାର ମୂଳ ପାଖରେ ପହଞ୍ଚିଯାଇଥିବ । କିନ୍ତୁ ତୁମକୁ ଜଣାନଥିବା ତେଣୁ ସ୍ଥିରତାହିଁ ସମସ୍ୟାକୁ ସାଧ୍ୟ କରିବାର ସୁଯୋଗ ଦେଇଥାଏ । ତେଣୁ ହେ ଭକ୍ତ ସମସ୍ୟା ପାଇଁ ବିଚଳତାକୁ ଅଗ୍ରାଧିକାର ନଦେଇ ସ୍ଥିରତାକୁ ଭୂଷଣ କର । ଦେଖିବ ସମାଧାନର ପଥ ସୁଗମ ନିଶ୍ଚୟ ହୋଇଯିବ । ଏହାହିଁ ଈଶ୍ୱରଙ୍କର ବାଣୀ । ହରି ଓଁ ।

ଭାରତ ମାତାର ଯୋଗଜନ୍ମା ରାଷ୍ଟ୍ରଭକ୍ତ ଲାଲ ବାହାଦୁର ଶାସ୍ତ୍ରୀ -୧



ପ୍ରଦୀପ ସେନାପତି
ଲିଙ୍ଗରାଜ ସଂସ୍କୃତି ଗବେଷକ
ସାମନ୍ତରାପୁର, ଭୁବନେଶ୍ୱର-୨,
ମୋ : ୭୮୪୮୮୯୮୪୫୬

ଭାରତ ମାତାର ସୁଯୋଗ୍ୟ ସନ୍ତାନ, ଯୋଗଜନ୍ମା, ମହାନାୟକ, ରାଷ୍ଟ୍ରନାୟକ, ରାଷ୍ଟ୍ର ଭକ୍ତ, ରାଷ୍ଟ୍ର ବନ୍ଧୁ ତଥା ଜୟ ବୀର ଜବାନ, ଜୟ କିଷାନ, ଜୟ ମେରା ଭାରତ ମହାନ୍‌ର ସ୍ରଷ୍ଟା, ବାର୍ତ୍ତାବହ ଲାଲ ବାହାଦୂର ଶାସ୍ତ୍ରୀଜୀଙ୍କର ପ୍ରଧାନମନ୍ତ୍ରୀଙ୍କ ସମୟରେ ସମଗ୍ର ବିଶ୍ୱ ଜାଣିଲା ଭାରତମାତାର ସାମରିକ ଶକ୍ତିର ଦୁର୍ଦ୍ଧର୍ଷ ଯୋଦ୍ଧାମାନଙ୍କର ପରାକ୍ରମ। ପାଞ୍ଚଫୁଟିଆ ବ୍ୟକ୍ତିତ୍ୱ ହେଲେ ମଧ୍ୟ ଦୃଢ ସାହସିକ ପଦକ୍ଷେପ, ଦୃଢ ନେତୃତ୍ୱର ପରାକାଷ୍ଠା, ଦୃଢ ସୁଶାସନର କାର୍ଯ୍ୟଶୈଳୀ ଯୋଗୁଁ ସେହି ସମୟରୁ ହିଁ ବିଶ୍ୱ ସାମରିକ ଇତିହାସରେ ଭାରତ ମାତାର ଏକ ସ୍ୱତନ୍ତ୍ର ଇତିହାସ ରଚିତ ଓ ପରିଚୟ ସୃଷ୍ଟି କରିପାରିଥିଲା। ସେହି ସମୟ ପରଠାରୁ ହିଁ ଆମର ଭାରତ ମାତା ଆଜି ପର୍ଯ୍ୟନ୍ତ ପଛକୁ ଫେରିନାହିଁ। ସମଗ୍ର କ୍ଷେତ୍ରରେ ଦୃତଗତିରେ, ଦୃଢତାର ସହିତ ଆଗେଇ ଚାଲିଛି। ଏହା ଆମ ପାଇଁ ଗର୍ବ ଗୌରବ ବୋଲି ନିଶ୍ଚିତ ଭାବରେ କହିପାରିବା। ସମଭାବାପର୍ଣ୍ଣ, ସର୍ବଧର୍ମ ସମନ୍ୱୟ ଦୃଢ ଏକତାର ବଳ ଆଜି ବିଶ୍ୱ ଆଗରେ ପ୍ରମାଣିତ କରିପାରିଛି।

୧୯୬୫ ମସିହା। ପାକିସ୍ଥାନ ଭାରତ ଉପରେ ଆକ୍ରମଣ କରିଦେଲା। ଶାସ୍ତ୍ରୀଜୀ ନିଜ ମାଆଙ୍କଠାରୁ ପାଇଥିବା ଶିକ୍ଷାକୁ ମାନିଲେ। ଦେଶର ରକ୍ଷା ତାଙ୍କର କର୍ତ୍ତବ୍ୟ ଥିଲା। ସେ ପ୍ରତିରକ୍ଷାର ପ୍ରସ୍ତୁତିରେ ପୂରା ଧ୍ୟାନ ଦେଲେ ଏବଂ ସାବଧାନ ରହିଲେ। ବଢ଼ିଯାଉଥିବା ଖର୍ଚ୍ଚକୁ କମାଇବାରେ ପ୍ରଥମେ ନିଜେ ଧ୍ୟାନ ଦେଇଥିଲେ। ତେଣୁ ସେ ଜନତାଙ୍କୁ ଆଗ୍ରହର ସହ ସହଯୋଗ ମାଗିଲେ।

ଦେଶକୁ ରକ୍ଷା କରିବା ପାଇଁ ଟଙ୍କା ଏବଂ ସୁନା ରୂପରେ ଧନ ଦରକାର ଥିଲା। କେବଳ ଭାଷଣ ଦେବାରେ ଦେଶକୁ ରକ୍ଷା କରି ହେବନି। ଏଥିପାଇଁ ଦେଶବାସୀଙ୍କୁ ମାୟା-ମୋହ ତ୍ୟାଗ କରି ତନ-ମନ-ଧନରେ ସହଯୋଗ କରିବାକୁ ହେବ। କହିବା ଓ କରିବା ସମାନ ହେବା ଦରକାର, ତେବେ ଜନମାନସରେ ବିଶ୍ୱାସ ଜାଗ୍ରତ ହେବ। ଏଥିପାଇଁ ଶାସ୍ତ୍ରୀଜୀ ନିଜର ପରିବାରରେ ଖର୍ଚ୍ଚ କମାଇବାକୁ ଆଦେଶ ଦେଲେ ତଥା ଦେଶରକ୍ଷା ପାଣ୍ଠିକୁ ନିଜର ପତ୍ନୀଙ୍କର ବଳକା ସ୍ୱର୍ଣ୍ଣ ଅଳଙ୍କାର ଦେବାକୁ କହିଲେ, ଯାହାକୁ ସହର୍ଷ ସ୍ୱୀକାର କରି ତାଙ୍କର ତ୍ୟାଗମୟୀ ପତ୍ନୀ ହସିହସି ନିଜର ପ୍ରିୟ ଆଭୂଷଣକୁ ଦେଶରକ୍ଷା ପାଣ୍ଠିକୁ ଦାନ କରି ଦେଇଥିଲେ, ଯାହାର ପ୍ରଭାବ ବ୍ୟାପକ ଭାବରେ ପଡ଼ିଥିଲା। ଦେଖୁ ଦେଖୁ ଦେଶରକ୍ଷା ପାଣ୍ଠିରେ କୋଟି - କୋଟି ଟଙ୍କା ଜମା ହୋଇଗଲା ଏବଂ ସୁନା ବିପୁଳ ଭଣ୍ଡାର ପାଲଟିଗଲା। ଏହା ସତ୍ୟ ଯେ ଆନୁକରଣରେ ଜଳର ପ୍ରବାହ ଉପରୁ ତଳକୁ ଯାଏ ଯେବେ ଏହି କଥା ସୈନିକ ଏବଂ ଅଧିକାରୀମାନଙ୍କୁ ଜଣାଗଲା ତ ସେମାନେ ମଧ୍ୟ ନିଜ ନିଜର ଖର୍ଚ୍ଚ କମାଇଦେଲେ। ଏମାନଙ୍କର ଉତ୍ସାହରେ ଅପୂର୍ବ ବୃଦ୍ଧି ଘଟିଲା। ଉନ୍ନତମାନର ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୋଇପାରିଲା। ଦେଶରକ୍ଷା କାର୍ଯ୍ୟ ପ୍ରତ୍ୟେକଙ୍କର ଦାୟୀତ୍ୱ ହୋଇଗଲା। ଜଣେ ଅନ୍ୟକୁ ଠକିବାର ଏବଂ ନିଜର ଲାଭ ଉଠାଇବାର ପ୍ରବୃତ୍ତିରେ ଲଗାମ ଲାଗିଗଲା। ସୈନିକ ସାବଧାନ ଏବଂ ସତର୍କ ରହିବାକୁ ଲାଗିଲେ କି ସେମାନଙ୍କ ପାଇଁ କିଛି ଏପରି ନହେଉ ଯାହାର ପରିଣାମ ଦେଶ ଭୋଗ କରିବ ଏବଂ ଗୋଟିଏ କ୍ଷଣର ଭୁଲର ସଜା ଜୀବନସାରା ସଭିଙ୍କୁ ଭୋଗିବାକୁ ପଡ଼ିବ ଏବଂ ଚର୍ଚ୍ଚାର ବିଷୟ ହେବ।

ଭାରତ- ପାକିସ୍ତାନ ଯୁଦ୍ଧ ସମୟରେ ଦେଶରେ ଚାଉଳର ଅଭାବ ହେବାର ପରିସ୍ଥିତି ଆସିଗଲା ଏବଂ ଯେତେବେଳେ ଆମେରିକା ଗହମ ରପ୍ତାନି ନକରିବା ପାଇଁ ଧମକ ଦେଲା ସ୍ଥିତି ଆହୁରି ଅସମ୍ଭାଳ ହେବାକୁ ଲାଗିଲା। ଏଥିରେ ସ୍ୱାଭିମାନୀ ପ୍ରଧାନମନ୍ତ୍ରୀ ଗୋଟିଏ ପକ୍ଷରେ ଉତ୍ପାଦନ ବଢ଼ାଇବା ଉପରେ ଗୁରୁତ୍ୱ ଦେଲେ, ଅପର ପକ୍ଷରେ ଖର୍ଚ୍ଚ କମାଇବା ପାଇଁ ସେ ସୋମବାର ବ୍ରତ ରଖିବାକୁ ଆହ୍ୱାନ ଦେଲେ। ଏହାର ପ୍ରଭାବ ପଡ଼ିଲା। ଯେପରି ରାଜା ସେପରି ପ୍ରଜା। ବହୁ ସଂଖ୍ୟାରେ ଲୋକମାନେ ସୋମବାର ବ୍ରତ ରଖିବା ଆରମ୍ଭ କରିଦେଲେ। ଏହି ବ୍ରତ କୃଷି ବୈଜ୍ଞାନିକମାନଙ୍କୁ ଆଚମ୍ବିତ କଲା। ପରିଣାମ ଅନୁକୂଳ ହେଲା। ସେ ଦୁଇଟି କ୍ଷେତ୍ରରେ ସଫଳ ହେଲେ। ଶାସ୍ତ୍ରୀଜୀ 'ଜୟ ଜବାନ ଜୟ କିଷାନ'ର ସ୍ଲୋଗାନ ଦେଲେ।

ଭାରତ ବିଦେଶ ନୀତି ବିଷୟରେ ଶାସ୍ତ୍ରୀଜୀ ସ୍ପଷ୍ଟ ଘୋଷଣା କଲେ ଯେ ସେ ପଣ୍ଡିତ ନେହେରୁଙ୍କ ନୀତିଗୁଡ଼ିକୁ ପାଳନ କରିବେ ଏବଂ କୌଣସି ପରିବର୍ତ୍ତନ ଚାହିଁବେ ନାହିଁ। ସହଅସ୍ତିତ୍ୱ ଓ ଗୋଷ୍ଠୀ ନିରପେକ୍ଷ ନୀତିକୁ ଆପଣେଇବେ। ରୁଷିଆ ପକ୍ଷରେ କିମ୍ବା ଆମେରିକା ପକ୍ଷରେ ରହିବେ ନାହିଁ। "ନିଜେ ବଞ୍ଚ ଅନ୍ୟକୁ ବଞ୍ଚାଅ" ଏବଂ "ଭୟ କର ନାହିଁ କି ଅନ୍ୟକୁ ଭୟଭୀତ କର ନାହିଁ"ର ସିଦ୍ଧାନ୍ତକୁ ପାଳନ କରିବେ। ନିଜର ଏହି ନୀତି ଯୋଗୁଁ ସେ ରୁଷ ଏବଂ ଆମେରିକା ଦୁହିଁଙ୍କ ସହ ନିଜର ସମ୍ପର୍କ ବଜାୟ ରଖିପାରିଥିଲେ। ଶାସ୍ତ୍ରୀଜୀ କାନାଡ଼ା, ବର୍ମା, ରୁଷ ଏବଂ ଶ୍ରୀଲଙ୍କା ଯାତ୍ରା କରିଥିଲେ ଏବଂ ଏହି ଦେଶଗୁଡ଼ିକ ସହ ସଦ୍‌ଭାବନା ସୃଷ୍ଟି କରିପାରିଥିଲେ। ଏମାନଙ୍କ ସହ ସାମାଜିକ ଏବଂ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିଥିଲେ।

୫ ଅଗଷ୍ଟ ୧୯୬୫ରେ ପାକିସ୍ତାନ କାଶ୍ମୀର ଉପରେ ସଶସ୍ତ୍ର ଆକ୍ରମଣ କରିଦେଲା। ପାକିସ୍ତାନର ତତ୍‌କାଳୀନ ରାଷ୍ଟ୍ରପତି ଆୟୁବ ଖାଁ ଏବଂ ବିଦେଶ ମନ୍ତ୍ରୀ ଜୁଲ୍‌ଫିକର ଅଲୀ ଭୁଟ୍ଟୋ ସହଜରେ ସାରା ଭାରତକୁ ଅଧିକାର କରିବାର ସ୍ୱପ୍ନ ଦେଖୁଥିଲେ। ସେ ଭାବୁଥିଲେ କି ହିନ୍ଦୁସ୍ଥାନର ମୁସଲମାନମାନେ ଧର୍ମ ନାମରେ ତାଙ୍କୁ ସହଯୋଗ କରିବେ। ତାଙ୍କର ମୁଜାହିଦିନ୍‌ମାନେ ଆମ ଦେଶରେ ଏପାଇଁ ପ୍ରଚେଷ୍ଟା କରିଥିଲେ ମାତ୍ର ଆମ ଦେଶର ଧର୍ମନିରପେକ୍ଷ ନୀତି ଏବଂ ଏହାର ପାଳନ କାରଣରୁ ପରିଣାମ ଆମ ସପକ୍ଷରେ ଯାଇଥିଲା। ଚୀନ ସହିତ ଗୁପ୍ତ ମନ୍ତ୍ରଣା କରି ପାକିସ୍ତାନ 'ଗରିଲା' ବାହିନୀ ଲୁଚିଛପି ଯୁଦ୍ଧରେ ଭାଗ ନେଲେ ଏବଂ କାଶ୍ମୀର ସୀମା ବିବାଦ ନାମରେ ଧସେଇ ପଶି ଉପଦ୍ରବ କଲେ। ଅନ୍ୟପକ୍ଷେ, ଆମେରିକାରୁ ମିଳିଥିବା ଅସ୍ତ୍ରଶସ୍ତ୍ରରେ ପାକିସ୍ତାନୀ ସୈନ୍ୟମାନେ ଗଣ୍ଡଗୋଳ କରିଦେଲେ। ଚୀନ ମଧ୍ୟ ପାକିସ୍ତାନୀମାନଙ୍କ ସହିତ ରହିଲା। ପୂରା ଉତ୍ତର -ପୂର୍ବ ସୀମା କ୍ଷେତ୍ରରେ ତାଙ୍କର ସୈନ୍ୟ ଛାଉଣୀ ପକାଇ ରହିଥିଲେ।

ଏପରି ସଂକଟ ବେଳେ ମଧ୍ୟ ଶାସ୍ତ୍ରୀଜୀ ବୀରତ୍ୱର ପରିଚୟ ଦେଇ ଦେଶର ସୈନିକମାନଙ୍କର ଉତ୍ସାହ ବଢ଼ାଇଥିଲେ ଏବଂ ସଂପୂର୍ଣ୍ଣ ଭାରତର ମନୋବଳର ଯଥାର୍ଥ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଆହ୍ୱାନରେ ଆମର ସୈନ୍ୟମାନେ ଆଗକୁ ବଢ଼ିଲେ। ଦେଶରେ ଯୁବଗୋଷ୍ଠୀ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ଭାଳିଲେ। ରାଷ୍ଟ୍ରୀୟ ସୁରକ୍ଷା ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ ଦେଇ ଲୋକମାନେ ଦେଶର ସେବାରେ ନିଜର ତନ-ମନ-ଧନ ଅର୍ପଣ କରିଦେଲେ। ତେଣୁ ଚୀନ ଆକ୍ରମଣର ଚେତାବନୀ ପ୍ରତ୍ୟାହାର କଲା। ଆମର ସୈନ୍ୟମାନେ ବୀରତ୍ୱର ପରମ୍ପରା ବଜାୟ ରଖି ପାକିସ୍ତାନୀଙ୍କୁ କେବଳ ପରାସ୍ତ କଲେ ନାହିଁ, ଅଧିକନ୍ତୁ ପାକିସ୍ତାନୀ ଆକ୍ରମଣକାରୀଙ୍କୁ ଲାହାରୋ ପର୍ଯ୍ୟନ୍ତ ଘଉଡ଼ାଇ ଦେଲେ। ସମଗ୍ର ବିଶ୍ୱ ଏହି ଚମତ୍କାରିତାକୁ ଦେଖିଲା ଏବଂ ପ୍ରଶଂସା କଲା। ବୁଝାମଣା ପାଇଁ ସର୍ତ୍ତ ରଖାଗଲା ଏବଂ ସଂଯୁକ୍ତ ରାଷ୍ଟ୍ର ସଂଘ ଅନୁସାରେ ନଅସୂତ୍ରୀ ଚୁକ୍ତିପତ୍ର ପ୍ରସ୍ତୁତ କରାଗଲା। ଏହି ଚୁକ୍ତିନାମାରେ ରୁଷରେ ସ୍ୱାକ୍ଷର ହେବାର ଥିଲା। ପାକିସ୍ତାନ ଏବଂ ହିନ୍ଦୁସ୍ଥାନର ତତ୍କାଳୀନ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ 'ତାସକେଣ୍ଟ' ଗଲେ। ରୁଷର ତତ୍‌କାଳୀନ ପ୍ରଧାନମନ୍ତ୍ରୀ କୋସିଜିନ ଚୁକ୍ତିପତ୍ର ସ୍ୱାକ୍ଷର କରାଇବାର ଦାୟିତ୍ୱ ନେଇଥିଲେ। ୩ ଜାନୁଆରୀ ୧୯୬୬ରେ ଶାସ୍ତ୍ରୀଜୀ ସକାଳ ୧୦ଟାବେଳେ ତାସକେଣ୍ଟ ଯାତ୍ରା କଲେ। ତାଙ୍କ ସହିତ ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଶ୍ରୀ ଯଶବନ୍ତ ରାଓ ଚହ୍ୱାନ ମୁଖ୍ୟ ଥିଲେ।

> "ଖୁସିରହୁ ସଦା ଦେଶ ଆମର
> ଆମେ ତ ଯାତ୍ରୀ ମୃତ୍ୟୁ ପଥର।"

ତୁଫାନୀ ଦୁନିଆରେ ସଂଗ୍ରାମକାରୀ ଅଳ୍ପଉଚ୍ଚା ସାହସୀ ମଣିଷଟି ଆମ୍ଭମାନଙ୍କର ସମୃଦ୍ଧି ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ବାହାରି ପଡ଼ିଲେ। ଝଡ଼ଝଞ୍ଜାରେ ଲିଭୁ ନଥିବା ଦୀପାଳିର କାହାଣୀ ସାରା ଜଗତରେ ପହଞ୍ଚିଗଲା। ଧୋତି ଏବଂ କୋଟ୍ ପିନ୍ଧି ଶାସ୍ତ୍ରୀଜୀ ସେହି ଥଣ୍ଡା ଦେଶକୁ ଯିବାପାଇଁ ପ୍ରସ୍ତୁତ ଥିଲେ। ୧୯୬୬ ଜାନୁଆରୀ ୧୦ ତାରିଖରେ ଶାସ୍ତ୍ରୀଜୀ ସମ୍ମାନ ଏବଂ ଶାନ୍ତି ରକ୍ଷା କରିବାପାଇଁ ରାଷ୍ଟ୍ର ତଥା ବିଶ୍ୱର ନାଗରିକ ହେବାର କର୍ତ୍ତବ୍ୟ ତୁଲାଇ ଚୁକ୍ତିନାମାରେ ସ୍ୱାକ୍ଷର କରିଦେଲେ। ସେତେବେଳେ ରାଜନୀତିଜ୍ଞ ମୀନୁ ମଶାନୀ କହିଥିଲେ, "ତାସକେଣ୍ଟରେ ସେ ଯାହା କିଛି କଲେ ତାହା ତାଙ୍କ ଜୀବନର ଶ୍ରେଷ୍ଠ ସଫଳତା ଥିଲା।"

ଦସ୍ତଖତ କରିବା ପରେ ଆୟୁବ କହିଲେ, "ଖୁଦା ହାଫିଜ୍!" ଏହି ପ୍ରକାର ଶାନ୍ତି ଏବଂ ଯୁଦ୍ଧର ନେତା ନିଜର ଅନ୍ତିମ ରାଜନୈତିକ ବିଜୟ ଲାଭ କଲେ। ମଧ୍ୟରାତ୍ରୀର କିଛିକ୍ଷଣ ପୂର୍ବରୁ ଶାସ୍ତ୍ରୀଜୀ ନିଜ ପତ୍ନୀ ଲଳିତାଙ୍କୁ ଟେଲିଫୋନ କରିଥିଲେ। (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ବିଜେପୁର ଆଇଟିଆଇର କୋଠା ନିର୍ମାଣ ସମ୍ପୂର୍ଣ୍ଣ ହେଉନି:ଭବିଷ୍ୟତ ନେଇ ପ୍ରଶ୍ନବାଚୀ


ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଯୁବପିଢ଼ିଙ୍କୁ ବୈଷୟିକ ଶିକ୍ଷା ଓ ବୃତ୍ତିଗତ ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷ କରି ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ ବରଗଡ଼ ଜିଲ୍ଲାର ବିଜେପୁର ଆଇଟିଆଇର ନିଜସ୍ୱ କୋଠା ନିର୍ମାଣ କାର୍ଯ୍ୟ ଦୀର୍ଘ ତିନି ବର୍ଷ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବାରୁ ଏହାର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନ ଉଠିଛି। ନିଜ ଅଞ୍ଚଳରେ ଆଇଟିଆଇର ଭିତ୍ତିଭୂମି ନିର୍ମାଣ ସମ୍ପୂର୍ଣ୍ଣ ହୋଇନଥିବାରୁ ବିଜେପୁର ଆଇଟିଆଇର ବିଭିନ୍ନ ଟ୍ରେଡ୍‌ରେ ପ୍ରଶିକ୍ଷଣ କାର୍ଯ୍ୟ ବରଗଡ଼ ଠାରେ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟା ଆଇଟିଆଇ ପରିଦର୍ଶନ କରି ଏହାର ପ୍ରଶିକ୍ଷଣ ବ୍ୟବସ୍ଥା ଓ ନିର୍ମାଣାଧୀନ କୋଠାର ସ୍ଥିତି



ଅନୁଧ୍ୟାନ କରିଛନ୍ତି। ଏଥିସହ ଆଇଟିଆଇରେ ଚାଲୁଥିବା ବିଭିନ୍ନ ବୈଷୟିକ ପ୍ରଶିକ୍ଷଣ ଏବଂ ଛାତ୍ରଛାତ୍ରୀଙ୍କୁ ଉପଲବ୍ଧ ସୁବିଧା ସମ୍ପର୍କରେ ଅବଗତ ହୋଇଛନ୍ତି। ସୂଚନା ଅନୁଯାୟୀ, ବିଜେପୁର ଆଇଟିଆଇରେ ଇଲେକ୍ଟ୍ରିସିଆନ୍, ଫିଟର୍, ଆଡଭାନ୍ସ ସିଏନ୍‌ସି ଏବଂ ଆଡଭାନ୍ସ ଆର୍କିଟେକ୍ଚରାଲ ଡ୍ରାଫ୍ଟସମ୍ୟାନ୍ ଭଳି ବିଭିନ୍ନ ବୈଷୟିକ ଟ୍ରେଡ୍‌ରେ ପ୍ରଶିକ୍ଷଣ ଦିଆଯାଉଛି। ଏହି ଟ୍ରେଡ୍‌ଗୁଡ଼ିକରେ ଶିକ୍ଷାର୍ଥୀମାନେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ବୈଷୟିକ ଜ୍ଞାନକୌଶଳ ଓ କାର୍ଯ୍ୟକ୍ଷେତ୍ରରେ ଆବଶ୍ୟକ ବ୍ୟବହାରିକ ଦକ୍ଷତା ହାସଲ କରିବାର ସୁଯୋଗ ପାଉଛନ୍ତି। ଏହାଦ୍ୱାରା ଭବିଷ୍ୟତରେ ବିଭିନ୍ନ ଶିଳ୍ପାନୁଷ୍ଠାନ, କଳକାରଖାନା ଓ ବୈଷୟିକ କ୍ଷେତ୍ରରେ ନିଯୁକ୍ତି ପାଇବା ସହ ନିଜସ୍ୱ ଉଦ୍ୟୋଗ ସ୍ଥାପନ କରି ଆତ୍ମନିର୍ଭର ହେବାର ସୁଯୋଗ ରହିଛି। ତେବେ ଏତେଗୁଡ଼ିଏ ବୈଷୟିକ ଟ୍ରେଡ୍‌ରେ ପ୍ରଶିକ୍ଷଣ ଚାଲୁଥିବା ସତ୍ତ୍ୱେ ଆଇଟିଆଇର ନିଜସ୍ୱ କୋଠା ଏଯାଏଁ ନିର୍ମାଣ ଶେଷ ହୋଇନଥିବା ଏକ ଚିନ୍ତାର ବିଷୟ ହୋଇଛି। ଦୀର୍ଘ ତିନି ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ତାହା କାହିଁକି ଶେଷ ହୋଇପାରୁନାହିଁ, ଏହାର କାରଣ କ'ଣ ଏବଂ ଅବଶିଷ୍ଟ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ, ତାହାକୁ ନେଇ ଅଞ୍ଚଳରେ ଆଲୋଚନା ହେଉଛି। ବିଜେପୁର ଭଳି ଏକ ଗ୍ରାମାଞ୍ଚଳରେ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ଆଇଟିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ ଅଞ୍ଚଳର ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳରେ ରହି ବୈଷୟିକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲେ ଏହା ସେମାନଙ୍କ ପାଇଁ ବିଶେଷ ସହାୟକ ହେବ। ଅନ୍ୟପକ୍ଷରେ, ପ୍ରଶିକ୍ଷଣ କାର୍ଯ୍ୟ ବରଗଡ଼ ଠାରେ ଚାଲୁଥିବାରୁ ବିଜେପୁର ଅଞ୍ଚଳର ଶିକ୍ଷାର୍ଥୀମାନଙ୍କୁ ଯାତାୟାତ ଓ ଅନ୍ୟାନ୍ୟ କ୍ଷେତ୍ରରେ ଅସୁବିଧା ହେଉଛି କି ନାହିଁ, ତାହା ମଧ୍ୟ ବିଚାରଯୋଗ୍ୟ। ତେଣୁ ବିଧାୟକଙ୍କ ପରିଦର୍ଶନ ପରେ ନିର୍ମାଣ କାର୍ଯ୍ୟରେ କେତେ ଶୀଘ୍ର ଅଗ୍ରଗତି ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ସମ୍ପୃକ୍ତ ବିଭାଗ ଓ ନିର୍ମାଣକାରୀ ସଂସ୍ଥା ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅଧପନ୍ତରିଆ କୋଠା କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ଆଇଟିଆଇକୁ ନିଜସ୍ୱ କୋଠାରେ ଚାଲୁ କରିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି। ତିନି ବର୍ଷର ଅପେକ୍ଷା ପରେ କେବେ ବିଜେପୁର ଆଇଟିଆଇର ନିଜସ୍ୱ କୋଠା ନିର୍ମାଣ ଶେଷ ହେବ, ତାହା ଏବେ ମୁଖ୍ୟ ପ୍ରଶ୍ନ।

ଉମରକୋଟରେ ବଢ଼ୁଛି ଅପରାଧିକ କାର୍ଯ୍ୟ:ପୋଲିସର କାର୍ଯ୍ୟଦକ୍ଷତା ନେଇ ଉଠିଲା ପ୍ରଶ୍ନ



ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଶାନ୍ତି ପ୍ରିୟ ସହର ଭାବେ ପରିଚିତ ଉମରକୋଟରେ ଦିନକୁ ଦିନ ବଢ଼ିଚାଲିଛି ଅପରାଧ। ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ଆକ୍ରମଣ ଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିରରୁ ଚୋରି ଘଟଣା ସହରବାସୀଙ୍କ ମଧ୍ୟରେ ତୀବ୍ର ଭୟ ଓ ଅସୁରକ୍ଷାର ବାତାବରଣ ସୃଷ୍ଟି କରିଛି। ଏଭଳିସ୍ଥିତିରେ ପୋଲିସ ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ଏକ ଯୁବ ସଂଗଠନ ଅସନ୍ତୋଷ ଝାଡ଼ିବା ସହ ଅପରାଧୀଙ୍କ ବିରୋଧରେ କଠୋର ପଦକ୍ଷେପ ଦାବି କରିଛି। ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ସୁଦ୍ଧା ଅପରାଧୀଙ୍କ ବିରୋଧରେ ପୋଲିସର କୌଣସି ଦୃଢ଼ ପଦକ୍ଷେପ ଦେଖିବାକୁ ମିଳୁନାହିଁ। ପୋଲିସର ଏହି କୋହଳ ମନୋଭାବ ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରୁ ଭରସା କମିବାରେ ଲାଗିଛି। ଏହି ସମ୍ପର୍କରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଥିବା ବେଳେ, ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସହରର ସାମ୍ପ୍ରତିକ ସ୍ଥିତି ବାବଦରେ ଜଣାଇବାକୁ ସଂଗଠନ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ, ସହରର ବିଭିନ୍ନ ହିନ୍ଦୁ ଦେବାଦେବୀ ମନ୍ଦିରରୁ ଚୋରି ଘଟଣାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ଚୋରି ଘଟଣାରେ ୪୮ ଘଣ୍ଟା ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ପୋଲିସ ପୂର୍ବରୁ ଆଶ୍ୱାସନା ଦେଇଥିଲା। ମାତ୍ର ୧୫ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ପୋଲିସର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ଯୁବ ସଂଗଠନ ନଜର ରଖିଛି। ଯଦି ଖୁବ୍‌ଶୀଘ୍ର ଅପରାଧୀଙ୍କ ବିରୋଧରେ କଡ଼ା ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ହଜାର ହଜାର ଲୋକଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବା ସହ 'ଉମରକୋଟ ସହର ବନ୍ଦ' ଡାକରା ଦିଆଯିବ ବୋଲି ସଂଗଠନ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି।

ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତାବୋଧ ସୃଷ୍ଟି କଲା 'ରନ୍ ଫର୍ ୟୁନିଟି'

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଅନୁଷ୍ଠିତ ହୋଇଯାଇଛି 'ରନ୍ ଫର୍ ୟୁନିଟି' ବା ଏକତା ପାଇଁ ଦୌଡ଼। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ପାଳନ ଅବସରରେ ଉମରକୋଟ ପୋଲିସ ପ୍ରଶାସନ ପକ୍ଷରୁ ଏହି ପ୍ରେରଣାଦାୟୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସଂହତିକୁ ସୁଦୃଢ଼ କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତାବୋଧ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଉମରକୋଟ ସହରରେ ଏକ ବିରାଟ 'ରନ୍ ଫର୍ ୟୁନିଟି' ଶୋଭାଯାତ୍ରା ବାହାରିଥିଲା। ଏହି ଦୌଡ଼ରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ଏବଂ ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ଶବର, ଉମରକୋଟ ଥାନା ଭାରପ୍ରାପ୍ତ ଅଧିକାରୀ ଯୁଗଳ ଶବର, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଏବଂ ଏସ୍‌ଡିପିଓ (ମହିଳା ବିରୋଧୀ ଅପରାଧ ତଦନ୍ତ ୟୁନିଟ୍) ସରୋଜ ପୂନମ କିସପଟ୍ଟା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଶପଥ ପାଠ: ଏହି ଅବସରରେ ପୋଲିସ ପ୍ରଶାସନ ପକ୍ଷରୁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ଓ ସାଧାରଣ ଜନତାଙ୍କୁ ଦେଶର ସୁରକ୍ଷା ଓ ଏକତା ବଜାୟ ରଖିବା ନିମନ୍ତେ ସାମୂହିକ ଶପଥ ପାଠ କରାଯାଇଥିଲା। ଜାତି, ଧର୍ମ ଓ ବର୍ଣ୍ଣର ଭେଦଭାବ ଭୁଲି ଦେଶର ପ୍ରଗତି ପାଇଁ ସମସ୍ତେ ଏକାଠି କାମ କରିବାକୁ ସଂକଳ୍ପ ନେଇଥିଲେ। ଉମରକୋଟ ପୋଲିସର ଏହି ସୁନ୍ଦର ପ୍ରୟାସ ସମାଜରେ ଭାଇଚାରା ଓ ଦେଶପ୍ରେମର ବାର୍ତ୍ତା ବାଣ୍ଟିଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏହାକୁ ବହୁତ୍ ପ୍ରଶଂସା କରିଛନ୍ତି।



ପ୍ରାଚୀନ ପରମ୍ପରା:ମା' ଗଜଲକ୍ଷ୍ମୀଙ୍କୁ କାନ୍ଧେଇ କାନ୍ଧେଇ ଭସାଣ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡାର ଐତିହାସିକ ଲକ୍ଷ୍ମୀପୂଜା ଶତବାର୍ଷିକ ପାଳନ କରୁଥିବାବେଳେ ରବିବାର ସକାଳୁ ମେଲଣ (ଭସାଣୀ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ପ୍ରସିଦ୍ଧ କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା, ପୁରୁଣା ବସ୍ତ୍ରାଣ୍ଡରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ମେଢର ଦୀର୍ଘ ଶହେ ବର୍ଷ କାନ୍ଧେଇ ନେବାର ପରମ୍ପରା ଏବେବି ଜୀବିତ ରହିଛି। ପିଢି ପିଢି ଧରି ମା'ଙ୍କୁ କାନ୍ଧେଇ ନେବାର ପରମ୍ପରା ଏବେ ମଧ୍ୟ ଚାଲୁଛି। ଆଧୁନିକ ଯୁଗରେ ମେଢକୁ ଟ୍ରାକ୍ଟର ଏବଂ ଗାଡି ଚେସିସ୍ ଓ ଶଗଡ ଚେସିସ୍‌ରେ ନେଉଥିବାବେଳେ ପୁରୁଣା ବସ୍ତ୍ରାଣ୍ଡ ମେଢ ଶହେ ବର୍ଷ ଧରି କାନ୍ଧରେ ଯିବା ଆସିବା କରନ୍ତି। ଏହି ପରମ୍ପରାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଖୁସି ଅନୁଭବ କରିବା ସହିତ ପରମ୍ପରା ଅନୁଯାୟୀ କାନ୍ଧେଇ ନେଉଥିବା ବ୍ୟକ୍ତିଙ୍କୁ ସମ୍ମାନର ସହ ସମ୍ବର୍ଦ୍ଧନା ଦେଉଛନ୍ତି।

ସଂସ୍କାର ଭାରତୀ ପକ୍ଷରୁ ବାଲ୍ମୀକି ଜୟନ୍ତୀ ପାଳିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ରାଜବାଟୀ ପରିସରରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତ ବୌଦ୍ଧ ତରଫରୁ ବାଲ୍ମୀକି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ସଂସ୍କାର ଭାରତୀ ବୌଦ୍ଧ ଜିଲ୍ଲା ସଭାପତି ଗୀତାରାଣୀ ରାୟ ଚୌଧୁରୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ରୂପେ ମାଗୁଣି ଗାଇଗୌରିଆ ଓ ମୁଖ୍ୟ ବକ୍ତା ରୂପେ ଜ୍ଞାନଚାନ୍ଦ ଶତପଥୀ, ଶିକ୍ଷା ପରାମର୍ଶଦାତା ଉପସ୍ଥିତ ରହି ମହର୍ଷି ବାଲ୍ମୀକିଙ୍କ ଜୀବନୀ ଓ ଦର୍ଶନ ତତ୍ତ୍ୱ ଆଧାରିତ ବକ୍ତବ୍ୟରେ କହିଥିଲେ ଯେ ମହର୍ଷି ବାଲ୍ମୀକି ଜଣେ ସର୍ବୋଚ୍ଚ ଚେତନାର ଅଧିକାରୀ ଥିଲେ । ସଂସ୍କାର ଭାରତୀର ସଂଗଠନର ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଜିଲ୍ଲା ଲୋକକଳା ପ୍ରମୁଖ ଅରୁଣ କୁମାର ମେଣ୍ଡିଲି, ମଞ୍ଚ କଳା ପ୍ରମୁଖ ସୁରେନ୍ଦ୍ର କର୍ଣ୍ଣ, ମହାମନ୍ତ୍ରୀ କଲ୍ୟାଣୀ ମିଶ୍ର, କୋଷାଧ୍ୟକ୍ଷ ସୁନିତା ହୋତା, ସମ୍ପାଦକ ନିରଞ୍ଜନ ନାଏକ, ତୁଳସୀ ଭୋଇ, କୃଷ୍ଣଚନ୍ଦ୍ର ଆଡଜୁଆଲୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବୌଦ୍ଧର ବିଶିଷ୍ଟ କବି, ଲେଖକ ତଥା ନାଟ୍ୟକାର ହୃଦାନନ୍ଦ ମେହେରଙ୍କୁ ଜୀବନବ୍ୟାପୀ ସାଧନ ପାଇଁ ବୌଦ୍ଧର ବାଲ୍ମୀକି ଉପାଧିରେ ଭୂଷିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ କଲ୍ୟାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁରେନ୍ଦ୍ର କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସୁନିତା ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।



ପୂଜ୍ୟପୂଜାଙ୍କୁ ଅସମ୍ମାନ ପ୍ରତିବାଦରେ କଂଗ୍ରେସର ଧାରଣା

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ବ୍ୟାସନଗର ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ଛକ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଦେଶ ଓ ରାଜ୍ୟର ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଏହି ପ୍ରତିମୂର୍ତ୍ତି ଗୁଡିକର ରକ୍ଷଣା ବେକ୍ଷଣ ମଧ୍ୟ ପୌରପରିଷଦ ଦ୍ୱାରା କରାଯାଇଥାଏ । ହେଲେ ବିଗତ କିଛି ବର୍ଷ ହେବ ପ୍ରତିମୂର୍ତ୍ତି ଗୁଡିକ ରକ୍ଷଣ ବେକ୍ଷଣ ଅଭାବରୁ ଅବହେଳିତ ହୋଇପଡିଥିବା ଦେଖିବାକୁ ମିଳୁଛି । ଏହି ବରପୁତ୍ର ମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପୌର ପରିଷଦ ପକ୍ଷରୁ ପାଳନ କରାଯାଇଥାଏ । ଏବେ ଏହାର ବ୍ୟତିକ୍ରମ ଘଟିଥିବା ଦେଖିବାକୁ ମିଳିଛି । ଏହାର ଦୃଷ୍ଟାନ୍ତ ସହରର ଷ୍ଟେସନ୍ ବଜାରରେ ଥିବା ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅବହେଳିତ ହୋଇପଡିଛି । ପ୍ରତିମୂର୍ତ୍ତିରୁ ରଙ୍ଗ ଛାଡି ଯାଇ କଦର୍ଯ୍ୟ ଦେଖାଯାଉଛି ଓ ଏହାର ଚଟାଣ ଟାଇଲ୍ ଗୁଡିକ ଭାଙ୍ଗିରୁଜି ଯାଇଛି । ଶନିବାର କଂଗ୍ରେସ ଦଳ ପକ୍ଷରୁ ତିରୋଧାନ ଦିବସ ପାଳନ ପାଇଁ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିଲେ। ହେଲେ ପ୍ରତିମୂର୍ତ୍ତିକୁ ରଙ୍ଗ କରାଯାଇନଥିବା ଓ ପୌର ପରିଷଦ ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ସିଡ଼ି ବ୍ୟବସ୍ଥା କରାଯାଇନଥିଲା । ଏହା ଦେଖି କଂଗ୍ରେସ ନେତା ଓ କର୍ମୀମାନେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ପୌର କର୍ତ୍ତୃପକ୍ଷଙ୍କ ପୂଜ୍ୟାପୂଜ୍ୟଙ୍କ ପ୍ରତି ଅସମ୍ମାନ ପ୍ରତିବାଦରେ ପୌର କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ବିଭିନ୍ନ ନାରାବାଜି ଦେଇ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ । ଖବର ପାଇ ପୌରାଧକ୍ଷ ସୁବାଷ ଚନ୍ଦ୍ର ବଳ ଧାରଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ । ଆଗକୁ ଭବିଷ୍ୟତରେ ଆଉ ଏଭଳି ପରିସ୍ଥିତି ଉପୁଜିବ ନାହିଁ ବୋଲି ପୌରାଧକ୍ଷ ବଳ ପ୍ରତିଶୃତି ଦେଇଥିଲେ । ଏହାପରେ କଂଗ୍ରେସ କର୍ମୀମାନେ ଧାରଣାରୁ ଉଠିବା ସହ ଗେଟ୍‌ରୁ ତାଲା ଖୋଲିଥିଲେ । ପୌର ପରିଷଦରେ ନିର୍ବାହୀ ଅଧିକାରୀ ପଦବୀ ବହୁ ଦିନ ହେବ ଖାଲିପଡିଛି । ଜଣେ ଅସ୍ଥାୟୀ ଅଧିକାରୀଙ୍କୁ କାମଚଳା ଦାୟିତ୍ୱ ଦିଆଯାଇଥିବାରୁ ସେ ବହୁ ସମୟ ଅନୁପସ୍ଥିତ ରହୁଛନ୍ତି । ଯାହାଫଳରେ ପୌର ପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବାସହ ଏଭଳି ଅପ୍ରିତିକର ପରିସ୍ଥିତି ଘଟୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

ଏକତା ଶୋଭାଯାତ୍ରାର ଶୁଭାରମ୍ଭ କଲେ ଅତିରିକ୍ତ ଜିଲ୍ଲାପାଳ

ବାଲେଶ୍ୱର, ନ୍ୟୁଜ୍

ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ (ରାଷ୍ଟ୍ରୀୟ ଏକତା ଦିବସ) ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ବିଶାଳ 'ଏକତା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହି ପ୍ରାତଃକାଳୀନ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ ଯୋଗ ଦେଇଥିଲେ। ସକାଳେ ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ପଦଯାତ୍ରା ବାହାରି ଏଡିଏମ୍ ଛକ, ଷ୍ଟେସନ୍ ଛକ, ଫକୀର ମୋହନ ଗୋଲେଇ ଏବଂ ଫାଣ୍ଡିଛକ ଦେଇ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଫେରିଥିଲା। ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଏହି ପଦଯାତ୍ରା ମାଧ୍ୟମରେ ସହରବାସୀଙ୍କୁ ବାର୍ତ୍ତା ଦିଆଯାଇଛି। ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମଟି ଅତି ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ପଦଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣ, ଯୁବକ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ସାମ୍ବାଦିକଙ୍କ ମାତୃ ବିୟୋଗ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମନୋରଞ୍ଜନ ତ୍ରିପାଠୀଙ୍କ ମାତା ବିଶାଖା ତ୍ରିପାଠୀଙ୍କ ୮୭ ବର୍ଷ ବୟସରେ ପରଲୋକ ଘଟିଛି । ଦୀର୍ଘ ୨୫ ବର୍ଷ ଧରି କ୍ଷମତାରେ ଥିବା ସୋନପୁର ବ୍ଲକ ମୟୂରଉଡାନ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସୋନପୁର ବ୍ଲକ ଉପାଧ୍ୟକ୍ଷ ସ୍ୱର୍ଗତ ଘାସିରାମ ତ୍ରିପାଠୀଙ୍କ ଧର୍ମପତ୍ନୀ ଭାବେ ପୁଣ୍ୟାତ୍ମା ବିଶାଖା ତ୍ରିପାଠୀ ସୋନପୁର ବ୍ଲକ ଓ ସୋନପୁର ସହରରେ ବେଶ୍ ପରିଚିତ ଥିଲେ । ସୋନପୁର ଗ୍ରୀଡକୋ କଲୋନୀ ସ୍ଥିତ ତାଙ୍କ ବାସଭବନରେ ଶ୍ରୀମତି ତ୍ରିପାଠୀଙ୍କ ପରଲୋକ ଘଟିଛି। ସ୍ୱର୍ଗୀୟା ତ୍ରିପାଠୀ ଜଣେ ସରଳ, ସଙ୍କୋଚ, ଧର୍ମ ପରାୟଣ, ମିଷ୍ଟଭାଷୀ ତଥା ପରୋପକାରୀ ମହିଳା ଭାବେ ସୋନପୁର ବ୍ଲକ ଅଞ୍ଚଳ ତଥା ସହରରେ ସେ ପରିଚିତ ଥିଲେ। ସ୍ୱର୍ଗୀୟା ତ୍ରିପାଠୀଙ୍କ ରବିବାର ସକାଳେ ରାମେଶ୍ୱର ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କାରାଯାଇଛି। ତାଙ୍କ ବିୟୋଗରେ ସୋନପୁର ସହରରେ ଶୋକର ଛାୟା ଖେଳିଯାଇଛି।

ମା' କାମାକ୍ଷା ପୀଠ ଓ ବାଲାଜୀ ଜଗନ୍ନାଥ ମନ୍ଦିର ଅଭିମୁଖେ ଭୁବନେଶ୍ୱରରୁ ୪୮ ଜଣଙ୍କ ଯାତ୍ରାରମ୍ଭ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ ପକ୍ଷରୁ ଆସାମ ସ୍ଥିତ ମା' କାମାକ୍ଷା ପୀଠ ଓ ବାଲାଜୀ ଜଗନ୍ନାଥ ମନ୍ଦିର ପରିଦର୍ଶନ ନିମନ୍ତେ ୪୮ ଜଣ କର୍ମକର୍ତ୍ତା ଓ ସଦସ୍ୟ ଭୁବନେଶ୍ୱରରୁ ହମ୍‌ସଫର୍ ଏକ୍ସପ୍ରେସ୍‌ରେ ଯାତ୍ରା କରିଛନ୍ତି। ଏହି ଅବସରରେ ସମସ୍ତ ଯାତ୍ରୀ ଭୁବନେଶ୍ୱର ରେଳ ଷ୍ଟେସନ୍ ପ୍ଲାଟ୍‌ଫର୍ମ ନଂ-୩ ରେ ଏକାଠି ହୋଇ 'ମା' କାମାକ୍ଷା କି ଜୟ, ଜୟ ଶ୍ରୀ ଜଗନ୍ନାଥ' ଧ୍ୱନି ଦେଇ ଯାତ୍ରା ଆରମ୍ଭ କରିଥିଲେ। ଆସାମ ମା' କାମାକ୍ଷା ପୀଠ ଓ ବାଲାଜୀ ମନ୍ଦିରରେ ଶ୍ରୀ ଜଗନ୍ନାଥ ସହସ୍ର ନାମ ଓ ସ୍ତୁତି ପଠନ କାର୍ଯ୍ୟକ୍ରମରେ ଯୋଗଦାନ ଏବଂ ମା' କାମାକ୍ଷାଙ୍କ ଦର୍ଶନ। ଏହି ଦର୍ଶନ ସମୟରେ



ଅନୁଷ୍ଠାନ ପକ୍ଷରୁ ପ୍ରଥମ ଥର ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ମହାମନ୍ତ୍ର 'ହରେ ରାମ ହରେ କୃଷ୍ଣ ଜଗନ୍ନାଥ ହରେ.. ରାମ କୃଷ୍ଣ ଏକ ତତ୍ତ୍ୱ ନୀଳାଚଳେ ବିହରେ' କଣ୍ଠ ଭାରତୀ ଭୂଷଣ ପଟ୍ଟନାୟକ ଓ ସାଥୀ ଏବଂ ଭଜନ 'ଜଗନ୍ନାଥ ଚରଣେ ମନ ଲଗାରେ /ହରି ଚରଣେ ମନ ଲଗାରେ' - ଭଜନ ଲେଖକ ଡ଼. ନାରାୟଣ ମହାପାତ୍ର, କଣ୍ଠ ସ୍ୱର୍ଣ୍ଣଲତା ପାଣିଙ୍କ ଲୋକାର୍ପଣ କରାଯାଇ ୟୁଟ୍ୟୁବ୍‌ରେ ଛଡ଼ାଯିବ। ମହାପ୍ରଭୁ ଜଗନ୍ନାଥଙ୍କ ସହସ୍ର ନାମ, ମହାମନ୍ତ୍ର ଓ ଭଜନ ଓଡ଼ିଆ ଓ ହିନ୍ଦୀରେ ଭାରତ ବର୍ଷର ସବୁ ତୀର୍ଥ ସ୍ଥାନ ତଥା ଓଡ଼ିଶାର ଘରେ ଘରେ ଆଦୃତ ହେବା ପାଇଁ ଅନୁଷ୍ଠାନ ପକ୍ଷରୁ ଚେଷ୍ଟା କରାଯାଉଛି।

ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଶ୍ରାଦ୍ଧବାର୍ଷିକରେ ତିଳତର୍ପଣ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିପ୍ଲବୀ ନେତା ସ୍ୱର୍ଗତ ରବି ଲାବଣ୍ୟଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ଜାରକା ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ଠାରେ ତିଳତର୍ପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ତିଳତର୍ପଣ ଅନୁଷ୍ଠିତ ହୋଇଥିଲା ବେଳେ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ କର୍ତ୍ତା ଭାବେ ଯୋଗଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତିଳତର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରବି ଲାବଣ୍ୟ ଜଣେ ନିଆରା ରାଜନେତା ଥିଲେ। ତାଙ୍କୁ କୌଣସି ରାଜନୈତିକ ଦଳ ମଧ୍ୟରେ ସୀମିତ ରଖିବା ଅନୁଚିତ। ସେବା, ତ୍ୟାଗ, ନିଃସ୍ୱାର୍ଥପର ଜନସେବା ପାଇଁ ସେ ସାଧାରଣ ଲୋକଙ୍କ ହୃଦୟକୁ ଜୟ କରିଥିଲେ। ତାଙ୍କ ଆଦର୍ଶକୁ ଗ୍ରହଣ କରିବା ସହିତ ତାଙ୍କ ପଦାଙ୍କ ଅନୁସରଣ କରିପାରିଲେ ତାଙ୍କ ଅମର ଆତ୍ମା ସଦ୍‌ଗତି ଲାଭ କରିପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ୩ ଯୋଗ କେନ୍ଦ୍ର ଉଦ୍‌ଘାଟିତ



ରାଉରକେଲା, ନ୍ୟୁଜ୍

ସୁନ୍ଦରଗଡ ଜିଲ୍ଲା ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଜିଲ୍ଲା ବିସ୍ତାରକ ତଥା ବରିଷ୍ଠ ଯୋଗ ଶିକ୍ଷକ ଶରତ ଚନ୍ଦ୍ର ଦାସ ଏବଂ ଯୋଗ ଶିକ୍ଷକ ପ୍ରଫୁଲ୍ଲ ପାତ୍ରଙ୍କ ସଂଯୋଜନାରେ ୩ଟି ନୂତନ ଯୋଗ କେନ୍ଦ୍ରର ଶୁଭ ଉଦ୍‌ଘାଟନ ଅକ୍ଷୁର ମାର୍ଥ କରିଥିଲେ । ଏହି ନୂତନ ଯୋଗ କେନ୍ଦ୍ର 'କୋଏଲ ନଗର ସ୍ଥିତ ବି ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ପ୍ରତ୍ୟୁଷ ଚନ୍ଦ୍ର ସ୍ୱାଇଁ, ମମତା ଦାସ ଓ ରାଜଶ୍ରୀ ପରିଡା। ଦ୍ୱିତୀୟ କେନ୍ଦ୍ର କୋଏଲ୍ ବିଦ୍ୟାପୀଠ, ସେକ୍ଟର - ୨୦ରେ ପ୍ରଧାନ ଶିକ୍ଷକ ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ପି. ପ୍ରଫୁଲ ପାତ୍ର, ମିତାରାଣୀ ଦାସ, ମମତା ସାହୁ ଓ ପ୍ରଭାତୀ ଦାସ । ସେହିପରି ତୃତୀୟ ନୂତନ କେନ୍ଦ୍ର 'ମିଶ୍ର ଖଟାଲ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସେକ୍ଟର -୨୦ରେ ପ୍ରଧାନ ଶିକ୍ଷକ ସନ୍ତୋଷ ମଲ୍ଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ, ଏହି ଯୋଗ କେନ୍ଦ୍ରରେ ପ୍ରଶିକ୍ଷଣ ଦେବେ ଯୋଗ ଶିକ୍ଷକ ରମେଶ, ମଞ୍ଜୁଲତା ସାହୁ ଓ ଦୀପ୍ତିମୟୀ ପଲେଇ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମାର୍ଗ ଦର୍ଶନ କରିଥିଲେ । ରାଜ୍ୟ ପ୍ରଭାରୀ ଡ. ଅକ୍ଷୁର ମାର୍ଥା, ଜିଲ୍ଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଜିଲ୍ଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଓ ଜିଲ୍ଲା ବିଶ୍ରା ତହସିଲ ପ୍ରଭାରୀ ହେମନ୍ତ କୁମାର ଜେନା । ସମସ୍ତେ ନିରୋଗ ଜୀବନ ଯାପନ କରିବା ପାଇଁ ଯୋଗକୁ ଜୀବନର ଏକ କର୍ମ ଭାବେ ନିରନ୍ତର ପ୍ରୟାସ କଲେ ସୁସ୍ଥ ଜୀବନ, ମସ୍ତିଷ୍କ ବିକାଶ, ଏକାଗ୍ରତା ଓ ବୈଦିକ ବିକାଶ ହୋଇ ସ୍ୱର୍ଗୀୟ ଜୀବନ ଯାପନ କରିବପାରିବେ ବୋଲି ପ୍ରଭାରୀ ବୃନ୍ଦ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୋଗ ଶିକ୍ଷୟିତ୍ରୀ ନିବେଦିତା ବେହେରା, ଜ୍ୟୋତିର୍ମୟୀ ପଟେଲ, ସନ୍ତୋଶିନୀ ବିଶ୍ୱାସରାୟ, ସ୍ମୃତି ରେଖା ସାହୁ, ଚମ୍ପାବତୀ ମହନ୍ତଙ୍କ ସମେତ ବହୁ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଯୋଗ ଶିକ୍ଷକ ପି. ପ୍ରଫୁଲ ପାତ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

ରୂପଯାତ୍ରା ସରିଲା, ତଥାପି ଦର୍ଶକଙ୍କ ଭିଡ଼ କମୁନି



ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ପ୍ରସିଦ୍ଧ ରୁପଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଥିଲେ ହେଁ ଦୁଇଦିନ ଧରି ତିନିକୋଣିଆ ସ୍ଥିତ ରୂପଯାତ୍ରା ପଡ଼ିଆରେ ଲୋକମାନଙ୍କ ଭିଡ଼ ଅସମ୍ଭାଳ ହେଉଥିବା ଦେଖିବାକୁ ମିଳିଛି । ଯାତ୍ରା ପଡିଆକୁ ଦେଖିଲେ ମନେହେଉଛି ଯେମିତି ରୂପଯାତ୍ରା ଆହୁରି ବାକି ରହିଯାଇଛି। ଶନିବାର ସକାଳରୁ ରାତି ୧୦ଟା ପର୍ଯ୍ୟନ୍ତ ଲୋକମାନଙ୍କ ସୁଅ ଛୁଟିବା ସହିତ ଯାତ୍ରାପଡିଆ ଲୋକାରଣ୍ୟ ହୋଇଯାଇଥିଲା । ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ହେବାଫଳରେ ଯାତ୍ରା ରଙ୍ଗ ଫିକା ପଡ଼ିଯାଇଥିଲା ଏବଂ ଯାତ୍ରାରେ ବିପଣି ମେଳିଥିବା ବ୍ୟବସାୟୀ ମାନଙ୍କ ପକ୍ଷେ ଖାଇବା ଖର୍ଚ୍ଚ ଉଠାଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା । ହେଲେ ଶୁକ୍ରବାରରୁ ପାଗ ଅନୁକୂଳ ହେବାରୁ ୨ ଦିନରେ ବ୍ୟବସାୟୀମାନେ ଆଶାନୁରୂପ ବ୍ୟବସାୟ କରିଥିବା ଜଣାପଡ଼ିଛି । ଯାତ୍ରାକୁ ଆସିଥିବା ଲୋକମାନେ ନିଜ ନିଜର ଘରକରଣା ଜିନିଷ କିଣିବା ସହିତ ଯାତ୍ରାରେ ପଡିଥିବା ଚଟ୍‌ପଟି ସୁସ୍ୱାଦୁ ଖାଦ୍ୟର ମଜା ନେଇଛନ୍ତି। ଗୁରବାର ରାତି ୧୨ଟା ସୁଦ୍ଧା ମେଢ଼ ଭସାଣ ପରେ ଯାତ୍ରା ପଡ଼ିଆରେ ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯିବାର ନିୟମ ଧାର୍ଯ୍ୟ କରାଯାଇଥିବାବେଳେ ଯାତ୍ରା ପଡ଼ିଆରେ ଭିଡ଼ ଓ ସ୍ଥାନୀୟ ଲୋକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ରୂପଯାତ୍ରା କମିଟି ଓ ପୌର ପ୍ରଶାସନର ଅନୁରୋଧକ୍ରମେ ଯାତ୍ରା ପଡିଆରେ ଯାତ୍ରା ପଡ଼ିଆରେ ବିଦ୍ୟୁତ୍ ସେବା ଯୋଗାଣ ଅବ୍ୟାହତ ରଖାଯାଇଛି । ସେହିପରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଥାନା ସଜାଗ ରହିଥିବା ଆଇଆଇସି ବିକାଶ କୁମାର ସେଠୀ ପ୍ରକାଶ କରିଛନ୍ତି । ଅନ୍ୟପଟରେ ଦୂରଦୂରାନ୍ତରରୁ ଅସିଥିବା ବ୍ୟବସାୟୀମାନେ ବର୍ଷା ହେତୁ ଯାତ୍ରାରେ ବିକ୍ରିବାଟା କରିପାରିନଥିବା ବେଳେ ଘରବାହୁଡା ସମୟରେ ଶସ୍ତାରେ ସାମଗ୍ରୀ ଦେଉଥିବାରୁ ଦୋକାନ ମାନଙ୍କରେ କିଣାବିକା ଭଲ ହେଉଥିବା ବ୍ୟବସାୟୀମାନେ କହିଛନ୍ତି ।

ଦେଶର ଏକତା, ଅଖଣ୍ଡତା ସୁରକ୍ଷା ପାଇଁ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଶପଥ ଗ୍ରହଣ

କଟକ, ନ୍ୟୁଜ୍ ବ୍ୟୁରୋ

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଶନିବାର ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକ ଠାରେ ରାଷ୍ଟ୍ରୀୟ ଏକତା ଦିବସ-୨୦୨୬ ପାଳନ କରାଯାଇଛି। ଏହି ଅବସରରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ରକ୍ଷା କରିବା ସହ ଜାତୀୟ ଐକ୍ୟଭାବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଏସ୍.କେ. ପ୍ରିୟଦର୍ଶୀ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଏହି ଶପଥ ମାଧ୍ୟମରେ ଦେଶର ଏକତା ଓ ଅଖଣ୍ଡତାର ସୁରକ୍ଷା, ଜାତୀୟ ସୁରକ୍ଷା ପାଇଁ ନିଜକୁ ସମର୍ପିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏକତାର ବାର୍ତ୍ତା ପ୍ରସାର କରିବା ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (ପ୍ରୋଭିଜନିଂ) ନୀତି ଶେଖର ଏବଂ ଡିଆଇଜିପି (କାର୍ମିକ) ଯୁଗଳ କିଶୋର କୁମାର ବନୋଥଙ୍କ ସମେତ ମୁଖ୍ୟାଳୟର ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଜାତୀୟ ସଂହତିକୁ ସୁଦୃଢ଼ କରିବା ସହ ଦେଶର ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକାର ଗୁରୁତ୍ୱକୁ ଉଜାଗର କରାଯାଇଥିଲା।



ଦେଶର ଆଭ୍ୟନ୍ତରିଣ ସୁରକ୍ଷା ସୁଦୃଢ଼ ପାଇଁ ଶପଥ ପାଠ

କଟକ, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାଞ୍ଚଳ ଆଇଜି କାର୍ଯ୍ୟାଳୟରେ ପାଳିତ ହୋଇଛି ଜାତୀୟ ଏକତା ଦିବସ। ଏହି ଅବସରରେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ରକ୍ଷା ପାଇଁ ଶପଥ ନେଇଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ ନାୟକ, ଆଇପିଏସ୍। ଦେଶର ଐକ୍ୟ ଓ ସଂହତିକୁ ଅକ୍ଷୁର୍ଣ୍ଣ ରଖିବା ସହ ଜାତୀୟ ଏକତାର ବାର୍ତ୍ତା ପ୍ରତ୍ୟେକ ନାଗରିକଙ୍କ ନିକଟରେ ପହଞ୍ଚାଇବା ଉପରେ ଏହି ଅବସରରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଦେଶର ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦର୍ଶିତା, ନେତୃତ୍ୱ ଓ ଦେଶ ଗଠନରେ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁଦୃଢ଼ କରିବା ସହ ଜାତୀୟ ଏକତା ଓ ଅଖଣ୍ଡତାର ସୁରକ୍ଷା କେବଳ ସରକାରଙ୍କ ନୁହେଁ, ବରଂ ପ୍ରତ୍ୟେକ ନାଗରିକ ଓ ଅନୁଷ୍ଠାନର ସାମୂହିକ ଦାୟିତ୍ୱ ବୋଲି ଏହି ଅବସରରେ ବାର୍ତ୍ତା ଦିଆଯାଇଥିଲା।

ଦିନିକିଆ ମାନ୍ୟତା ଶୀର୍ଷରେ ଭାରତ



ଦୁବାଇ

ଆଇସିସି ଦିନିକିଆ ମାନ୍ୟତାରେ ଭାରତ ପ୍ରଥମ ସ୍ଥାନ ବଜାୟ ରଖିଛି। ଭାରତ ୧୧୫ ରେଟିଂ ସହ ଶୀର୍ଷରେ ରହିଛି। ଭାରତ ଜୁନ ମାସରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାକୁ ୩-୦ରେ ଜିତିଥିବାବେଳେ ଜୁଲାଇରେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ୧-୨ରେ ପରାସ୍ତ ହୋଇଥିଲା। ନିକଟରେ ହୋଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳାରେ ଭାରତ ୨-୧ରେ ବିଜୟୀ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଜାନୁଆରୀରେ ହୋଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଶୃଙ୍ଖଳାକୁ ଭାରତ ୧-୨ରେ ହାରିଯାଇଥିଲା। ବୁଧବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହେଉଥିବାରୁ ତାହାକୁ ଜିତି ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ଉଦ୍ୟମ କରିବ ଭାରତୀୟ ଦଳ।

ସୋମବାର ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ତୃତୀୟ, ପାକିସ୍ତାନ ଚତୁର୍ଥ ଏବଂ ଅଷ୍ଟ୍ରେଲିଆ ପଞ୍ଚମ ସ୍ଥାନରେ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଫଗାନିସ୍ତାନ ଷଷ୍ଠ ସ୍ଥାନରେ ରହି ନିଜର ସର୍ବକାଳୀନ ଶ୍ରେଷ୍ଠ ମାନ୍ୟତା ହାସଲ କରିଛି। ଆୟର୍ଲାଣ୍ଡ ବିପକ୍ଷରେ ୪-୦ରେ ଦିନିକିଆ ସିରିଜ୍ ବିଜୟ ଏବଂ ଜିମ୍ବାୱେ ଓ ବାଂଲାଦେଶକୁ ନେଇ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଅପରାଜିତ ରହିବା ଆଫଗାନିସ୍ତାନର ଏହି ଉନ୍ନତିର ପ୍ରମୁଖ କାରଣ।

ଆସନ୍ତା ୪ରୁ ଦିନିକିଆ ମ୍ୟାଚ୍

୮ ନୂଆ ଖେଳାଳିଙ୍କୁ ନେଇ ନ୍ୟୁଜିଲାଣ୍ଡ ସହ ଲଢ଼ିବ ଭାରତ



ନୂଆଦିଲ୍ଲୀ

ନ୍ୟୁଜିଲାଣ୍ଡ ଗସ୍ତରେ ଭାରତୀୟ କ୍ରିକେଟ୍ ଦଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ୩-୨ରେ ନିଜ ନାମରେ କରିଛି। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଏହି ଟି୨୦ ସିରିଜ୍‌କୁ କବ୍‌ଜା କରିଛି। ବର୍ତ୍ତମାନ ଟିମ୍ ଇଣ୍ଡିଆର ପରବର୍ତ୍ତୀ ଲକ୍ଷ୍ୟ ଦିନିକିଆ ସିରିଜ୍ ଜିତିବାକୁ ନେଇ ରହିଛି। ୪ ନଭେମ୍ବରରୁ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଟି୨୦ ଦଳ ତୁଳନାରେ ଦିନିକିଆ ସିରିଜ୍‌ରେ ଟିମ୍ ଇଣ୍ଡିଆରେ ୮ ଜଣ ନୂଆ ଖେଳାଳି ନଜର ଆସିବେ।

ଟି୨୦ ସିରିଜ୍ ଖେଳିଥିବା ବୈଭବ ସୂର୍ଯ୍ୟବଂଶୀ, ତିଳକ ବର୍ମା, ଅଭିଷେକ ଶର୍ମା, ଶିବମ ଦୁବେ, ସଞ୍ଜୁ ସାମସନ, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ଭୁବନେଶ୍ୱର କୁମାର ଓ ବରୁଣ ଚକ୍ରବର୍ତ୍ତୀ ଦିନିକିଆ ସିରିଜ୍‌ରେ ଆକ୍ସନ୍‌ରେ ନଜର ଆସିବେ ନାହିଁ। ଏମାନଙ୍କ ସ୍ଥାନରେ ଶୁବମନ ଗିଲ୍‌ଙ୍କ ଅଧିନାୟକତ୍ୱରେ ବିରାଟ କୋହଲି, ରୋହିତ ଶର୍ମା, ଋତୁରାଜ ଗାଏକ୍‌ୱାଡ୍, ଅଂଶୁଲ କମ୍ବୋଜ, କେ.ଏଲ୍. ରାହୁଲ, ଗୁରନୁର ବ୍ରାର୍ ଓ ମହମ୍ମଦ ସିରାଜ ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବେ।

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ବିସିସିଆଇ ତରଫରୁ ତିନିଟି ଦଳ ଘୋଷଣା କରିଛି। ପ୍ରଥମ ଦିନିକିଆ ପାଇଁ ଅଲଗା ଦଳ ରହିଛି। ଦ୍ୱିତୀୟ ଓ ତୃତୀୟ ଦିନିକିଆ ପାଇଁ ଅଲଗା ଦଳ ରହିଛି। ସେହିପରି ଚତୁର୍ଥ ଏବଂ ପଞ୍ଚମ ଦିନିକିଆ ପାଇଁ ମଧ୍ୟ ଅଲଗା ଦଳ ଘୋଷଣା କରାଯାଇଛି। ପ୍ରଥମ ତିନିଟି ଦିନିକିଆ ମ୍ୟାଚ୍‌ରେ ଶୁବମନ ଗିଲ୍ ଅଧିନାୟକତ୍ୱ କରିବେ। ଅନ୍ୟପକ୍ଷରେ ଚତୁର୍ଥ ଏବଂ ପଞ୍ଚମ ଦିନିକିଆରେ ଶ୍ରେୟସ ଆୟର ଦଳର ନେତୃତ୍ୱ ନେବେ।

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ପାଇଁ ଟିମ୍ ଇଣ୍ଡିଆ ସ୍କ୍ୱାର୍ଡ : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, ନମନ ଧୀର, ଋତୁରାଜ ଗାଏକ୍‌ୱାଡ୍, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ଅଂଶୁଲ କମ୍ବୋଜ, କେ.ଏଲ୍. ରାହୁଲ, ଇଶାନ କିଶନ, ଗୁରନୁର ବ୍ରାର, ମହମ୍ମଦ ସିରାଜ, ଆକିବ ନବୀ ଡାର, ଅର୍ଶଦୀପ ସିଂହ ଏବଂ କୁଲଦୀପ ଯାଦବ।

ଦ୍ୱିତୀୟ ଏବଂ ତୃତୀୟ ଦିନିକିଆ ପାଇଁ ଭାରତୀୟ ଦଳ : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, ନମନ ଧୀର, ଋତୁରାଜ ଗାଏକ୍‌ୱାଡ୍, ଅକ୍ଷର ପଟେଲ, ଅଂଶୁଲ କମ୍ବୋଜ, କେ.ଏଲ୍. ରାହୁଲ, ଇଶାନ କିଶନ, ଗୁରନୁର ବ୍ରାର, ମହମ୍ମଦ ସିରାଜ, ଆକିବ ନବୀ ଡାର, ଅର୍ଶଦୀପ ସିଂହ ଏବଂ କୁଲଦୀପ ଯାଦବ।

ଚତୁର୍ଥ ଏବଂ ପଞ୍ଚମ ଦିନିକିଆ ପାଇଁ ଟିମ୍ ଇଣ୍ଡିଆ : ଶ୍ରେୟସ ଆୟର (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ତିଳକ ବର୍ମା, ନମନ ଧୀର, ଋତୁରାଜ ଗାଏକ୍‌ୱାଡ୍, ଅକ୍ଷର ପଟେଲ, ଇଶାନ କିଶନ, କୁମାର କୁଶାଗ୍ର, ଆକିବ ନବୀ ଡାର, ଅର୍ଶଦୀପ ସିଂହ, ଯଶ ଠାକୁର, ଗୁରନୁର ବ୍ରାର, ମହମ୍ମଦ ସିରାଜ ଏବଂ କୁଲଦୀପ ଯାଦବ।

ଭାରତ ଏବଂ ନ୍ୟୁଜିଲାଣ୍ଡର ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ସମ୍ପୂର୍ଣ୍ଣ ସୂଚୀ : ପ୍ରଥମ ଦିନିକିଆ-(୪ ନଭେମ୍ବର ୨୦୨୬), ଇଡେନ ପାର୍କ, ଅକଲ୍ୟାଣ୍ଡ, ସକାଳ ୭:୩୦। ଦ୍ୱିତୀୟ ଦିନିକିଆ-(୭ ନଭେମ୍ବର ୨୦୨୬) ହେନ୍ରୀ ଷ୍ଟାଡିୟମ, ୱେଲିଂଟନ, ସକାଳ ୭:୩୦। ତୃତୀୟ ଦିନିକିଆ-(୧୦ ନଭେମ୍ବର ୨୦୨୬) ସେଡନ ପାର୍କ, ହାମିଲଟନ, ସକାଳ ୭:୩୦। ଚତୁର୍ଥ ଦିନିକିଆ-(୧୩ ନଭେମ୍ବର ୨୦୨୬) ବେ ଓଭାଲ, ମାଉଣ୍ଟ ମାଉଙ୍ଗାନୁଇ, ସକାଳ ୭:୩୦। ପଞ୍ଚମ ଦିନିକିଆ (୧୫ ନଭେମ୍ବର ୨୦୨୬) ବେ ଓଭାଲ, ମାଉଣ୍ଟ ମାଉଙ୍ଗାନୁଇ, ସକାଳ ୭:୩୦।

ଭାରତ ବିପକ୍ଷ ସିରିଜ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଟିମ୍‌ରୁ ବାଦ୍ ପଡ଼ିଲେ ଦୁଇ ଷ୍ଟାର ଖେଳାଳି



ନୂଆଦିଲ୍ଲୀ

ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବା ପୂର୍ବରୁ ନ୍ୟୁଜିଲାଣ୍ଡକୁ ଲାଗିଛି ଦୁଇଟି ବଡ଼ ଝଟ୍‌କା। ଦଳର ଷ୍ଟାର ବ୍ୟାଟର ମାର୍କ ଚାପମ୍ୟାନ ଏବଂ ସ୍ପିନ ଅଲରାଉଣ୍ଡର ରଚିନ ରବୀନ୍ଦ୍ର ୫ଟି ଯାକ ଦିନିକିଆ ମ୍ୟାଚରୁ ବାଦ ପଡ଼ିଛନ୍ତି। ଦୀର୍ଘଦିନ ଧରି ଉଭୟ ଖେଳାଳି ଆହତ ସମସ୍ୟାରେ ରହିଥିବାରୁ ଟି-୨୦ ସିରିଜରେ ମଧ୍ୟ ଖେଳିପାରି ନଥିଲେ। ଦିନିକିଆ ସିରିଜ ପୂର୍ବରୁ ଉଭୟ ଖେଳାଳି ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଥିଲା। ସେଥିପାଇଁ ସେମାନଙ୍କୁ ଦଳରେ ସ୍ଥାନ ମିଳିଥିଲା। କିନ୍ତୁ ସୋମବାର ଉଭୟଙ୍କୁ ସିରିଜ୍‌ରୁ ବାଦ୍ ଦିଆଯିବା ସହ ସେମାନଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ମାର୍କ ଚାପମ୍ୟାନ ହାମଷ୍ଟ୍ରିଙ୍ଗ ଆଘାତରୁ ସୁସ୍ଥ ହେଉଥିବା ବେଳେ ରଚିନ ରବୀନ୍ଦ୍ର ଏବେ ବି କାନ୍ଧ ଆଘାତରୁ ମୁକୁଳି ପାରିନାହାନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ସମ୍ପ୍ରତି କରାଯାଇଥିବା ଏମଆରଆଇ ରିପୋର୍ଟରୁ ଜଣାପଡ଼ିଛି ଯେ, ଚାପମ୍ୟାନଙ୍କୁ ବାମ ଜଙ୍ଘର ମାଂସପେଶୀ ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଆହୁରି ଦୁଇ ସପ୍ତାହ ସମୟ ଲାଗିବ। ସେହିପରି ଡାହାଣ କାନ୍ଧରେ ଆଘାତ ଯୋଗୁଁ ରଚିନ ରବୀନ୍ଦ୍ର ଏବେ ବି ପୂର୍ଣ୍ଣ କ୍ଷମତାରେ ଫିଲ୍ଡିଂ କରିପାରୁନାହାନ୍ତି। ଚାପମ୍ୟାନ ଓ ରଚିନ ରବୀନ୍ଦ୍ର ବାଦ୍ ପଡ଼ିବା ପରେ ଟିମ୍ ସିଫର୍ଟ ପୂରା ସିରିଜ୍ ପାଇଁ ଦଳରେ ରହିବେ। ଅନ୍ୟପଟେ ହେନେରୀ ନିକୋଲ୍ସ ପ୍ରଥମ ତିନୋଟି ମ୍ୟାଚ୍ ଖେଳିବେ। ଚତୁର୍ଥ ଓ ପଞ୍ଚମ ଦିନିକିଆ ପାଇଁ ଡିନ ଫକ୍ସକ୍ରଫ୍ଟଙ୍କୁ ଦଳରେ ସାମିଲ କରାଯାଇଛି। ଉଭୟ ଖେଳାଳି ବାଦ୍ ପଡ଼ିବା ନ୍ୟୁଜିଲାଣ୍ଡ ପାଇଁ ନିରାଶାଜନକ ବୋଲି ଦଳର ମୁଖ୍ୟ କୋଚ୍ ରବ ୱାଲ୍ଟର କହିଛନ୍ତି।

ମିଚେଲ ସାଣ୍ଟନର (ଅଧିନାୟକ), ମାଇକେଲ ବ୍ରେସୱେଲ, ଡେଭନ କନୱେ, ଜାକବ ଡଫି, ମ୍ୟାଟ ଫିସର, ମ୍ୟାଟ ହେନରୀ, କାଇଲ ଜେମିସନ, ଟମ ଲାଥମ (ଉଇକେଟକିପର), ଡାରିଲ ମିଚେଲ, ହେନେରୀ ନିକୋଲ୍ସ, ଗ୍ଲେନ ଫିଲିପ୍ସ, ଟିମ ସିଫର୍ଟ, ନାଥନ ସ୍ମିଥ, ୱିଲ ୟଙ୍ଗ ଏବଂ ବ୍ଲେୟାର ଟିକନର।

ଚତୁର୍ଥ ଓ ପଞ୍ଚମ ଦିନିକିଆ ପାଇଁ ନ୍ୟୁଜିଲାଣ୍ଡର ସଂଶୋଧିତ ଦଳ : ମିଚେଲ ସାଣ୍ଟନର (ଅଧିନାୟକ), ଫିନ ଆଲେନ, ମାଇକେଲ ବ୍ରେସୱେଲ, କ୍ରିଷ୍ଟିଆନ କ୍ଲାର୍କ, ଜାକବ ଡଫି, ମ୍ୟାଟ ଫିସର, ଡିନ ଫକ୍ସକ୍ରଫ୍ଟ, ଲକି ଫର୍ଗୁସନ, ମିଚ ହେ (ଉଇକେଟକିପର), ନିକ କେଲି, ଟିମ ସିଫର୍ଟ (ଉଇକେଟକିପର), ବ୍ଲେୟାର ଟିକନର ଏବଂ ୱିଲ ୟଙ୍ଗ।

୧୫ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ : ବୈଜାପାଲୀ ଚାମ୍ପିଅନ

ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ

ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ଫୁଟବଲ୍ ଷ୍ଟାଡିୟମ୍ ଠାରେ ଉତ୍କଳ ଆଥଲେଟିକ୍ କ୍ଲବ ଆନୁକୂଲ୍ୟରେ ଏକ ଦିନିକିଆ ୧୫ ବର୍ଷରୁ କମ୍ ବାଳକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମୁକାବିଲାରେ ବୈଜାପାଲୀ ଫୁଟବଲ ଟିମ୍ ଏବଂ ବେହେରାପାଟ ମା' ସମଲେଇ ୟୁଥ୍ କ୍ଲବ ପରସ୍ପରକୁ ଭେଟିଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେଇ ବରାବର ସ୍ଥିତିରେ ଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଚମତ୍କାର ପ୍ରଦର୍ଶନ କରି ବୈଜାପାଲୀ ଦଳ ବେହେରାପାଟକୁ ୨-୧ ଗୋଲ୍ ବ୍ୟବଧାନରେ ପରାସ୍ତ କରି ଚାମ୍ପିଅନ୍ ଟ୍ରଫି ଅକ୍ତିଆର କରିଛି।

ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ତାପସ ରାୟ ଚୌଧୁରୀ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଗଣେଶ ନାୟକ, ଭଗବାନ ଡ଼ିଲ୍ଲା, ରାମବିଳାଶ ବିଶ୍ୱକର୍ମା, ବାବୁ ରାଓ ପଟ୍ଟନାୟକ, କେ. ଜଗନ୍ନାଥ ରାଓ, ପ୍ରଶାନ୍ତ ତ୍ରିପାଠୀ, ବିଜୟ ଦାଶ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ସୁଶାନ୍ତ ମହାନ୍ତି ସୁଚାରୁରୂପେ ପରିଚାଳନା କରିଥିଲେ। ମ୍ୟାଚ୍‌କୁ ଅମିତ ବାଗ, ସଞ୍ଜୟ କିଷାନ, ଅମିର ପ୍ରଧାନ, ସୀତଳ ଗୁରୁଙ୍ଗ ପ୍ରମୁଖ ପରିଚାଳନା କରିଥିବା ବେଳେ ପି. ରାଜେଶ୍ୱର ରାଓ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ।

ଏସିଆ କପ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା : ତିଳକ ଅଧିନାୟକ; ବୈଭବଙ୍କୁ ମିଳିଲା ସୁଯୋଗ

ନୂଆଦିଲ୍ଲୀ

ପୁରୁଷ ରାଇଜିଂ ଷ୍ଟାର୍ସ ଏସିଆ କପ ପାଇଁ ଇଣ୍ଡିଆ-ଏ ଦଳ ଘୋଷଣା କରିଛି ବିସିସିଆଇ। ତିଳକ ବର୍ମାଙ୍କୁ ଦଳର ଅଧିନାୟକ ଏବଂ ରଜତ ପାଟିଦାରଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ନଭେମ୍ବର ୧୯ରୁ ୨୯ ତାରିଖ ପର୍ଯ୍ୟନ୍ତ କାତାରର ଦୋହାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଇଣ୍ଡିଆ-ଏ ଦଳରେ ଅଭିଷେକ ଶର୍ମା ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ସ୍ଥାନ ମିଳିଛି।

ଟୁର୍ଣ୍ଣାମେଣ୍ଟରେ ଭାରତ-ଏକୁ ଗ୍ରୁପ-ବିରେ ସ୍ଥାନ ମିଳିଛି। ଏହି ଗ୍ରୁପରେ ୟୁଏଇ, ନେପାଳ ଏବଂ ପାକିସ୍ତାନ-ଏ ମଧ୍ୟ ରହିଛନ୍ତି। ସେହିପରି ଗ୍ରୁପ୍-ଏରେ ବାଂଲାଦେଶ-ଏ, ଶ୍ରୀଲଙ୍କା-ଏ, ଆଫଗାନିସ୍ତାନ-ଏ ଏବଂ ହଂକଂ, ଚାଇନାକୁ ସ୍ଥାନ ଦିଆଯାଇଛି। ପ୍ରତ୍ୟେକ ଗ୍ରୁପରେ ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲ୍‌କୁ ଉନ୍ନୀତ ହେବେ। ନଭେମ୍ବର ୨୬ ଓ ୨୭ ତାରିଖରେ ଦୁଇଟି ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏହାପରେ ରବିବାର, ନଭେମ୍ବର ୨୯ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ରାଇଜିଂ ଷ୍ଟାର୍ସ ଏସିଆ କପରେ ନଭେମ୍ବର ୨୨ରେ ଭାରତ-ଏ ଓ ପାକିସ୍ତାନ-ଏ ମଧ୍ୟରେ ମୁକାବିଲା ହେବ। ଭାରତୀୟ ଦଳ ନଭେମ୍ବର ୨୦ରେ ନେପାଳ ବିପକ୍ଷରେ ଖେଳିବ। ଏହାପରେ ନଭେମ୍ବର ୨୨ରେ ପାକିସ୍ତାନ-ଏକୁ ଭେଟିବ ଇଣ୍ଡିଆ-ଏ। ଏହି ଦୁଇଟି ମ୍ୟାଚ ୱେଷ୍ଟ ଏଣ୍ଡ ପାର୍କ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ। ଏହାପରେ ନଭେମ୍ବର ୨୪ରେ ଇଣ୍ଡିଆ-ଏ ଓ ୟୁଏଇ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ଦୋହା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ପଡ଼ିଆରେ ଖେଳାଯିବ।



ଭାରତୀୟ ଦଳ : ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ପ୍ରଭସିମରନ ସିଂହ (ୱିକେଟ୍‌ର କିପର), ତିଳକ ବର୍ମା (ଅଧିନାୟକ), ରଜତ ପାଟିଦାର (ଉପଅଧିନାୟକ), ରିଙ୍କୁ ସିଂହ, କୁମାର କୁଶାଗ୍ର (ଉଇକେଟ୍ କିପର), ସୂର୍ଯ୍ୟାଂଶ ସେଡ୍‌ଗେ, ଶାହବାଜ ଅହମ୍ମଦ, ବିପ୍ରଜ ନିଗମ, ହର୍ଷ ଦୁବେ, ତନୁଷ କୋଟିଆନ, ହର୍ଷିତ ରାଣା, ପ୍ରିନ୍ସ ଯାଦବ ଏବଂ ଅର୍ଶଦ ଖାନ।

ଜିମ୍ବାୱେକୁ ୭୯ ରନ୍‌ରେ ପରାସ୍ତ କରି ଏକପାଖିଆ ବିଜୟ ହାସଲ କଲା ଆଫଗାନିସ୍ତାନ

ନୂଆଦିଲ୍ଲୀ

ନୁର ଅହମ୍ମଦଙ୍କ ଶକ୍ତିଶାଳୀ ବୋଲିଂ ଯୋଗୁଁ ଆଫଗାନିସ୍ତାନ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଜିମ୍ବାୱେକୁ ସାତ ୱିକେଟରେ ପରାସ୍ତ କରିଛି। ଜିମ୍ବାୱେକୁ ୭୯ ରନ୍‌ରେ ଆଉଟ କରିବାରେ ନୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଫଗାନିସ୍ତାନ ୮.୧ ଓଭରରେ ତିନି ୱିକେଟ ହରାଇ ଲକ୍ଷ୍ୟକୁ ପିଛା କରିବାରେ ସାହାଯ୍ୟ କରିଥିଲେ।

ଆଫଗାନିସ୍ତାନ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୩-୦ରେ ଜିତିଛି। ସାରଜା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନୁର ୩.୩ ଓଭରରେ ୧୩ ରନ୍ ଦେଇ ପାଞ୍ଚ ୱିକେଟ୍ ନେଇଥିଲେ। ଏଥି ସହିତ ନୁର ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଆଫଗାନିସ୍ତାନ ପ୍ରିମିୟର ଲିଗ୍ ଖେଳିବେ ଭାରତୀୟ ଖେଳାଳି : ନାମ ପଞ୍ଜୀକୃତ କଲେ ୩ ଷ୍ଟାର କ୍ରିକେଟର୍

ନୂଆଦିଲ୍ଲୀ

କ୍ରିକେଟ୍ ଜଗତରେ ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ର କ୍ରେଜ୍ ବର୍ତ୍ତମାନ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି କାରଣରୁ ବିଶ୍ୱର ଅନେକ ଖେଳାଳି ବର୍ତ୍ତମାନ ଏହି ଲିଗ୍‌ରେ ଖେଳିବାକୁ ଚାହୁଁଛନ୍ତି। ଏହି ଲିଗ୍ ଖେଳିବାକୁ ଟିମ୍ ଇଣ୍ଡିଆର ୩ ଜଣ ପୂର୍ବତନ ଖେଳାଳି ମଧ୍ୟ ନିଜ ନାମ ଡ୍ରାଫ୍ଟରେ ପଞ୍ଜୀକୃତ କରିଛନ୍ତି। ଏଥିରେ ଦ୍ରୁତ ବୋଲିଂ ଅଲରାଉଣ୍ଡର ବିଜୟ ଶଙ୍କର, ୱିକେଟ୍ କିପର ବ୍ୟାଟର କେ.ଏସ୍. ଭରତ ଓ ସ୍ପିନ ବୋଲର ମୁରୁଗାନ ଅଶ୍ୱିନଙ୍କ ନାମ ସାମିଲ ଅଛି। ଏହି ତିନିଜଣ ଖେଳାଳି ମାନେ ମଧ୍ୟ ଭାରତୀୟ ଦଳ ଓ ଆଇପିଏଲ୍ ରେ ମଧ୍ୟ ଖେଳି ସାରିଛନ୍ତି।



ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ରେ ଖେଳିବା ପାଇଁ ନାମ ପଞ୍ଜୀକୃତ କରିଥିବା ନାମ ମଧ୍ୟରେ ଅଲରାଉଣ୍ଡର ବିଜୟ ଶଙ୍କର ଅଛନ୍ତି। ଏହି ଦ୍ରୁତ ବୋଲିଂ ଅଲରାଉଣ୍ଡର ଟିମ୍ ଇଣ୍ଡିଆ ପାଇଁ ୯ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୨୫.୨୫ ହାରରେ ୧୦୧ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୧୩୮.୩୫ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ କରିଛନ୍ତି। ଅନ୍ୟପଟେ ବୋଲିଂରେ ସେ ୩୮.୨୦ ହାରରେ ୫ଟି ୱିକେଟ୍ ହାସଲ କରିଛନ୍ତି। ଶଙ୍କର ୯.୦୯ ଇକୋନୋମି ରେଟ୍‌ରେ ରନ୍ ଦେଇଛନ୍ତି।

ଏହା ବ୍ୟତୀତ ବିଜୟ ଶଙ୍କର ୧୨ଟି ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଯେଉଁଥିରେ ସେ ୩୧.୮୫ ହାରରେ ୨୨୩ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୯୦.୬୫ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ କରିଛନ୍ତି। ବିଜୟ ଶଙ୍କର ୫୨.୫୦ ହାରରେ ୪ଟି ୱିକେଟ୍ ହାସଲ କରିଛନ୍ତି। ଶଙ୍କରଙ୍କ ଇକୋନୋମି ରେଟ୍ ୫.୪୦ ରହିଛି। ବିଜୟ ଶଙ୍କର ଆଇପିଏଲ୍‌ରେ ମୋଟ ୭୮ଟି ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୨୬.୨୩ ହାରରେ ୧୨୩୩ ରନ୍ କରିଛନ୍ତି। ଆଇପିଏଲ୍‌ରେ ଶଙ୍କର ୯ଟି ୱିକେଟ୍ ମଧ୍ୟ ହାସଲ କରିଛନ୍ତି। ଶଙ୍କର ବର୍ତ୍ତମାନ ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଚାହୁଁଛନ୍ତି।

ୱିକେଟ୍ କିପର ବ୍ୟାଟର କେ.ଏସ୍. ଭରତ ଆଫଗାନିସ୍ତାନ ପ୍ରିମିୟର ଲିଗ୍ ପାଇଁ ନିଜ ନାମ ଦେଇଛନ୍ତି। ଭରତ ଟିମ୍ ଇଣ୍ଡିଆ ପାଇଁ ୭ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୨୦.୨୯ ହାରରେ ୨୨୧ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ଗୋଟିଏ ହେଲେ ବି ଅର୍ଦ୍ଧଶତକ ହାସଲ କରିନାହାନ୍ତି। ୱିକେଟକିପିଂରେ ଭରତ ୧୮ଟି କ୍ୟାଚ୍ ଧରିଛନ୍ତି। ଏହାସହ ଗୋଟିଏ ଷ୍ଟମ୍ପିଂ ମଧ୍ୟ କରିଛନ୍ତି। ଆଇପିଏଲ୍‌ରେ ଭରତ ମୋଟ ୧୦ଟି ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୨୮.୪୨ ହାରରେ ମୋଟ ୧୯୯ ରନ୍ ହିଁ କରିଛନ୍ତି। ଏହି ସମୟରେ ଭରତଙ୍କ ଷ୍ଟ୍ରାଇକ୍ ରେଟ୍ ୧୨୨.୦୮ ରହିଛି। ଯେଉଁଠାରେ ତାଙ୍କର ସର୍ବଶ୍ରେଷ୍ଠ ସ୍କୋର ୭୮ ରନ୍ ରହିଛି। ଭରତ ମାତ୍ର ୩୨ ବର୍ଷ ବୟସରେ ହିଁ ସନ୍ନ୍ୟାସ ନେଇଛନ୍ତି। ବର୍ତ୍ତମାନ ସେ ବିଦେଶୀ ଲିଗ୍‌ରେ ଭାଗ ନେବାକୁ ଚାହୁଁଛନ୍ତି।

ସ୍ପିନ ବୋଲର ମୁରୁଗାନ ଅଶ୍ୱିନ ଆଫଗାନିସ୍ତାନ ପ୍ରିମିୟର ଲିଗ୍ ପାଇଁ ଡ୍ରାଫ୍ଟରେ ନିଜ ନାମ ଦେଇଛନ୍ତି। ବର୍ତ୍ତମାନ ସେ ବିଦେଶୀ ଲିଗ୍‌ରେ ଭାଗ ନେବାକୁ ଚାହୁଁଛନ୍ତି। ତେବେ ମୁରୁଗାନ ଟିମ୍ ଇଣ୍ଡିଆ ପାଇଁ କେବେହେଲେ ଖେଳିନାହାନ୍ତି। କିନ୍ତୁ ଅଶ୍ୱିନ ଆଇପିଏଲ୍‌ରେ ମୋଟ ୫ଟି ଫ୍ରାଞ୍ଚାଇଜ୍ ପାଇଁ ଖେଳିଛନ୍ତି। ଯେଉଁଥିରେ ଅଶ୍ୱିନ ମୋଟ ୪୪ଟି ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚଗୁଡ଼ିକରେ ସେ ୩୩.୨୦ ହାରରେ ମୋଟ ୩୫ଟି ୱିକେଟ ହାସଲ କରିଛନ୍ତି। ଏହି ସମୟ ମଧ୍ୟରେ ଅଶ୍ୱିନଙ୍କ ଇକୋନୋମି ରେଟ୍ ୮.୦୧ ରହିଛି। ଅଶ୍ୱିନ ମଧ୍ୟ ଶୀଘ୍ର ସନ୍ନ୍ୟାସ ନେଇଥିଲେ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BONAI
Email:- rwd.bonai@yahoo.com
25001/1428/2627
Letter No. 4195 Date. 31.10.2026
CANCELLATION OF TENDER
Tender invited by this Office vide Bid Identification No. ONLINE-EEBNI-14 of 2026-27, Letter No- 4036 Dtd- 16.10.2026, 01 (One) nos is hereby cancelled due to unavoidable circumstances.
1. S/R to Excise Inspector Quarter at Koida
Sd/-Superintending Engineer
Rural Works Division, Banai
OIPR-25001/25200/1/26-27/0021

OFFICE OF THE EXECUTIVE ENGINEER
GROUND WATER DEVELOPMENT DIVISION-1HP BUILDING,UNIT-8,DELTA SQUARE,BHUBANESWAR-751012 [Phone No.2561040(O), email: executiveengineerhpbbsr@gmail.com
32001/1216/2627
"e" Procurement Notice No 1426 of 2026-27 Dt-02.11.2026
Bid Identification No. GWD DIV-1BBSR-22/26-27
Executive Engineer, GWD Division-I, Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

1	Nature of the Work	Civil Work
2	Name of the Work	Construction of 2nos of Rooftop rainwater Harvesting Structures at Sri Aurobindo Govt High School, Gandarpur, BBSR Khordha district for the FY 2026-27.
3	Approximate amount put to tender	Rs.5.15 Lakh
4	Period of Completion	1 (One) Calendar Month
5	Class of Contractor	"C" & "D" Class Contractor
6	Date & time of Availability of Bid document in the portal	Dt. 06.11.2026 at 11.00 AM to 17.11.2026 up to 11.00 AM
7	Last date & time of receipt of Bids in the Portal	Dt. 17.11.2026 up to 11.00 AM
8	Date, time & place of opening of Technical/ Financial Bid/s	Dt. 17.11.2026 at 11.30 AM in 0/0 the EE GWD Divn-1
9	Name & address of the officer inviting Bid	OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING,UNIT-8.DELTA SQUARE,BHUBANESWAR-751012

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.
Sd/- Executive Engineer
GWD division 1
OIPR-32001/32372/2/26-27/0014

E-mail ID: eerbngpur@yahoo.com
Tel & Fax -06858-222833 (0)
GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR
e-Procurement Notice
Bid Identification No. S.E (R&B)-10/2026-27/NGP
No. 6332 Date. 22.10.2026
34001/1082/2627
Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.
1. Name of the Work : Civil Construction Work as mentioned in DTCN
2. No. of Work : 3 Nos.
3. Estimated Cost : Rs. 20.66 & 35.30 Lakhs
4. Period of completion : 2 to 3 Calendar Months
5. Date & Time of Bidding : From 11.00 hours of 03.11.2026. Upto 16.00 hours of 17.11.2026.
6. Last date & time for receipt of bids in portal : 16.00 hours of 17.11.2026.
7. Bids received online shall be opened on : 11.00 hours of 18.11.2026.
8. Name and address of the officer inviting Bid : Superintending Engineer, Nabarangpur (R&B) Division, Nabarangpur
Further details can be seen from the www.tendersodisha.gov.in
Sd/- Superintending Engineer
Nabarangpur (R&B) Division
OIPR-34001/34143/1/26-27/0011

KDA
13001/2341/2627
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୬ରେ ପ୍ଲଟ୍ ନଂ-C/1133 ଟିକୁ ଶ୍ରୀ ଶଂକରଲାଲ ଅଗ୍ରୱାଲ, ପିତା-ସ୍ୱର୍ଗତ ଶ୍ରୀଲାଲ ଅଗ୍ରୱାଲ, ସା-ପ୍ଲଟ୍ ନଂ-C/1133, ସେକ୍ଟର-୬, କେଡିଏ, ବିଡ଼ାନାସୀ, ଜିଲ୍ଲା-କଟକ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଶଂକରଲାଲ ଅଗ୍ରୱାଲଙ୍କ ମୃତ୍ୟୁ ପରେ ତାଙ୍କ ବଡ଼ ବୋହୂ ଶ୍ରୀମତୀ କୋମଳ ଅଗ୍ରୱାଲ, ସ୍ୱାମୀ-ସ୍ୱର୍ଗତ ଜଗଦୀଶ କୁମାର ଅଗ୍ରୱାଲ ଏବଂ ସାନ ପୁଅ ଶ୍ରୀ ସତୀଶ କୁମାର ଅଗ୍ରୱାଲ, ପିତା- ସ୍ୱର୍ଗତ ଶଂକରଲାଲ ଅଗ୍ରୱାଲ, ସା-ପ୍ଲଟ୍ ନଂ- C/1133, ସେକ୍ଟର-୬, କେଡିଏ, ପୋ-ଅଭିନବ ବିଡ଼ାନାସୀ, ଥା-ମର୍କତ ନଗର, ଜିଲ୍ଲା-କଟକ, ଓଡ଼ିଶା ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ତାଙ୍କ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR-13001/13037/1/26-27/0134 ସ୍ୱା/-ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

ପୂର୍ବତଟ ରେଳପଥରେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦ ଆୟୋଜିତ ହେବ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ପୂର୍ବତଟ ରେଳପଥ ପକ୍ଷରୁ ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କ ପାଇଁ ୧ ନଭେମ୍ବରରୁ ୩୦ ନଭେମ୍ବର, ୨୦୨୬ ପର୍ଯ୍ୟନ୍ତ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦ ଆୟୋଜନ କରାଯିବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ସହଜ ଓ ସୁବିଧାଜନକ କରିବା ସହ ପେନସନଭୋଗୀମାନଙ୍କ ପାଇଁ ଅଧିକ ସୁଲଭ କରିବା। ପୂର୍ବତଟ ରେଳପଥ ଅଧୀନରେ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସମେତ ଖୋର୍ଦ୍ଧା ରୋଡ, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏହି ଶିବିର ଗୁଡ଼ିକରେ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନେ ଡିଜିଟାଲ ମାଧ୍ୟମରେ ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ବ୍ରହ୍ମପୁର, ବାଲୁଗାଁ, ପୁରୀ, ଭୁବନେଶ୍ୱର, କଟକ, ପାରାଦୀପ, ଅନୁଗୁଳ, ଭଦ୍ରକ ଏବଂ କେନ୍ଦୁଝରଗଡ଼ରେ ଶିବିର ଆୟୋଜନ କରାଯିବ। ରାୟଗଡ଼ା ଡିଭିଜନ ଅଧୀନରେ ଡିଆରଏମ୍ (ପର୍ସୋନେଲ) କାର୍ଯ୍ୟାଳୟ, ରାୟଗଡ଼ା ସମେତ କୋରାପୁଟ, ଜୟପୁର ଏବଂ ଆରକୁର ନିର୍ଦ୍ଧାରିତ କାର୍ଯ୍ୟାଳୟଗୁଡ଼ିକରେ ଶିବିର ଅନୁଷ୍ଠିତ ହେବ। ସମ୍ବଲପୁର ଡିଭିଜନ ଅଧୀନରେ ରେଢ଼ାଖୋଲ, ବଲାଙ୍ଗୀର, ଟିଟିଲାଗଡ଼, ମହାସମୁନ୍ଦ ଏବଂ କଣ୍ଟାବାଞ୍ଜିରେ ଶିବିର ଆୟୋଜନ କରାଯିବ। ଏହା ସହିତ ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ କ୍ୟାରେଜ ରିପେୟାର ୱର୍କସପ୍ ଏବଂ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଅଧୀନରେ ପିସିପିଓ/ପିଏଫଏ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନରେ ମଧ୍ୟ ଶିବିର ଆୟୋଜନ କରାଯିବ। ୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ଅତି ବରିଷ୍ଠ ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ଶିବିରକୁ ଆସୁଥିବା ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଆଧାର କାର୍ଡ, ପେନସନ ପେମେଣ୍ଟ ଅର୍ଡର (ପିପିଓ), ବ୍ୟାଙ୍କ ପାସବୁକ୍ ଏବଂ ଆଧାର କାର୍ଡ ସହ ସଂଯୁକ୍ତ ମୋବାଇଲ ଫୋନ୍ ସାଙ୍ଗରେ ଆଣିବାକୁ ଅନୁରୋଧ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କର ପରିବାର ପେନସନଭୋଗୀମାନଙ୍କୁ ସୁଗମ, ଦକ୍ଷ ଏବଂ ପେନସନଭୋଗୀ ଅନୁକୂଳ ସେବା ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରଖିଛି।

ରେଳବାଇର ଅବସରପ୍ରାପ୍ତ କର୍ମଚାରୀ ଓ ପାରିବାରିକ ପେନ୍‌ସନ୍ ପ୍ରାପ୍ତକାରୀଙ୍କ ପାଇଁ ସହଜରେ ଜୀବନ ପ୍ରମାଣପତ୍ର ଦାଖଲ କରିବାର ସୁବିଧା

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ରେଳବାଇର ଅବସରପ୍ରାପ୍ତ କର୍ମଚାରୀ ଓ ପାରିବାରିକ ପେନ୍‌ସନ୍ ପ୍ରାପ୍ତକାରୀଙ୍କ ସୁବିଧା ନିମନ୍ତେ ଖୋର୍ଦ୍ଧା ରୋଡ୍‌ଠାରେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ଏକ ବୃହତ୍ ଶିବିର ଆୟୋଜନ କରାଯାଇଛି। ଏହି ପଦକ୍ଷେପ ଦେଶବ୍ୟାପୀ ଆୟୋଜିତ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ୫.୦ର ଏକ ଅଂଶବିଶେଷ। ଏହି ଅଭିଯାନ ୦୧ ନଭେମ୍ବର ୨୦୨୬ ଠାରୁ ୩୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଚାଲୁ ରହିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅବସରପ୍ରାପ୍ତ ରେଳ କର୍ମଚାରୀ ଓ ପାରିବାରିକ ପେନ୍‌ସନ୍ ପ୍ରାପ୍ତକାରୀ ସହଜରେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ କରିବାର ସୁବିଧା ଯୋଗାଇବା ଏବଂ ସେମାନଙ୍କ ପେନ୍‌ସନ୍‌ର ନିରବଚ୍ଛିନ୍ନ ପ୍ରଦାନ ସୁନିଶ୍ଚିତ କରିବା। ମଣ୍ଡଳ ଅଧୀନରେ ବିଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିବା ପେନ୍‌ସନ୍ ପ୍ରାପ୍ତକାରୀଙ୍କ ସୁବିଧା ଓ ଅଧିକ ଅଂଶଗ୍ରହଣକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ସ୍ଥାନଗୁଡ଼ିକରେ ମଧ୍ୟ ଶିବିର ଆୟୋଜନ କରାଯିବ। ବ୍ରହ୍ମପୁର ରେଳବାଇ ସଂସ୍ଥାନ: ୦୪ ନଭେମ୍ବର ୨୦୨୬, ବାଲୁଗାଁ ବିଶ୍ରାମଗୃହ (ଓଆରଏଚ): ୧୦ ନଭେମ୍ବର ୨୦୨୬, ପୁରୀ ସିଡିଓ ସମ୍ମିଳନୀ କକ୍ଷ: ୧୨ ନଭେମ୍ବର ୨୦୨୬, ଭୁବନେଶ୍ୱର ରନିଂ ରୁମ୍: ୧୩ ନଭେମ୍ବର ୨୦୨୬, କଟକ ରେଳବାଇ ସଂସ୍ଥାନ: ୧୭ ନଭେମ୍ବର ୨୦୨୬, ପାରାଦୀପ ଏରିଆ ମ୍ୟାନେଜର ସମ୍ମିଳନୀ କକ୍ଷ: ୧୯ ନଭେମ୍ବର ୨୦୨୬, ଅନୁଗୁଳ ସମ୍ମିଳନୀ କକ୍ଷ: ୨୧ ନଭେମ୍ବର ୨୦୨୬, ଭଦ୍ରକ ରେଳପଥ ରକ୍ଷଣାବେକ୍ଷଣ କାର୍ଯ୍ୟାଳୟ: ୨୭ ନଭେମ୍ବର ୨୦୨୬, କେନ୍ଦୁଝରଗଡ଼ ରେଳବାଇ ସଂସ୍ଥାନ: ୩୦ ନଭେମ୍ବର ୨୦୨୬। ପେନ୍‌ସନ୍ ପ୍ରାପ୍ତକାରୀ ଏବଂ ପରିବାର ପେନ୍‌ସନ୍ ପ୍ରାପ୍ତକାରୀମାନଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ସ୍ଥାନରେ ଆୟୋଜନ କରାଯାଉଥିବା ଶିବିରରେ ଯୋଗ ଦେବାକୁ କୁହାଯାଇଛି। ଯାଞ୍ଚ ଏବଂ ପ୍ରକ୍ରିୟାକରଣ ପାଇଁ ସେମାନଙ୍କୁ ସେମାନଙ୍କର ଆଧାର କାର୍ଡ, ପିପିଓ ନମ୍ବର, ପେନସନ ଆକାଉଣ୍ଟ ନମ୍ବର ଏବଂ ପଞ୍ଜିକୃତ ମୋବାଇଲ୍ ନମ୍ବର (ଆଧାର ସହିତ ଲିଙ୍କ୍) ଆଣିବାକୁ ପରାମର୍ଶ ଦିଆଯାଇଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ପେନ୍‌ସନ୍ ପ୍ରାପ୍ତକାରୀ ଏବଂ ପରିବାର ପେନ୍‌ସନ୍ ପ୍ରାପ୍ତକାରୀମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସମୟସୀମାରେ ଦାଖଲ କରିବା ପାଇଁ ଏହି ଶିବିରଗୁଡ଼ିକର ସୁବିଧା ନେବା ସହ ସୁଗମ ପେନସନ ପ୍ରାପ୍ୟ ଏବଂ ଅବସରକାଳୀନ ସୁବିଧାର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରନ୍ତୁ।





ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ଗଞ୍ଜାମରେ ଜଳ ପ୍ରଳୟ: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାର ଓ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି ଅଭାବରୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଘେରରେ ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲ୍ଲା ଥିବାବେଳେ ଲକ୍ଷାଧିକ ଲୋକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଆଜି ବି ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ପ୍ରଶାସନ ପହଞ୍ଚିପାରି ନଥିବାରୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ପ୍ରତାପ ଜେନା କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ ସାରା ବିଶ୍ୱ ପ୍ରଶଂସା କରିଥିଲା ।

୩ ଗ୍ରାମ ପଞ୍ଚାୟତରେ ଜେ୍ଏସ୍‌ଡବ୍ଲୁ ପକ୍ଷରୁ ଓପିଡି ସେବା ଆରମ୍ଭ

ପାରାଦୀପ, ନ୍ୟୁଜ ବ୍ୟୁରୋ

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କୁ ଦ୍ରୁତ ଚିକିତ୍ସା ସେବା ଯୋଗାଇଦେବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଜେ୍ଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେ୍ଏସ୍‌ଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜରୁରୀକାଳୀନ ବହିର୍ବିଭାଗ ସେବା ଆରମ୍ଭ କରାଯାଇଛି । ଜେ୍ଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ କରିବା ସହ ସମାଜ କଲ୍ୟାଣ ଓ ମୌଳିକ ସ୍ୱାସ୍ଥ୍ୟସେବାର



ସୁଯୋଗକୁ ସୁଦୃଢ଼ କରିବା ପାଇଁ ସଂସ୍ଥାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ପୂର୍ବରୁ ଏହି ତିନୋଟି ଗ୍ରାମ ପଞ୍ଚାୟତର ଲୋକମାନେ ବିଶେଷକରି ରାତ୍ରି ସମୟରେ ଜରୁରୀକାଳୀନ ଚିକିତ୍ସା ଓ ପ୍ରାଥମିକ ଚିକିତ୍ସା ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିଲେ । ନିକଟରେ ରାତ୍ରିକାଳୀନ ଚିକିତ୍ସା ସେବାର ସୁବିଧା ନଥିବାରୁ ଜରୁରୀ ପରିସ୍ଥିତିରେ ଠିକ୍ ସମୟରେ ଚିକିତ୍ସା ପାଇବା ପାଇଁ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ସେବାର ଶୁଭାରମ୍ଭ ଅବସରରେ ଜେ୍ଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍‌ର ବରିଷ୍ଠ ଅଧିକାରୀ ମନୋଜ ସିଂହ, ଉପସଭାପତି, ଜେ୍ଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍, ପାରାଦୀପ, ମିତ୍ରଭାନୁ ଚୌଧୁରୀ, ଆସୋସିଏଟ୍ ଉପସଭାପତି, ଜେ୍ଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍, ପାରାଦୀପ; ଏବଂ ଅଭିଜିତ ମହାନ୍ତି, ସିଏସଆର୍ ମୁଖ୍ୟ, ଜେ୍ଏସ୍‌ଡବ୍ଲୁ ଫାଉଣ୍ଡେସନ୍, ପାରାଦୀପ ଉପସ୍ଥିତ ରହି ସେବାର ଶୁଭାରମ୍ଭ କରିଥିଲେ ।

ଅଖିଳ ଭାରତୀୟ ପ୍ରାଚ୍ୟ ଅଧ୍ୟୟନ ସମ୍ମିଳନୀ ସମାପ୍ତ

ସନାତନ, ଯୋଗ, ଆୟୁର୍ବେଦ ଉପରେ ଆଲୋଚନା

ହରିଦ୍ୱାର, ନ୍ୟୁଜ ବ୍ୟୁରୋ

ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ତିନି ଦିନିଆ ୫୨ତମ ଅଖିଳ ଭାରତୀୟ ପ୍ରାଚ୍ୟ ଅଧ୍ୟୟନ ସମ୍ମିଳନୀ ଐତିହାସିକ ସଫଳତା ଏବଂ ବ୍ୟାପକ ଅଂଶଗ୍ରହଣ ସହିତ ସମାପ୍ତ ହୋଇଛି । ପତଞ୍ଜଳି ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ବିଦ୍ୱତ୍ ପରିଷଦର ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜାତୀୟ ସମ୍ମିଳନୀରେ ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତ ଭାଷା, ଯୋଗ, ଆୟୁର୍ବେଦ, ଭାରତୀୟ ଦର୍ଶନ, ସନାତନ ସଂସ୍କୃତି ଏବଂ ପ୍ରାଚ୍ୟ ବିଜ୍ଞାନର ସଂରକ୍ଷଣ ଏବଂ ପ୍ରଚାର ଏବଂ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ସେଗୁଡ଼ିକର ଅନ୍ତର୍ଭୁକ୍ତି ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା । ସମାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ପ୍ରଦୀପ ବାତ୍ରା, ଯୋଗଗୁରୁ ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ସମେତ ଦେଶ ସାରାର ସନ୍ଥ, ଧାର୍ମିକ ନେତା, ଶିକ୍ଷାବିତ୍ ଏବଂ ବିଦ୍ୱାନମାନେ ଯୋଗ ଦେଇଥିଲେ । ଏହି ଅବସରରେ, ୨୪ ଜଣ ବିଦ୍ୱାନ ଏବଂ ଗବେଷକଙ୍କ ସହିତ ଉଲ୍ଲେଖନୀୟ ଅବଦାନକାରୀଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ୩୫ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । ଅଖିଳ ଭାରତ ପ୍ରାଚ୍ୟ



ଅଧ୍ୟୟନ ସମ୍ମିଳନୀର ସଭାପତି ଶ୍ରୀନିବାସ ଭାରଖେଡି, ପରମପୂଜ୍ୟ ସ୍ୱାମୀଜୀ ମହାରାଜଙ୍କୁ ବିଦ୍ୟାଧିପତି-ପ୍ରଶସ୍ତି-ପତ୍ରମ୍ ପ୍ରଦାନ କରି ସମ୍ମାନିତ କରିଥିଲେ । ସଂସ୍କୃତ, ଯୋଗ ଶାସ୍ତ୍ର, ଆୟୁର୍ବେଦ ଏବଂ ଭାରତୀୟ ଜ୍ଞାନ ପରମ୍ପରାର ସଂରକ୍ଷଣ ଏବଂ ପ୍ରଚାର ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ଆଚାର୍ଯ୍ୟ ବାଲକୃଷ୍ଣଙ୍କୁ 'ମହାମହୋପାଧ୍ୟାୟ' ର ମର୍ଯ୍ୟାଦାଜନକ ଉପାଧିରେ ସମ୍ମାନିତ କରାଯାଇଥିଲା । ପତଞ୍ଜଳି ବିଶ୍ୱବିଦ୍ୟାଳୟର ଉପ-କୁଳପତି ସାଧ୍ୱୀ ଡକ୍ଟର ଦେବପ୍ରିୟାଙ୍କୁ 'ଜି ମହାଚାର୍ଯ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା । ଡକ୍ଟର ଶିବାନୀଙ୍କୁ ତାଙ୍କର ଉତ୍କୃଷ୍ଟ ଛାତ୍ରବୃତ୍ତି ଏବଂ ବ୍ୟାକରଣ କ୍ଷେତ୍ରରେ ଅବଦାନ ପାଇଁ 'ବ୍ୟକରଣ ପଣ୍ଡିତା ପୁରସ୍କାର' ପ୍ରଦାନ କରାଯାଇଥିଲା । ଡକ୍ଟର କବିତା ହୋଲଙ୍କୁ ତାଙ୍କର ଛାତ୍ରବୃତ୍ତି ଏବଂ ବିଶେଷଜ୍ଞତା ପାଇଁ ସମ୍ମାନିତ କରାଯାଇଥିଲା । ବିଭିନ୍ନ ବିଷୟ କ୍ଷେତ୍ରରେ ଉତ୍କୃଷ୍ଟ ଗବେଷଣା ପତ୍ର ଉପସ୍ଥାପନ କରିଥିବା ଚବିଶ ଜଣ ବିଦ୍ୱାନ ଏବଂ ଗବେଷକଙ୍କୁ ଶ୍ରେଷ୍ଠ ଗବେଷଣା ପତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଅଖିଳ ଭାରତ ପ୍ରାଚ୍ୟ ଅଧ୍ୟୟନ ସମ୍ମିଳନୀର ନବନିଯୁକ୍ତ ସଭାପତି ପ୍ରଫେସର ଅରୁଣ ରଞ୍ଜନ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା । ସମ୍ମିଳନୀରେ ଅଖିଳ ଭାରତ ପ୍ରାଚ୍ୟ ଅଧ୍ୟୟନ ସମ୍ମିଳନୀର ନବନିଯୁକ୍ତ ସଭାପତି ପ୍ରଫେସର ଅରୁଣ ରଞ୍ଜନ ମିଶ୍ରଙ୍କ ସମେତ ବିଭିନ୍ନ ବିଦ୍ୱାନ ଏବଂ ଅଧିକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ସଂସ୍କୃତ ବିଦ୍ୱାନ କବିରାଜ ମନୋହର ଲାଲ ଆର୍ଯ୍ୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଅବସରରେ, ସଂସ୍କୃତ ଭାଷା, ଭାରତୀୟ ଶାସ୍ତ୍ର ଏବଂ ଅନନ୍ତ ପରମ୍ପରାର ସଂରକ୍ଷଣ ଏବଂ ପ୍ରଚାର କରିବାରେ ବିଦ୍ୱାନମାନଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମଧ୍ୟରାତ୍ରରେ...

ବାଇକ୍‌ରେ ବୁଲି ବୁଲି ଲୋକଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଉଛନ୍ତି ଖୋଦ୍ ଗଜପତି ଜିଲ୍ଲାପାଳ । ଭୂସ୍ଖଳନ ଆଶଙ୍କା ଥିବାରୁ ବିଭିନ୍ନ ସ୍ଥାନରେ ଜେସିବି ମେସିନ୍ ସହିତ ଅନ୍ୟାନ୍ୟ ସରଞ୍ଜାମ ପ୍ରସ୍ତୁତ ରଖାଯାଇଛି । ପଡ଼ୋଶୀ ରାୟଗଡ଼ା ଜିଲ୍ଲାରେ ବି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହିତ ସଜାଗ ଅଛନ୍ତି ଓଡ୍ରାଫ୍, ଏନଡିଡିଆରଏଫ୍ ଓ ଅଗ୍ନିଶମ ଟିମ୍ । ଆଇଏମଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ, ମୁରାସୁ ଏକ ସିଭିୟର୍ ସାଇକ୍ଲୋନିକ୍ ଷ୍ଟର୍ମ ରୂପରେ ଆନ୍ଧ୍ରର ନେଲୋର୍ ଓ ନର୍ସାପୁର ମଧ୍ୟରେ, ଅଙ୍ଗୋଲର ଦକ୍ଷିଣରେ ସ୍ଥଳଭାଗକୁ ଅତିକ୍ରମ କରିଥିବା ବେଳେ ଏହି ସମୟରେ ପବନ ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିମି ରହିଥିଲା । ସେହିପରି ଝଟକା ପବନ ୧୨୦ କିମି ରହିଥିଲା । ଘୂର୍ଣ୍ଣିବାତ୍ୟା ଉତ୍ତର, ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ଫଳରେ ଏହାର ପ୍ରଭାବରେ ଆନ୍ଧ୍ର ସୀମାକୁ ଲାଗି ରହିଥିବା ଓଡ଼ିଶାର ଜିଲ୍ଲାଗୁଡ଼ିକରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିଥିଲା । ଝଟକ ପବନ ୭୦ କିଲୋମିଟର ପର୍ଯ୍ୟନ୍ତ ଛୁଇଁଥିଲା । ବାତ୍ୟା 'ମୁରାସୁ' ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଜିଲ୍ଲାଗୁଡ଼ିକରେ ପାଗ ମେଘୁଆ ରହିବା ସହିତ ବର୍ଷା ମଧ୍ୟ ଆରମ୍ଭ ହୋଇଯାଇଛି । ମଙ୍ଗଳବାରଠାରୁ ବର୍ଷା ପରିମାଣ ବଢ଼ିବ । ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲା ସମେତ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ପବନର ବେଗ ଝଟକା ପବନ ୭୦ କିଲୋମିଟର ପର୍ଯ୍ୟନ୍ତ ବହିପାରେ । ସେହିପରି ଆସନ୍ତା ୪ ତାରିଖ ପାଇଁ ମଧ୍ୟ ୧୬ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ଘାଇଲା ଗଞ୍ଜାମବାସୀଙ୍କୁ ଘାରିଛି ମୁରାସୁ ଡର । ନଈ କୂଳିଆ ଲୋକଙ୍କୁ ସତର୍କ କରିବା ପାଇଁ ଘନ ଘନ ଚାଲିଛି ମାଇକିଂ । ଘୋଡ଼ାହାଡ଼ ଜଳ ଭଣ୍ଡାର ଏବଂ ଘୋଡ଼ାହାଡ଼ ନଦୀ ତଟବର୍ତ୍ତୀ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜଳ ଭଣ୍ଡାରର ଦୁଇଟି ଗେଟ୍‌କୁ ଆଗୁଆ ଖୋଲି ଦିଆଯାଇଛି । ଜିଲ୍ଲାର ପୁରୁଷୋତ୍ତମପୁର ଅଞ୍ଚଳରେ ଋଷିକୂଲ୍ୟାର ଏକାଧିକ ସ୍ଥାନରେ ନଦୀ ବନ୍ଧ ଭାଙ୍ଗିଥିବାରୁ ଅଧିକ ବର୍ଷା ହେଲେ ପୁଣି ବନ୍ୟା ସ୍ଥିତି ଉପୁଜିବାର ଆଶଙ୍କା ରହିଛି । ଏଠାରେ ବି ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନତ କରାଯିବା ସହିତ ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି ଛତ୍ରପୁର ଉପଜିଲ୍ଲାପାଳ ।

ପହଞ୍ଚିଲେ କେନ୍ଦ୍ରୀୟ...

ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତିର ପ୍ରତ୍ୟେକ୍ଷ ଅନୁଧ୍ୟାନ କରିବା ପରେ ଭୁବନେଶ୍ୱର ଫେରି ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ । ଏହା ପରେ କ୍ଷୟକ୍ଷତିର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ । ଏହି ଟିମ୍‌ରେ କୃଷି ଓ କୃଷକ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡ. ମାନ୍ ସିଂହ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗର ଉପନିର୍ଦ୍ଦେଶକ ରାହୁଲ ଚୌରାସିଆ, କେନ୍ଦ୍ରୀୟ ଜଳ ଆୟୋଗର ନିର୍ଦ୍ଦେଶକ ଦିଲୀପ କୁମାର ଜେନା, କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ଉପନିର୍ଦ୍ଦେଶକ କରନ ସରିନ୍, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅଧୀକ୍ଷଣ ଯନ୍ତ୍ରୀ ସୁନୀଲ କୁମାର, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଅନୁଶାସନ ସଚିବ ଅଜୟ କୁମାର ସାହୁ ଏବଂ ଇସ୍ରୋର ଜାତୀୟ ରିମୋଟ୍ ସେନ୍ସିଂ କେନ୍ଦ୍ରର ବୈଜ୍ଞାନିକ ସି. ସାଇ କୃଷ୍ଣ ସାମିଲ ଅଛନ୍ତି । ଗସ୍ତ ସମୟରେ କେନ୍ଦ୍ରୀୟ ଟିମ୍ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଯୋଗୁଁ କୃଷି, ଭିତ୍ତିଭୂମି, ସଡ଼କ, ବିଦ୍ୟୁତ୍ ଓ ଜଳସମ୍ପଦ କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିବେ । ଏଥିସହ ପ୍ରଭାବିତ ଅଞ୍ଚଳର ସ୍ଥିତି ଏବଂ ସେଠାରେ ଚାଲିଥିବା ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ମଧ୍ୟ ସମୀକ୍ଷା କରିବେ ।

'ମୁରାସୁ' ମୁକାବିଲା...

ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ ।ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି, ଭୟଭୀତ ନ ହୋଇ ସଚେତନ ରହିବାକୁ ମନ୍ତ୍ରୀ ମଧ୍ୟ ପରାମର୍ଶ ଦେଇଛନ୍ତି । ଆଗାମୀ ବାତ୍ୟା 'ମୁରାସୁ' ଗଭୀର ଅବପାତ ହୋଇ ବଙ୍ଗୋପସାଗରରେ ନେଲୋର ଠାରୁ ୧୬୦ କିମି, ତାମିଲନାଡୁର ଚେନ୍ନାଇ ଠାରୁ ୧୮୦ କିମି, କାଭେଲିରୁ ୧୮୦ କିମି, ଅଙ୍ଗୋଲରୁ ୨୧୦ କିମି ଏବଂ ମଛଲିପାଟନମରୁ ୨୪୦ କିମି ଦୂରରେ ରହିଛି । ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୧୦୦ ରୁ ୧୧୦ କିମି ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ପୁରୀ ଭଳି ଉପକୂଳ ଜିଲ୍ଲାଗୁଡ଼ିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଏହି ବାତ୍ୟା ଓ ବନ୍ୟା ଯୋଗୁଁ ରାଜ୍ୟର ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ମୋଟ ୪୧ଟି ବ୍ଲକର ୪୮୮ଟି ପଞ୍ଚାୟତ ଏବଂ ୨,୧୩୭ଟି ଗ୍ରାମ ପ୍ରଭାବିତ ହୋଇଛି । ସେହିପରି ୨୩ଟି ସହରାଞ୍ଚଳର ୩୦୭ଟି ୱାର୍ଡରେ ଲୋକମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ସମୁଦାୟ ୨,୧୦,୯୨୦ ଜଣ ଲୋକ ଏହି ବିପର୍ଯ୍ୟୟର ଶିକାର ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ୧,୪୧,୭୯୭ ଜଣ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ, ପ୍ରଭାବିତ ଅଞ୍ଚଳରୁ ମୋଟ ୫୭୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏହି ବିପର୍ଯ୍ୟୟରେ ଗଞ୍ଜାମ ୩ ଜଣ ବ୍ୟକ୍ତିଙ୍କର ଜୀବନହାନି ହୋଇଛି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସହାୟତା ଯାଗାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ରିଲିଫ୍ କ୍ୟାମ୍ପଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଯଥା ଚାଉଳ, ଚୁଡ଼ା, ଗୁଡ଼ ଏବଂ ଗୋ-ଖାଦ୍ୟ ବଣ୍ଟନ କରାଯାଉଛି । ଏହା ସହିତ ପ୍ରଭାବିତମାନଙ୍କୁ ୫,୪୫୮ଟି ପଲିଥିନ୍ ସିଟ୍ ମଧ୍ୟ ଯାଗାଇ ଦିଆଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ନିୟନ୍ତ୍ରଣ କକ୍ଷ ଏବଂ ଉଦ୍ଧାରକାରୀ ଦଳଗୁଡ଼ିକୁ ୨୪ ଘଣ୍ଟା ସକ୍ରିୟ ରଖାଯାଇଛି । ରାସ୍ତାଘାଟଗୁଡ଼ିକୁ ଯାନବାହନ ଚଳାଚଳ ପାଇଁ ଉପଯୁକ୍ତ କରିବାକୁ ସମସ୍ତ କର୍ମଚାରୀ, ସାମଗ୍ରୀ ଏବଂ ଯନ୍ତ୍ରପାତି ନିୟୋଜିତ କରାଯାଇଛି । କୁକୁଡାଖଣ୍ଡି ଓ ପାତ୍ରପୁର ବ୍ଲକର ୧୩ଟି ସ୍ଥାନରେ ଭୂସ୍ଖଳନ ଯୋଗୁଁ ଜମିଥିବା ମାଟି ଓ ଆବର୍ଜନା ସଫା କରାଯାଇଛି ଏବଂ ଅନ୍ୟ ୮ଟି ସ୍ଥାନରେ କାର୍ଯ୍ୟ ଜାରି ରହିଛି । ଭଞ୍ଜନଗରରେ ରାସ୍ତା ଉପରେ ଭୂସ୍ଖଳନ ଜନିତ ଯେଉଁ ଗୋଟିଏ ସ୍ଥାନରେ ବାଧା ଉପୁଜିଥିଲା, ତାହା ସମ୍ପୂର୍ଣ୍ଣ ଅପସାରିତ ହୋଇଛି । ୧୪ଟି ବ୍ଲକରେ ମୋଟ ୧୨୪ଟି ରାସ୍ତା ଫାଟ) ବନ୍ଦ କରାଯାଇଥିବାବେଳେ ୪୨ଟି ସ୍ଥାନରେ କାର୍ଯ୍ୟକୁ ତ୍ୱରାନିତ କରାଯାଇଛି । ୧୪ଟି ବ୍ଲକର ୧୮୬ଟି କ୍ଷତିଗ୍ରସ୍ତ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି । ଗଜପତି ଜିଲ୍ଲାର ୬ଟି ବ୍ଲକର ୧୯ଟି ରାସ୍ତାର ଭୂସ୍ଖଳନ ଅବସ୍ଥା ସଫା କରାଯାଇଛି । ପାଣି ମାଡ଼ିଯିବା ଯୋଗୁଁ ପ୍ରଭାବିତ ହୋଇଥିବା ୫ଟି ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି । ୩ଟି ବ୍ଲକରେ ପ୍ରଭାବିତ ୧୧ଟି କ୍ଷତିଗ୍ରସ୍ତ ରାସ୍ତା ମରାମତି କରାଯାଇଛି । ଗୋଷାଣୀ ବ୍ଲକର ଗୋଟିଏ ରାସ୍ତାରେ ଅସ୍ଥାୟୀ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ୩ଟି ବ୍ଲକର ୩୧ଟି ରାସ୍ତା ଫାଟ ମଧ୍ୟରୁ ୧୫ଟି ବନ୍ଦ ହୋଇସାରିଥିବାବେଳେ ୧୬ଟି ନିର୍ମାଣାଧିନ ଅଛି । ୩ଟି ବ୍ଲକର ୭ଟି କ୍ଷତିଗ୍ରସ୍ତ ରାସ୍ତାର ମରାମତି ସମ୍ପୂର୍ଣ୍ଣ ହୋଇଛି ଏବଂ ୩୧ଟି ର କାମ ଚାଲିଛି । ଗୁଣୁପୁରରେ ଭୂସ୍ଖଳନ ଯୋଗୁଁ ରାସ୍ତା ଉପରେ ୧୫ଟି ସ୍ଥାନରେ ଜମିଥିବା ଆବର୍ଜନା ଓ ମାଟି ବାଧକକୁ ସଫା କରାଯାଇଛି । 'ଅର୍ଣ୍ଣବ' ବାତ୍ୟା ଏବଂ ଏହାପରବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ ଟିପିଏସଓଡିଏଲ୍ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଉଛି । ପ୍ରଭାବିତ ଜିଲ୍ଲାଗୁଡ଼ିକରେ କମ୍ପାନୀ ଅଧୀନରେ ଥିବା ମୋଟ୍ ୯୯.୦୫% ଗ୍ରାହକଙ୍କ ପାଇଁ ବିଦ୍ୟୁତ୍ ସେବା ପୁନଃସ୍ଥାପିତ ହୋଇସାରିଛି । ବୌଦ୍ଧ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର,ଗଞ୍ଜାମ, କନ୍ଧମାଳ, ଗଜପତି ଏବଂ କୋରାପୁଟ ଜିଲ୍ଲାରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ବାକିଥିବା ସ୍ଥାନଗୁଡ଼ିକରେ କାମ ଶୀଘ୍ର ଶେଷ କରିବା ପାଇଁ ଟିମଗୁଡ଼ିକ ନିୟୋଜିତ ଅଛନ୍ତି । ଗଞ୍ଜାମ, ଗଜପତି ଏବଂ କନ୍ଧମାଳର ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୪୫,୭୨୨ ଟି ନଳକୂପ ପ୍ରଭାବିତ ହୋଇଥିଲା । ଏହା ମଧ୍ୟରୁ ୪,୪୭୫ ପୁନରୁଦ୍ଧାର ଏବଂ ବିଶୋଧନ କରାଯାଇଛି । ଏହି ଜିଲ୍ଲାଗୁଡ଼ିକରେ ପ୍ରଭାବିତ ୩୯୩ ଟି ଗ୍ରାମାଞ୍ଚଳ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୨୪୭ ପୁନରୁଦ୍ଧାର କରାଯାଇଛି ଏବଂ ୨୬୫ ଟି ବିଶୋଧନ କରାଯାଇଛି । ୨୩୫ ଟି ଜଳ ଟ୍ୟାଙ୍କର୍ , ୮୦ ଟି ଟ୍ରାକ୍ଟର ମାଉଣ୍ଟେଡ୍ ସିଣ୍ଟେକ୍ସ ଟାଙ୍କି ଏବଂ ୮୪ ଟି ଡି.ଜି. ସେଟ୍ ମୁତୟନ କରାଯାଇଛି । ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାରେ ୯ ଟି ମୋବାଇଲ୍ ଟ୍ରିଟମେଣ୍ଟ ୟୁନିଟ୍ ମଧ୍ୟ ମୁତୟନ କରାଯାଇଛି । ୪,୨୨,୩୦୦ ପ୍ୟାକ୍ କରାଯାଇଥିବା ଜଳ ବୋତଲ ଏବଂ ୩,୧୮,୫୦୦ ଜଳ ପାଉଚ୍ ବଣ୍ଟନ କରାଯାଇଛି । ବ୍ରହ୍ମପୁର ମହାନଗର ନିଗମ ପାଇଁ ୨୩ ଟି ଏବଂ ଆସିକା ପୌରପାଳିକା ପାଇଁ ୭ ଟି ଜଳ ଟ୍ୟାଙ୍କର୍ ମୁତୟନ କରାଯାଇଛି । ଏହାସହ ବ୍ରହ୍ମପୁର ମହାନଗର ନିଗମ ୨ ଟି ମୋବାଇଲ୍ ଜଳ ବିଶୋଧନ ୟୁନିଟ୍ ମଧ୍ୟ ମୁତୟନ କରାଯାଇଛି । ସମସ୍ତ ଜଳାଶୟର ବିଶୋଧନ କାର୍ଯ୍ୟ ଜାରି ରହିଛି । ଡାଏରିଆ, ମଲେରିଆ, ଡେଙ୍ଗୁ ଭଳି ରୋଗର ମୁକାବିଲା ପାଇଁ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା 'ରାପିଡ୍ ରେସପନ୍ସ ଟିମ୍' (ଆରଆରଟି) ଏବଂ ମୋବାଇଲ୍ ହେଲ୍ଥ ଟିମ୍ ନିୟୋଜିତ କରାଯାଇଛି । ଆସୁଥିବା ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଗଞ୍ଜାମ ଜିଲ୍ଲାରେ ୩୨ଟି ଓଡ୍ରାଫ୍ ଏବଂ ୩ଟି ଏନଡିଆରଏଫ୍ ଟିମ୍ (ମୋଟ ୩୫ଟି ଟିମ୍) ମୁତୟନ ଅଛନ୍ତି । ଗଜପତି ରେ ୯ ଟି ଓଡ୍ରାଫ୍ ,୧ ଟି ଏନଡିଆରଏଫ୍) ଏହାଛଡ଼ା ରାୟଗଡ଼ା୩ ଟି ,ଓଡ୍ରାଫ,୧ ଟି ଏନଡିଆରଏଫ୍), କୋ ରାପୁଟ, ରେ ୩ ଟି ,୧ ଟି ଏନଡିଆରଏଫ୍), ମାଲକାନଗିରି, ରେ ୩ ଟି,୧ ଟି ଏନଡିଆରଏଫ୍ କନ୍ଧମାଳ ରେ ୪ ଟି ଓଡ୍ରାଫ୍, ୨ ଟି , ଓ ନବରଙ୍ଗପୁରରେ ୩ଟି ଟିମ୍ ନିୟୋଜିତ କରାଯାଇଛି ।

ବିଦ୍ୟୁତ୍ ଆଘାତରେ...

ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ମଧ୍ୟ ଶୋକ ପ୍ରକାଶ କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଝାବର ସିଂହ ଖରାଙ୍କୁ ଘଟଣାସ୍ଥଳକୁ ଯାଇ ପ୍ରଭାବିତଙ୍କୁ ସମ୍ଭାବ୍ୟ ସହାୟତା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମଧ୍ୟ ଶୋକ ପ୍ରକାଶ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି ।

ଗିଡିପାବାଲିରେ ଭୂସ୍ଖଳନ...

ଆଣିଥିବେ ଆଉ ଯାହା ପାଇଁ ଆସିଛି ଉଭୟେ ନାହାନ୍ତି । ପାହାଡ଼ ଧସି ମାଟି ଅତଡା ଖସି ଏସବୁ ଘର କେତେ ଯେ, ଫୁଟ ତଳେ ପୋତି ହୋଇଛି... କିଏ ଜାଣେ ଏଇ ମାଟି ତଳେ କ'ଣ ଅଛି? ହେଲେ ତାରି ଭିତରୁ ବାହାରି ଥିବା ଗୋଟେ ଗୋଟେ କାଗଜପତ୍ରକୁ ସାଇତି ରଖାଯାଉଛି, ବର୍ତ୍ତି ଯାଇଥିବାଙ୍କୁ ଦିଆଯାଉଛି । ଯେ ବୋଧେ ସେଇ ଶେଷ ସନ୍ତକ ଯାହାକୁ ମୁଣ୍ଡେଇ, ଯାହା ଭରସାରେ ବାକି ଜୀବନ କଟିଯିବ । ଏଠି ଧାନ ଚାଷ ହୋଇଥିଲା, ଦିନ କେଇଟା ପରେ କଟା ବି ଯାଇଥାନ୍ତା, ହେଲେ ଏବେ ଏମିତି ମୁକୁଳା ହୋଇ ଏସବୁ ପଡ଼ିଛି । ସେ ଦିନ ରାତିରେ ରୋଷେଇ ବି ହୋଇଥିଲା, ମେଘ ଗର୍ଜିବା ପରେ ଅସ୍ତବ୍ୟସ୍ତ ହୋଇ ବୋଧେ ହାଣ୍ଡି କଂସାକୁ ଛାଡ଼ି ଦୌଡ଼ିଥିଲେ ପ୍ରାଣ ବିକଳରେ । ଝିଅ କାନ୍ଦୁଥିବା ଆମିଆନ୍...ପାହାଡ଼ ଆରପାରି କଟିଙ୍ଗିଆ ସ୍କୁଲରେ ଏବେ ଲୁହ ଭିଜା ଆଖିରେ ସହାୟତା ଖୋଜୁଥିବା ହାତ । ପାଖରେ ସ୍ୱାମୀ ନାହିଁ କାହାର ତ ପୁଣି କାହାର ପୁଅ । କିଏ କଅଁଳ ବୟସରେ ଅଜାଣତରେ ବାପା ହରାଇଛି ଆଉ କିଏ ନିଜ ସର୍ବସ୍ୱ । କୁଆଡ଼େ ଗଲେ ୭ ପରିବାରର ୧୨ ଜଣ, ମାଟି ତଳେ ଅଛନ୍ତି କି ଆଉ କେଉଁଠି । ସନ୍ଧାନ ଏବେ ବି ଚାଲିଛି, ଅନବରତ ଖୋଳା ଚାଲିଛି । କିନ୍ତୁ ପାହାଡ଼ିଆ, ପଥୁରିଆ ରାସ୍ତାରେ ଯାଇପାରୁନି ଯନ୍ତ୍ରାଂଶ ।

ପଦ୍ମଶ୍ରୀ ଡାକ୍ତର...

ମସିହାରେ ଏମ୍‌କେସିଜି ମେଡିକାଲ କଲେଜରେ ନାମ ଲେଖାଇଥିଲେ । ସେଠାରୁ ଏମ୍‌ବିବିଏସ ସମ୍ପୂର୍ଣ୍ଣ କରିବା ପରେ ଏମ୍ସ, ନୂଆଦିଲ୍ଲୀରୁ ନ୍ୟୁରୋ ସର୍ଜରୀରେ ଏମ୍‌ଏସ୍ ଓ ଏମ୍‌ସିଏଚ୍ କରିଥିଲେ । ୧୯୮୩ ରୁ ୨୦୧୭ ମସିହା ପର୍ଯ୍ୟନ୍ତ ଏମ୍ସରେ ନ୍ୟୁରୋ ସର୍ଜରୀର ଜଣେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ । ୨୦୦୬ ମସିହାରେ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସ, ଲକ୍ଷ୍ନୌର ନିର୍ଦ୍ଦେଶକ ଓ ଭୁବନେଶ୍ୱର, ଏମ୍ସର ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ । ଦିଲ୍ଲୀସ୍ଥିତ ଏମ୍ସରେ ପ୍ରାୟ ୪୨ ବର୍ଷ ଅତିବାହିତ କରିବା ପରେ ରିସର୍ଚ୍ଚ ଡିନ୍ ଭାବେ ଅବସର ଗ୍ରହଣ କରିଥିଲେ । ଏହାସହ ସେ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ଡାକ୍ତର ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ବିଶ୍ୱର ସର୍ବୋଚ୍ଚ...

ବାୟୋଲୋଜି ସହିତ କ୍ଲିନିକାଲ୍ ମେଡିସିନ୍ କ୍ଷେତ୍ରରେ ସେ ଆନ୍ତର୍ଜାତିକ ସ୍ତରରେ ୧୯୪୦୭ ର୍‍ୟାଙ୍କରେ ରହିଛନ୍ତି । ଅନୁରୂପ ଭାବେ ଆଇସିଏମ୍‌ଆର-ଏନ୍‌ଆଇଏଚ୍‌ଆରର ପୋଷ୍ଟ ଡକ୍ଟରାଲ ଫେଲୋ ଡକ୍ଟର ଚିତ୍ତରଞ୍ଜନ ସାହୁ ରସାୟନିକ ବିଦ୍ୟା କ୍ଷେତ୍ରରେ ଆନ୍ତର୍ଜାତିକସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ।

୨ ଦିନିଆ...

ଭାରତ ନବୀକରଣ ଯୋଗ୍ୟ ଶକ୍ତି ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ରହିବେ । ରାଜ୍ୟରେ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରର ବିକାଶ, ସୌର ଓ ପବନ ଶକ୍ତି ପ୍ରକଳ୍ପର ପ୍ରସାର ଏବଂ ନୂତନ ପୁଞ୍ଜିନିବେଶ ଆକୃଷ୍ଟ କରିବା ନେଇ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେବ । ଶକ୍ତି ସମ୍ମିଳନୀ ବ୍ୟତୀତ ମୁଖ୍ୟମନ୍ତ୍ରୀ ତାଙ୍କ ଗସ୍ତ କାଳରେ କେନ୍ଦ୍ରୀୟ ନେତୃତ୍ୱ ଓ ବିଭିନ୍ନ କେନ୍ଦ୍ର ମନ୍ତ୍ରୀଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ବିଶେଷ କରି ଓଡ଼ିଶାରେ ସାମ୍ପ୍ରତିକ ବନ୍ୟା ପରିସ୍ଥିତି, କ୍ଷତିଗ୍ରସ୍ତ ଅଞ୍ଚଳର ପୁନରୁଦ୍ଧାର ଏବଂ କେନ୍ଦ୍ରୀୟ ସହାୟତା ସମ୍ପର୍କରେ ସେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବେ । ରାଜ୍ୟ ପାଇଁ ଅଧିକ ସହାୟତା ରାଶି ମଞ୍ଜୁର କରିବାକୁ ସେ କେନ୍ଦ୍ର ସରକାରଙ୍କଠାରେ ଦାବି ଜଣାଇବାର ସମ୍ଭାବନା ରହିଛି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ କରିବା ପରେ ବୁଧବାର ଓଡ଼ିଶା ଫେରି ଆସିବାର କାର୍ଯ୍ୟକ୍ରମ ରହିଛି ।

ମିସାଇଲ ଭଳି ...

ଖସୁଛି । ତଳେ ପଡ଼ିବା ମାତ୍ରେ ଏହା ଏକ ବଡ଼ ନିଆଁ ପିଣ୍ଡୁଳାରେ ପରିଣତ ହୋଇଛି । ଯେଉଁ ଜାଗାରେ ବିମାନଟି ପଡ଼ିଥିଲା ସେଠାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ବିମାନଟିରେ ପାଇଲଟଙ୍କୁ ମିଶାଇ ମୋଟ୍ ୯ ଜଣ ଥିବା ବେଳେ ସମସ୍ତଙ୍କର ମୃତ୍ୟୁ ଘଟିଛି । ତେବେ ତଳେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ । ଟେକ୍ସାସରୁ ବାହାମାସ୍ ଯାଉଥିବା ବେଳେ କେଉଁ କାରଣରୁ ବିମାନଟି ଖସି ପଡ଼ିଲା, ତାହା ସ୍ପଷ୍ଟ ହୋଇପାରିନାହିଁ । ବିମାନଟି ୩୫,୦୦,୦ ଫୁଟ (ଭୂଭାଗରୁ ୧୧ କିଲୋମିଟର) ଉଚ୍ଚତାରେ ଯାଉଥିବା ବେଳେ ଝଡବର୍ଷା ହୋଇଥିଲା । ପାଇଲଟ ଏସମ୍ପର୍କରେ ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କୁ ଜଣାଇବା ସହିତ ଆହୁରି ୨,୦୦୦ ଫୁଟ (ପ୍ରାୟ ୬୧୦ ମିଟର) ଉପରକୁ ଉଠିବା ପାଇଁ ଅନୁମତି ମାଗିଥିଲେ । ଏହା ପରେ ବିମାନଟି ପ୍ରାୟ ୧ ମିନିଟରେ ୧୦ ହଜାର ଫୁଟ୍ ତଳକୁ ଖସି ଆସିଥିଲା । ତା'ପରେ ପୁଣି ୧୦ ହଜାର ଫୁଟ୍ ତଳକୁ ଖସି ଆସିଥିଲା । ୩ ମିନିଟରେ ବିମାନଟି ତଳେ ଖସି ପଡ଼ିଲା ଓ ଧ୍ୱଂସ ହୋଇଗଲା । ବିମାନଟି ଦ୍ରୁତ ଗତିରେ ଖସୁଥିବା ବେଳେ ପାଇଲଟ ମେ' ଡେ କଲ୍ ଦେବା ସହିତ ବିମାନଟି ମାଟିରେ କ୍ରାସ ହେବାକୁ ଯାଉଥିବା କହିଥିଲେ । ବିମାନ ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି ।

ଏସ୍‌ବିଆଇ ଏଲ୍‌ଏଚ୍‌ଓ ପକ୍ଷରୁ ଏସ୍‌ବିଆଇ ଯୋନୋ ଆନ୍ତଃବ୍ୟାଙ୍କ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ୧ ନଭେମ୍ବର ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଏସ୍‌ଓଏ ଗ୍ରାଉଣ୍ଡରେ ଏସ୍‌ବିଆଇ ଯୋନୋ ଆନ୍ତଃବ୍ୟାଙ୍କ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଡ଼ମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା । ଏହି କ୍ରୀଡ଼ା ପ୍ରତିଯୋଗିତାରେ ୧୩ଟି ବ୍ୟାଙ୍କ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ, ନାବାର୍ଡ, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ , ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ବ୍ୟାଙ୍କ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଆଇଡିବିଆଇ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଂଶଗ୍ରହଣ କରିଥିଲେ । ଏହି କ୍ରୀଡ଼ା ଉତ୍ସବର ଉଦଘାଟନ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସିବି ମାଥ୍ୟୁସ୍ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ,ଏଲ୍‌ଏଚ୍‌ଓ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ ମିଳିତ ଭାବେ କରିଥିଲେ ।



ଏହି ଅବସରରେ ବିଭିନ୍ନ ଅଂଶଗ୍ରହଣକାରୀ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏକ ରୋମାଞ୍ଚକର ମୁକାବିଲାରେ ଏସ୍‌ବିଆଇ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହେବା ସହ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ୍ ହୋଇଥିଲା । ଏହି ଅବସରରେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ, ମହାପ୍ରବନ୍ଧକ ପ୍ରବୁଧ କୁମାର, ଏଲ୍‌ଏଚ୍‌ଓ ଭୁବନେଶ୍ୱରର ଉପ ମହାପ୍ରବନ୍ଧକ, ସହାୟକ ମହାପ୍ରବନ୍ଧକ ଏବଂ ସମସ୍ତ ଅଂଶଗ୍ରହଣକାରୀ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟମାନେ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟ ବିଭିନ୍ନ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଦଳଗତ କାର୍ଯ୍ୟଦକ୍ଷତା, ପାରସ୍ପରିକ ସଦ୍ଭାବ ଏବଂ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବାର ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିଥିଲା । ୧୩ଟି ବ୍ୟାଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଏହି କ୍ରୀଡ଼ା ଉତ୍ସବକୁ ସ୍ମରଣୀୟ କରିଥିଲା । ଏହି ସଫଳ ଆୟୋଜନ ମାଧ୍ୟମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବ୍ୟାଙ୍କିଙ୍ଗ୍ ସମୁଦାୟ ମଧ୍ୟରେ କ୍ରୀଡ଼ା, ସୁସ୍ଥତା, ଦଳଗତ ଭାବନା ଏବଂ ପାରସ୍ପରିକ ସହଯୋଗକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି ।

ଚକ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବା ବାତିଲ୍

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଚକ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ, କାର୍ଯ୍ୟଗୁଡ଼ିକର ସୁରକ୍ଷିତ ଓ ସୁଚାରୁ ସମ୍ପାଦନ ପାଇଁ କେତେକ ନିର୍ଦ୍ଦିଷ୍ଟ ତାରିଖରେ କିଛି ଟ୍ରେନ୍ ସେବା ବାତିଲ ରହିବ । ବାତିଲ୍ ହେବାକୁ ଥିବା ଟ୍ରେନ୍ ସେବା: ୨୨୮୬୧ ହାଓ୍ୱଡ଼ା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ । ୨୨୮୬୨ କଣ୍ଟାବାଞ୍ଜି-ହାଓ୍ୱଡ଼ା ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୪, ୨୦୨୬ ତାରିଖରେ ବାତିଲ୍ ରହିବ । ୧୮୧୦୭ ରାଉରକେଲା-ଜଗଦଳପୁର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ । ୧୮୧୦୮ ଜଗଦଳପୁର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୪, ୨୦୨୬ ତାରିଖରେ ବାତିଲ୍ ରହିବ । ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ । ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ । ୨୨୮୩୯ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ । ୨୨୮୪୦ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ । ଯାତ୍ରୀମାନଙ୍କୁ ନିଜ ଯାତ୍ରା ଯୋଜନା କରିବା ସମୟରେ ଏହି ପରିବର୍ତ୍ତନଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଉଛି । ଟ୍ରେନ୍ ଚଳାଚଳ ସମ୍ପର୍କିତ ସର୍ବଶେଷ ସୂଚନା ପାଇଁ ଯାତ୍ରୀମାନେ ଜାତୀୟ ଟ୍ରେନ୍ ଅନୁସନ୍ଧାନ ବ୍ୟବସ୍ଥା କିମ୍ବା ଭାରତୀୟ ରେଳପଥର ଅଧିକୃତ ୱେବସାଇଟ୍ ଯାଞ୍ଚ କରିବା ପରେ ଯାତ୍ରା ଆରମ୍ଭ କରିବାକୁ ଅନୁରୋଧ କରାଯାଉଛି ।

ଆଦିତ୍ୟ ଆଲୁମିନିୟମ ତରଫରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଇଁ ଭ୍ରମଣ ବ୍ୟବସ୍ଥା



ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ଏହାର ପ୍ରକଳ୍ପ 'ଅଧ୍ୟୟନ' ଅଧୀନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି), ରେଙ୍ଗାଲିକୁ ଏକ ଶିକ୍ଷଣୀୟ ଭ୍ରମଣ ବ୍ୟବସ୍ଥା କରାଯାଇଥିଲା । ଏହି ଗସ୍ତରେ କାରଖାନା ପାର୍ଶ୍ୱବର୍ତ୍ତୀ ପାଞ୍ଚଟି ଗ୍ରାମ ପଞ୍ଚାୟତ — ବୋମାଲୋଇ, ଘିଚାମୁରା, ଲପଙ୍ଗା, ଜଙ୍ଗଲା ଓ କତରବଗାର ସରକାରୀ ବିଦ୍ୟାଳୟର ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୪୫ ଜଣ ଛାତ୍ରଛାତ୍ରୀଙ୍କ ସହ ୬ ଜଣ ଅଭିଭାବକ ଅଂଶଗ୍ରହଣ କରିଥିଲେ । ଏହି ଛାତ୍ରଛାତ୍ରୀମାନେ ତିଲେଇମାଲ ଜ୍ଞାନାର୍ଜନ କୋଚିଂ ସେଣ୍ଟରରେ ନାମ ଲେଖାଇଛନ୍ତି । ସେଠାରେ ସେମାନଙ୍କୁ ଶୈକ୍ଷିକ ସହାୟତା ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ବ୍ୟବସ୍ଥା କରାଯାଉଛି ।

ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଏକ ଉଚ୍ଚ ସ୍ତରର ଶିକ୍ଷଣ ବ୍ୟବସ୍ଥା ଓ ଅତ୍ୟାଧୁନିକ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହାସଲ କରିବା ପାଇଁ ଆଦିତ୍ୟ ଆଲୁମିନିୟମ ଦ୍ୱାରା ଏହି ବିଶେଷ ସୁବିଧାର ଉପଲବ୍ଧି କରାଯାଇଥିଲା । ପରିବେଶ ଏବଂ ଆଧୁନିକ ଶିକ୍ଷାଗତ ସୁବିଧା ସହ ପରିଚିତ କରାଇବା ସହିତ ପିଲାମାନଙ୍କୁ ନିଜର ଶିକ୍ଷାଗତ ଲକ୍ଷ୍ୟ ପୂରଣ ପାଇଁ ଉତ୍ସାହିତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଆମ ସେବା ପରିବାର ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସେବା ହିଁ ପରମ ଧର୍ମ ଓ ମାନବିକତା ହିଁ ଶ୍ରେଷ୍ଠ ପରିଚୟ । ଏହି ମହତ୍ ଉଦ୍ଦେଶ୍ୟକୁ ଆଧାର କରି ଆମ ସେବା ପରିବାର ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଦିନ ରାମ ମନ୍ଦିରସ୍ଥିତ ବୁଦ୍ଧ ମନ୍ଦିର ଅଡିଟୋରିୟମ୍‌ରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ୍ ଏକାଡେମୀର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରବୀଣ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥ୍ୟ ଭାବେ ସେଣ୍ଟ୍ରାଲ୍ ରେଡକ୍ରସ୍, କଟକର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ଦାସ, ଏସ୍‌ସିବି ମେଡିକାଲ୍ କଲେଜର ନ୍ୟୁରୋ ସାଇକିଆଟ୍ରିଷ୍ଟ ଡା. ରତିରଞ୍ଜନ ସେଠୀ, ନାଲ୍‌କୋର ପୂର୍ବତନ ଡିଜିଏମ୍ ସୁଦୀପ୍ତ ବାରିକ, ଏସ୍‌ଏସ୍‌ଇପିଡି ବିଭାଗର ଅଣ୍ଡର ସେକ୍ରେଟାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ସମାଜସେବୀ ଗଗନ ପାଇତାଳ ଓ ଅଭିମନ୍ୟୁ ଦାସ ପ୍ରମୁଖ ଯୋଗଦେଇଥିଲେ । ବଢ଼ାଇବାକୁ ଟ୍ରଷ୍ଟ ପକ୍ଷରୁ ସଂକଳ୍ପ ନିଆଯାଇଛି । କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ସୌରଭ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ପ୍ରଭାତ କୁମାର ସାହୁଙ୍କ ମିଳିତ ନେତୃତ୍ୱ ଓ ପରିଚାଳନାରେ ସଫଳତାର ସହ ସମ୍ପନ୍ନ କରାଯାଇଥିଲା ।



ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-EnHM-BBS-STN-14-26

କାର୍ଯ୍ୟର ନାମ: ଏକ (01) ବର୍ଷ ଅବଧି ପାଇଁ ପ୍ଲାଟଫର୍ମ, ୟାର୍ଡ, ଟ୍ରାକ୍, କାର୍ଯ୍ୟାଳୟ ଭବନ, ରିଜର୍ଭେସନ କାର୍ଯ୍ୟାଳୟ, କନକୋର୍ସ ଅଞ୍ଚଳ, ପ୍ରତୀକ୍ଷାଳୟ, ଏବଂ ହୋମ୍ ସିଗ୍ନାଲରୁ ହୋମ୍ ସିଗ୍ନାଲ ପର୍ଯ୍ୟନ୍ତ କ୍ଷେତ୍ର ଆଦି ସମେତ ଭୁବନେଶ୍ୱର (BBS) ରେଳଷ୍ଟେସନର ଯାନ୍ତ୍ରିକ ସଫେଇ ଓ ହାଉସକିପିଂ କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ : ₹14,57,82,545.59, **EMD :** ₹8,78,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 12ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.11.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.11.2026 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ଼

PR-530/R/26-27

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 35-KUR-TRD-OT-2026-27

କାର୍ଯ୍ୟର ନାମ: ସମସ୍ତ OHE ଡିପୋ, PSI ଡିପୋ, RRD/ଖୋର୍ଦ୍ଧା ରୋଡ୍, RRD/ବାହନ/ଖୋର୍ଦ୍ଧା ରୋଡ୍, RC / ଖୋର୍ଦ୍ଧା ରୋଡ, ବରିଷ୍ଠ ସେକ୍ସନ ଇଞ୍ଜିନିୟର/କାର୍ଯ୍ୟ/ TRD / ଖୋର୍ଦ୍ଧା ରୋଡ, ସହାୟକ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ TRD/ଖୋର୍ଦ୍ଧା ରୋଡଙ୍କ କାର୍ଯ୍ୟାଳୟ, ସହାୟକ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ TRD / ତାଳଚେର(TLHR),ସହାୟକ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ TRD/କେନ୍ଦୁଝରଗଡ଼ (KDJR), ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ TRD/ କଟକ (CTC), ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ TRD / ଖୋର୍ଦ୍ଧା ରୋଡ ଏବଂ ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ TRD/ଖୋର୍ଦ୍ଧା ରୋଡ ଠାରେ ତିନି ବର୍ଷର ଅବଧି ଲାଗି ବାହାର ଏଜେନ୍ସି ମାଧ୍ୟମରେ ଆଉଟସୋର୍ସିଂ ଭିତ୍ତିରେ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ନିଯୁକ୍ତି ।

ବିଜ୍ଞାପିତ ମୂଲ୍ୟ : ₹3,65,11,399.92, **EMD :** ₹3,32,600/-, ଟେଣ୍ଡର ନଥିପତ୍ର ମୂଲ୍ୟ:₹11,800/-, ଶେଷ ହେବା ଅବଧି: 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.11.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.11.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-527/R/26-27

ଭୁବନେଶ୍ୱର, ୩ ନଭେମ୍ବର, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଶ୍ରୀକ୍ଷେତ୍ରରେ ହବିଷ୍ୟାଳିଙ୍କ ଭିଡ଼, ହୁଳହୁଳି ଧ୍ୱନିରେ କମ୍ପୁଛି ପୁରୀ

ପୁରୀ, ୨/୧୧ ନ୍ୟୁଜ ବ୍ୟୁରୋ



ଚାଲିଛି ମହା କାର୍ତ୍ତିକ ବ୍ରତ। କାର୍ତ୍ତିକ ମାସର ଦ୍ୱିତୀୟ ସୋମବାର। ସାଧାରଣ ଲୋକଙ୍କ ସହିତ ହଜାର ହଜାର ହବିଷ୍ୟାଳିଙ୍କ ସମାଗମରେ ପୁରୀ ସହର ଏବେ ଲୋକାରଣ୍ୟ ହୋଇପଡିଛି । ହବିଷ୍ୟାଳିମାନେ ନିଜ ପରିବାର ପରିଜନଙ୍କୁ ଛାଡ଼ି ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ଆସିଛନ୍ତି । ସକାଳୁ ଉଠି ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ଏବଂ ଜଗା ଦର୍ଶନ ଇଏ ଥାଏ ନିଆରା। ତେବେ ସରକାରୀ ଶିବିର ସହ ବିଭିନ୍ନ ମଠବାଡିରେ ରହି ବ୍ରତ କରୁଛନ୍ତି ହବିଷ୍ୟାଳି।
ମଠବାଡିରୁ ଆରମ୍ଭ କରି ଶିବିର ସବୁଠିଁ ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ପରିବେଶ। ଏଠି ରହି ମାସସାରା ମହାପ୍ରଭୁଙ୍କୁ ଦର୍ଶନ କରି ହବିଷ୍ୟ ବ୍ରତ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେପଟେ ତୁଳସୀ ଚଉରା ଓ ଅଁଳା ଗଛ ମୂଳରେ ମୁରୁଜ ଚିତା ପକାଇ କରାଯାଉଛି ରାଇ ଦାମୋଦର ପୂଜା। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକବ୍ରତ କଲେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ମାସକ ଜାକ ହବିଷାନ୍ନ ଖାଇ ବ୍ରତ ପାଳନ କରୁଛନ୍ତି ହବିଷ୍ୟାଳି।

ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରରେ ୩ ଘଣ୍ଟା ଦର୍ଶନ ବନ୍ଦ

ଭୁବନେଶ୍ୱର, ୨/୧୧ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିରରେ ସୋମବାର ୩ ଘଣ୍ଟା ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି। ଏଥିପାଇଁ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ଯାଏଁ ସାଧାରଣ ଦର୍ଶନ ବନ୍ଦ ରହିଥିଲା।
ମହାକାର୍ତ୍ତିକ ମାସରେ ନୀତି ବହୁଳତା ଓ ଭକ୍ତଙ୍କ ଭିଡ଼ ଯୋଗୁଁ ନିୟମିତ ଦିବା ପହୁଡ଼ ନୀତି ହୋଇପାରୁନାହିଁ। ତେବେ ସୋମବାର ପାଗ ଅନୁକୂଳ ନ ଥିବା ସହ ଭକ୍ତଙ୍କ ଭିଡ଼ କମ୍ ଥିବାରୁ ଏହି ନୀତି ଅନୁଷ୍ଠିତ ହୋଇଥିଲା। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

କଣ୍ଟ ପୂରିଲା, ସୂର୍ଯ୍ୟମନ୍ଦିରରୁ କଢ଼ା ହେଲାନି ବାଲି

କୋଣାର୍କ,୦୨ /୧୧ ନ୍ୟୁଜ ବ୍ୟୁରୋ

ଅକ୍ଟୋବର ଶେଷ ସୁଦ୍ଧା ସୂର୍ଯ୍ୟମନ୍ଦିରରୁ ବାଲି କଢ଼ାଯିବ । ଏଏସ୍ଆଇ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଥିଲା। କଣ୍ଟ ପୂରିଥିଲେ ମଧ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନି। ସମସ୍ତ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ଏନେଇ ପୂର୍ବରୁ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଅନୁଧ୍ୟାନ କରି ଫେରିଛନ୍ତି । ଗତ ଜୁନ୍ ୬ରେ ସୂର୍ଯ୍ୟମନ୍ଦିର ଜଗମୋହନ ଗର୍ଭଗୃହରୁ ବାଲି କଢ଼ା ଓ ସଂରକ୍ଷଣ ନିମନ୍ତେ ଏଏସ୍ଆଇ ଡିଜି ଯଦୁବୀର ସିଂ ରାୱତ, ବୈଷୟିକ ଟିମ୍, ସୂର୍ଯ୍ୟମନ୍ଦିର କୋର କମିଟି ସଦସ୍ୟ, ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ମାଡ୍ରାସର ପ୍ରଫେସର ଅନୁଧ୍ୟାନ କରିଥିଲେ । ପ୍ରଥମେ ସୂର୍ଯ୍ୟମନ୍ଦିରର ପଶ୍ଚିମ ଦିଗରେ ୮୦ ଫୁଟ ଉପରେ ପ୍ରଥମ ପିଢ଼ରେ ମନ୍ଦିର ଗର୍ଭଗୃହ ମଧ୍ୟକୁ ହୋଇଥିବା ଦୁଇଟି କୋର୍ ଡ୍ରିଲର ସ୍ଥାନକୁ ଦେଖିବା ସହ ଏହାର ସ୍ଥିତି ଯାଞ୍ଚ କରିଥିଲେ । ପରେ ସୂର୍ଯ୍ୟମନ୍ଦିରର ବିଭିନ୍ନ ଅଂଶ ବୁଲି ଦେଖିଥିଲେ । ସୂର୍ଯ୍ୟମନ୍ଦିର ଗର୍ଭ ଗୃହରୁ ବାଲି କାଢ଼ିବା ସହଜ ନୁହେଁ । ବୈଷୟିକ ଟିମ୍ ନିଷ୍ପତ୍ତି ନେବ ବୋଲି କହିଥିଲେ। ପାସେଜ ନିର୍ମାଣ ହେବାକୁ ଥିବା ସ୍ଥାନରେ ମନ୍ଦିର ଗର୍ଭଗୃହକୁ ସମାନ୍ତରାଳ ଭାବେ ୨୫ ଫୁଟ ଲମ୍ବର ଦୁଇଟି ଡ୍ରିଲ କାର୍ଯ୍ୟ ଶେଷ ହୋଇଛି । ପର୍ଯ୍ୟାୟକ୍ରମେ କାର୍ଯ୍ୟ ଆରମ୍ଭ ହୋଇ ଏବେ ଶେଷ ପର୍ଯ୍ୟାୟରେ ଅଟକି ରହିଛି । ସୂଚନାଯୋଗ୍ୟ, ୨୦୨୨ ସେପ୍ଟେମ୍ବର ୮ରେ ଏଏସ୍ଆଇ ଓ ବିଡିଆର ନିର୍ମାଣ ବିଭାଗ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦ୍ୱାର ନିକଟରେ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରି ଶୁଭ ଦେଇଥିଲେ । ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିର ଉତ୍ତର ଓ ପଶ୍ଚିମ କୋଣରେ ଲିଫ୍ଟ ପାଇଁ ମୂଳଦୁଆ ନିର୍ମାଣ ପରେ ଲୁହା ବିମ୍ ଲଗା ଯାଇଥିଲା। ପରେ ଟନେଲ ଓ ଲିଫ୍ଟ ନିର୍ମାଣ ନିମନ୍ତେ ଫର୍ମାଟ ଓ ଲେଆଉଟ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେହିଭଳି ଦକ୍ଷିଣ ପାର୍ଶ୍ୱରେ ଲୁହା ବିମ ସାହାଯ୍ୟରେ ମନ୍ଦିର ଚୂଡ଼ାକୁ ପାହାଚ ନିର୍ମାଣ, ଉତ୍ତର ପଶ୍ଚିମ କୋଣରେ ମନ୍ଦିର ପାଦଦେଶରୁ ଚୂଡ଼ା ପର୍ଯ୍ୟନ୍ତ ଏକ ଲିଫ୍ଟ ଲଗାଯାଇଛି । ଗର୍ଭ ଗୃହରୁ ବାଲି ନିଷ୍କାସନ ସରିଲେ ପର୍ଯ୍ୟଟକଙ୍କ ପାଇଁ ଜଗମୋହନ ଦ୍ୱାର ଖୋଲାଯିବ ।

ଦୀପାବଳିରେ ବାଣ ଫୁଟାଇବାକୁ ସୁପ୍ରିମକୋର୍ଟଙ୍କ ଅନୁମତି : ଦୁଇଦିନ ଜଳିବ ଗ୍ରୀନ୍ କ୍ରାକର୍ସ



ନୂଆଦିଲ୍ଲୀ,୨।୧୧

ଦୀପାବଳି ପୂର୍ବରୁ ଦିଲ୍ଲୀ-ଏନସିଆର ବାସିନ୍ଦାଙ୍କ ପାଇଁ ଆସିଛି ବଡ଼ ଖବର। ବାଣ ଫୁଟାଇବା ଉପରେ ଲାଗିଥିବା କଟକଣାକୁ ନେଇ ସୁପ୍ରିମକୋର୍ଟ ଦେଇଛନ୍ତି ବଡ଼ ଆଶ୍ୱସ୍ତି। ନିର୍ଦ୍ଦିଷ୍ଟ ସର୍ତ୍ତ ସହ ଦୁଇ ଦିନ ପାଇଁ ପ୍ରମାଣିତ ଗ୍ରୀନ୍ କ୍ରାକର୍ସ ବା ସବୁଜ ବାଣ ଫୁଟାଇବାକୁ ଅନୁମତି ମିଳିଛି। ଅର୍ଥାତ୍ ନଭେମ୍ବର ୭ ଓ ୮ ତାରିଖରେ ଲୋକେ ଗ୍ରୀନ୍ କ୍ରାକର୍ସ ଫୁଟାଇ ଦୀପାବଳି ପାଳନ କରିପାରିବେ। କିନ୍ତୁ ଏହି ଆଶ୍ୱସ୍ତି ମାତ୍ର ଦୁଇ ଦିନ ପାଇଁ ରହିବ। ନଭେମ୍ବର ୯ ତାରିଖରୁ ଦିଲ୍ଲୀ-ଏନସିଆରରେ ପୁଣି ଥରେ ବାଣ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ। ପ୍ରଦୂଷଣ ନିୟନ୍ତ୍ରଣ ସହ ଲୋକଙ୍କ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ଧ୍ୟାନରେ ରଖି ସର୍ବୋଚ୍ଚ ଅଦାଲତ ଏହି ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କେବଳ ପ୍ରମାଣିତ ଗ୍ରୀନ୍ କ୍ରାକର୍ସ ଫୁଟାଇବାକୁ ଅନୁମତି ରହିବ। ସାଧାରଣ ବାଣ କିମ୍ବା ଅନ୍ୟ ପ୍ରକାରର ପଟାକା ଫୁଟାଇବା ଉପରେ ଏହି ଛାଡ଼ ଲାଗୁ ହେବ ନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନଭେମ୍ବର ୭ ଓ ୮ ତାରିଖରେ କେବଳ ପ୍ରମାଣିତ ଗ୍ରୀନ୍ କ୍ରାକର୍ସ ଫୁଟାଇପାରିବେ। ନିର୍ଦ୍ଦିଷ୍ଟ ସମୟ ଓ ଅନ୍ୟ ସର୍ତ୍ତ ପାଳନ କରିବାକୁ ପଡ଼ିବ। ତେବେ ସାଧାରଣ ବାଣ ଫୁଟାଇବାକୁ ଅନୁମତି ନାହିଁ। ନଭେମ୍ବର ୯ରୁ ବାଣ ଉପରେ ପୂର୍ବଭଳି ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ। ସାଧାରଣ ବାଣ ତୁଳନାରେ କମ୍ ପ୍ରଦୂଷଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗ୍ରୀନ୍ କ୍ରାକର୍ସ ପ୍ରସ୍ତୁତ କରାଯାଏ। ଏଥିରେ କିଛି କ୍ଷତିକାରକ ରାସାୟନିକ ପଦାର୍ଥର ବ୍ୟବହାର କମ୍ କରାଯାଏ କିମ୍ବା ବାଦ୍ ଦିଆଯାଏ। ଫଳରେ ପାରମ୍ପରିକ ବାଣ ତୁଳନାରେ ଏଥିରୁ କମ୍ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ତେବେ ଗ୍ରୀନ୍ କ୍ରାକର୍ସ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ନୁହେଁ। ଏଥିରୁ ମଧ ଧୂଆଁ ଓ ଶବ୍ଦ ସୃଷ୍ଟି ହୋଇପାରେ। ତେଣୁ ଏହାର ବ୍ୟବହାର ଉପରେ ମଧ ନିୟମ ଓ କଟକଣା ରହିଛି। ଏହା ପୂର୍ବରୁ ସେପ୍ଟେମ୍ବର ୩୦ ତାରିଖରେ ସୁପ୍ରିମକୋର୍ଟ ଦିଲ୍ଲୀ-ଏନ୍ସିଆର୍‌ରେ ବାଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ପରିବର୍ତ୍ତେ ଦୀପାବଳି ସମୟରେ ସୀମିତ ଅବଧି ପାଇଁ ଅନୁମତି ଦେବା ନେଇ ବିଚାର କରିଥିଲେ। କୋର୍ଟ କହିଥିଲେ ଯେ, ଲୋକଙ୍କ ଧାର୍ମିକ ଓ ସାଂସ୍କୃତିକ ଭାବନା ସହ ପରିବେଶ ସୁରକ୍ଷା ମଧ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦିନସାରା ବାଣ ଫୁଟାଇବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ଓ ବାଣର ଶ୍ରେଣୀ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏବେ ଦୁଇ ଦିନ ପାଇଁ ଗ୍ରୀନ୍ କ୍ରାକର୍ସ ଫୁଟାଇବାକୁ ଅନୁମତି ମିଳିଥିବାରୁ ଦିଲ୍ଲୀ-ଏନ୍ସିଆର୍ ବାସିନ୍ଦାଙ୍କୁ ଆଶ୍ୱସ୍ତି ମିଳିଛି।

କିମ୍ସରେ ଡାକ୍ତରଙ୍କ ସଫଳତା

ନାବାଳିକାଙ୍କ ଶ୍ୱାସନଳୀରୁ କଢ଼ାଗଲା ଧାତବ କଣ୍ଟା

ଭୁବନେଶ୍ୱର, ୨/୧୧ ନ୍ୟୁଜ ବ୍ୟୁରୋ



କିମ୍ସର ଡାକ୍ତରମାନେ ଜଣେ ୧୦ ବର୍ଷୀୟା ନାବାଳିକାଙ୍କ ଶ୍ୱାସନଳୀରେ ଅଟକି ରହିଥିବା ଏକ ଧାତବ କଣ୍ଟାକୁ ସଫଳତାର ସହ ବାହାର କରିଛନ୍ତି। ଓଡ଼ିଶାର କୋରାପୁଟ ଜିଲ୍ଲାରୁ ଆସିଥିବା ଏହି ନାବାଳିକାଙ୍କ ଚିକିତ୍ସାରେ କିମ୍ସର ଉନ୍ନତ ଚିକିତ୍ସା ପଦ୍ଧତି ଓ ବିଶେଷଜ୍ଞ ଡାକ୍ତରୀ ଦଳର ଦକ୍ଷତା ପ୍ରତିଫଳିତ ହୋଇଛି । ନେଲ୍ ଆର୍ଟ ପାଇଁ ବ୍ୟବହୃତ ଏକ ଉପକରଣର ଅଂଶବିଶେଷ ଥିବା ଏହି ଧାତବ କଣ୍ଟାଟି ଅସାବଧାନତାବଶତଃ ନାବାଳିକାଙ୍କ ଶ୍ୱାସନଳୀ ମଧ୍ୟକୁ ପ୍ରବେଶ କରିଯାଇଥିଲା । ଘଟଣାର ଦୁଇ ଦିନ ପରେ ତାଙ୍କୁ ଚିକିତ୍ସା ପାଇଁ କିମ୍ସକୁ ଅଣାଯାଇଥିଲା । ଡାକ୍ତରୀ ପରୀକ୍ଷା ଓ ସ୍କାନ୍‌ରୁ ଜଣାପଡ଼ିଥିଲା ଯେ, କଣ୍ଟାଟି ତାଙ୍କ ଡାହାଣ ବ୍ରୋଙ୍କସ୍‌ରେ ଅଟକି ରହିଛି । ଏହି ନଳୀ ଶ୍ୱାସନଳୀରୁ ଫୁସ୍‌ଫୁସ୍‌ର ଡାହାଣ ପାର୍ଶ୍ୱକୁ ବାୟୁ ଯୋଗାଣ କରିଥାଏ । କିମ୍ସର କର୍ଣ୍ଣ-ନାସା-ଗଳା (ଇଏନ୍‌ଟି) ଏବଂ ଆନାସ୍ଥେସିଓଲୋଜି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ରିଜିଡ୍ ବ୍ରୋଙ୍କୋସ୍କୋପ୍ ନାମକ ଏକ ସ୍ୱତନ୍ତ୍ର ଚିକିତ୍ସା ଉପକରଣ ବ୍ୟବହାର କରି ଏହି ଅସ୍ତ୍ରୋପଚାର କରିଥିଲେ। ଏହି ଉପକରଣ ମାଧ୍ୟମରେ ଶ୍ୱାସନଳୀ ଭିତରକୁ ଦେଖିବା ସହ ସେଠାରେ ଅଟକି ରହିଥିବା ବାହ୍ୟବସ୍ତୁକୁ ବାହାର କରାଯାଇଥାଏ । ସାଧାରଣ ନିଶ୍ଚେତନ (ଜେନେରାଲ୍ ଆନାସ୍ଥେସିଆ) ଦେଇ ନାବାଳିକାଙ୍କୁ ସଂପୂର୍ଣ୍ଣ ଅଚେତ ଅବସ୍ଥାରେ ରଖି ଏହି ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା । ଡାକ୍ତରମାନେ କୌଣସି ଜଟିଳତା ବିନା ସଫଳତାର ସହ କଣ୍ଟାଟିକୁ ବାହାର କରିଥିଲେ । ଚିକିତ୍ସା ପରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିବାବେଳେ ଅଧିକ ପର୍ଯ୍ୟବେକ୍ଷଣ ପାଇଁ ତାଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଚିକିତ୍ସା ପ୍ରକ୍ରିୟାରେ ଡା. ମାନସ ରଞ୍ଜନ ରାଉତ, ଡା. ସତ୍ୟଞ୍ଜୟ ସାହୁ, ଡା. ସ୍ନେହା, ଡା. ମନୀଷା ମଲ୍ଲିକ, ଡା. ସଂଗ୍ରାମ କେଶରୀ ଦାସ, ଡା. ସୁପ୍ରିୟା କର ଏବଂ ଡା. ଅଞ୍ଜଳି କୁମାରୀଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଦେବା ସହ ବାଳିକାଙ୍କ ଆରୋଗ୍ୟ କାମନା କରିଛନ୍ତି ।

'ଅର୍ଣ୍ଣବ' ପ୍ରଭାବିତ ୩ ଜିଲ୍ଲାରେ ଘରକୁ ଘର ସର୍ଭେ ଅବଧି ବୃଦ୍ଧି

ଭୁବନେଶ୍ୱର, ୨/୧୧ ନ୍ୟୁଜ ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ଦ୍ୱାରା ରାଜ୍ୟର ଅନେକ ଜିଲ୍ଲା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ତେଣୁ ୩ ଜିଲ୍ଲାରେ ଘରକୁ ଘର ସର୍ଭେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଅଭିଯୋଗକୁ ଗୁରୁତର ସହ ନେଇ ଘରକୁ ଘର ସର୍ଭେ ଅବଧି ବୃଦ୍ଧି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ । ଗଞ୍ଜାମ ଜିଲ୍ଲାରେ ନଭେମ୍ବର ୨୧ ଏବଂ ଗଜପତି ଓ କନ୍ଧମାଳ ଜିଲ୍ଲାରେ ନଭେମ୍ବର ୧୪ ଯାଏଁ ସର୍ଭେ ଚାଲିବ ବୋଲି ନିଷ୍ପତ୍ତି ହୋଇଛି ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ
ତାରିଖ :-୦୧/୧୧/୨୦୨୬
୪,୧୬,୩୪୭/-ଟଙ୍କା
ସୁନା:- ୦୨ ଗ୍ରାମ୍ ୦୦୦ ମିଲିଗ୍ରାମ
ରୂପା:- ୨୧ ଗ୍ରାମ୍ ୦୦୦ ମିଲିଗ୍ରାମ୍

କିଟ୍ 'ଲ' ସ୍କୁଲ୍ ପକ୍ଷରୁ ନିରାଶ୍ରୟ ମହିଳାମାନଙ୍କ ମଧ୍ୟରେ ଆଇନଗତ ସଚେତନତା ସୃଷ୍ଟି

କଟକ, ୦୨/୧୧ ନ୍ୟୁଜ ବ୍ୟୁରୋ



କିଟ୍ 'ଲ' ସ୍କୁଲ୍ ଆଇନ ସେବା କ୍ଲିନିକ୍ ପକ୍ଷରୁ କଟକର ବିଡ଼ାନାସୀ ବନ୍ଧାଗଡ଼ସ୍ଥିତ ମମତା ଅଳ୍ପକାଳୀନ ଆଶ୍ରୟ ଗୃହଠାରେ ଏକ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ସମାଜର ଅସହାୟ, ଦୁର୍ଦ୍ଦଶାଗ୍ରସ୍ତ ଓ ନିରାଶ୍ରୟ ମହିଳାମାନଙ୍କ ମଧ୍ୟରେ ଆଇନଗତ ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମମତା ସ୍ୱଳ୍ପକାଳୀନ ଆଶ୍ରୟ ଗୃହରେ ବିଭିନ୍ନ ବୟସର ଅସହାୟ, ନିରାଶ୍ରୟ ଓ ବିଭିନ୍ନ ସାମାଜିକ ତଥା ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ମହିଳାମାନେ ରହୁଛନ୍ତି। ଏହି ଶିବିରରେ ମହିଳାମାନଙ୍କ ଆଇନଗତ ଅଧିକାର, ସେମାନଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନଗତ ବ୍ୟବସ୍ଥା, ଆଇନଗତ ସହାୟତା ପାଇବାର ଉପାୟ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଆଲୋଚନା କରାଯାଇଥିଲା ।
କିଟ୍ 'ଲ' ସ୍କୁଲ ଆଇନ ସେବା କ୍ଲିନିକ୍‌ର ଛାତ୍ର ସ୍ୱେଚ୍ଛାସେବୀମାନେ ଆଶ୍ରୟ ଗୃହରେ ରହୁଥିବା ମହିଳାମାନଙ୍କ ସହ ଭାବ ବିନିମୟ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ଅଧିକାର, ଘରୋଇ ହିଂସା ଓ ଶୋଷଣ ବିରୋଧରେ ଆଇନଗତ ସୁରକ୍ଷା, ଆଇନଗତ ପ୍ରତିକାରର ବ୍ୟବସ୍ଥା ଏବଂ ବିଭିନ୍ନ ସରକାରୀ ସହାୟତା ଯୋଜନା ବିଷୟରେ ସେମାନଙ୍କୁ ସଚେତନ କରାଯାଇଥିଲା। ମହିଳାମାନେ ମଧ ନିଜର ସମସ୍ୟା ଓ ଅନୁଭୂତି ବାଣ୍ଟିବା ସହ ଉପଲବ୍ଧ ଆଇନଗତ ସହାୟତା ବ୍ୟବସ୍ଥା ସଂପର୍କରେ ଅବଗତ ହୋଇଥିଲେ । ଏହି କାର୍ଯ୍ୟକ୍ରମ କିଟ୍ ଆଇନ ବିଦ୍ୟାଳୟର ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଏହାର ସଂଯୋଜନା ଶଶାଙ୍କ ନନ୍ଦେ ଏବଂ ଡ. ପ୍ରଜ୍ଞା ପାରମିତା ରାୟ, ଆଇନ ସେବା କ୍ଲିନିକ୍‌ର ଅଧ୍ୟାପକ ସଂଯୋଜକଙ୍କ ଦ୍ୱାରା କରାଯାଇଥିଲା । କିଟ୍ 'ଲ' ସ୍କୁଲର ଆସିଷ୍ଟାଣ୍ଟ ଲିଗାଲ୍ ଅଫିସର ଅମ୍ରିତା ବଳ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ।
ଏହି ପଦକ୍ଷେପ ମାଧ୍ୟମରେ କିଟ୍ ଆଇନ ବିଦ୍ୟାଳୟ ସମାଜର ଅସହାୟ ଓ ଅବହେଳିତ ବର୍ଗଙ୍କ ମଧ୍ୟରେ ଆଇନ ସଚେତନତାର ପ୍ରସାର, ମହିଳାମାନଙ୍କ ଅଧିକାରର ସୁରକ୍ଷା ଏବଂ ସମସ୍ତଙ୍କ ପାଇଁ ନ୍ୟାୟିକ ସହାୟତାର ସୁଯୋଗ ସୁନିଶ୍ଚିତ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରକାଶ କରିଛି।

୩.୧୦ ଲକ୍ଷ ଲାଞ୍ଚ ନେବାବେଳେ ଧରାପଡ଼ିଲେ ଜମି ଅଧିଗ୍ରହଣ ଅଧିକାରୀ

କଟକ, ୦୨/୧୧ ନ୍ୟୁଜ ବ୍ୟୁରୋ



ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସମ୍ବଲପୁର-ତାଳଚେର ରେଳପଥ ଦୋହରୀକରଣ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅଜୟ କୁମାର ଗଡ଼ନାୟକ। ଜଣେ ଜମି ମାଲିକଙ୍କଠାରୁ ବକେୟା ୩ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି। ଏହା ପୂର୍ବରୁ ସେ ସମ୍ପୃକ୍ତ ଜମି ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏହିପରି ମୋଟ ୫ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଜମି ମାଲିକଙ୍କ ଜମି ସମ୍ବଲପୁର-ତାଳଚେର ରେଳପଥ ଦୋହରୀକରଣ ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିଲା। ଏ ବାବଦରେ ତାଙ୍କୁ ୮୪ ଲକ୍ଷ ୬୨ ହଜାର ୨୮୮ ଟଙ୍କା କ୍ଷତିପୂରଣ ମିଳିବାର ଥିଲା। ତେବେ କ୍ଷତିପୂରଣ ପ୍ରଦାନ ସହ ଭବିଷ୍ୟତରେ ତୃତୀୟ ରେଳଲାଇନ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମୟରେ ଅନୁକୂଳ ସହାୟତା ଯୋଗାଇଦେବାର ପ୍ରଲୋଭନ ଦେଖାଇ ଅଧିକାରୀ ଜଣକ ୫ ଲକ୍ଷ ୧୦ ହଜାର ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଛି। ଗତ ଅକ୍ଟୋବର ୨୭ ତାରିଖରେ ଅଜୟ କୁମାର ଗଡ଼ନାୟକ ଜମି ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। ଏହାପରେ ବକେୟା ୩ ଲକ୍ଷ ୧୦ ହଜାର ଟଙ୍କା ଶୀଘ୍ର ଦେବାକୁ ଚାପ ପକାଇଥିଲେ। ଟଙ୍କା ନଦେଲେ ଭବିଷ୍ୟତରେ ତୃତୀୟ ରେଳଲାଇନ ପାଇଁ ଜମି ଅଧିଗ୍ରହଣ କ୍ଷତିପୂରଣ ପାଇବାରେ ସମସ୍ୟା ସୃଷ୍ଟି ହେବ ବୋଲି ଧମକ ଦେଇଥିବା ଜମି ମାଲିକ ଅଭିଯୋଗ କରିଛନ୍ତି। ଏଥିରେ ଅତିଷ୍ଠ ହୋଇ ଜମି ମାଲିକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ, ସୋମବାର ସେ ବକେୟା ୩ ଲକ୍ଷ ୧୦ ହଜାର ଟଙ୍କା ଦେବାବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ଉ କରି ଅଜୟ କୁମାର ଗଡ଼ନାୟକଙ୍କୁ ଧରିଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ତିନୋଟି ଠିକଣାରେ ଏକକାଳୀନ ଚଢ଼ଉ କରାଯାଇଛି। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

କାର୍ ଧକ୍କାରେ ୨ଟି ବ୍ୟାଟେରୀ ଅଟୋ ଚୂରମାର: ୫ ମହିଳାଙ୍କ ସମେତ ୮ ଗୁରୁତର

ଉଦଳା/ବାରିପଦା, ୨/୧୧ ନ୍ୟୁଜ ବ୍ୟୁରୋ



ବାରିପଦାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ବିଜେପିର ଉଦଳା ନିର୍ବାଚନ ମଣ୍ଡଳୀର ସାଧାରଣ ସମ୍ପାଦକଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୋମବାର ଅପରାହ୍ନରେ ଉଦଳା ଥାନା ଅଧୀନ ୧୯ ନମ୍ବର ରାଜ୍ୟ ରାଜପଥର ବିସିପୁରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା ଉକ୍ତ କାର୍‌ଟି ସମ୍ମୁଖରୁ ଆସୁଥିବା ଦୁଇଟି ବ୍ୟାଟେରୀ ଚାଳିତ ଯାତ୍ରୀବାହୀ ଅଟୋକୁ ମୁହାଁମୁହିଁ ଜୋରଦାର ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଅଟୋ ଦୁଇଟି ସମ୍ପୂର୍ଣ୍ଣ ଚୂରମାର୍ ହୋଇଯିବା ସହ କାର୍‌ର ଆଗ ଭାଗ ମଧ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଅଟୋରେ ଥିବା ୫ ଜଣ ମହିଳାଙ୍କ ସମେତ ମୋଟ ୮ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ସମସ୍ତ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

କୋରାପୁଟରେ ବିଦେଶୀ ପକ୍ଷୀ : ୪ ଫୁଟ ଉଚ୍ଚତାର ପକ୍ଷୀ ଉଦ୍ଧାର

କୋରାପୁଟ, ୨/୧୧ ନ୍ୟୁଜ ବ୍ୟୁରୋ

କୋରାପୁଟରେ ଦେଖିବାକୁ ମିଳିଲା ଏକ ବିରଳ ଦୃଶ୍ୟ । କୋଲାବ ଜଳଭଣ୍ଡାରରେ ଭାସୁଥିବା ଅବସ୍ଥାରେ ଉଦ୍ଧାର ହେଲା ପ୍ରାୟ ୪ ଫୁଟ ଉଚ୍ଚତାର ଏକ ବିଦେଶୀ ପକ୍ଷୀ । ପକ୍ଷୀଟି ହେଉଛି ଫ୍ଲେମିଙ୍ଗୋ । ଲମତାପୁଟ ବ୍ଲକ ଚାରାଗୁଡ଼ା ଗାଁ ନିକଟ କୋଲାବ ଜଳଭଣ୍ଡାରରେ ଏହି ପକ୍ଷୀଟିକୁ ଠାବ କରାଯାଇଛି । ସୂଚନା ଅନୁସାରେ, ଜଳଭଣ୍ଡାରରେ ପକ୍ଷୀଟି ଭାସୁଥିବା ବେଳେ ଉଡ଼ିବାକୁ ଅସମର୍ଥ ଥିଲା। ଏହା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା । ବିଳମ୍ବ ନକରି ଗାଁ ଲୋକେ ଏକ ଡଙ୍ଗା ସାହାଯ୍ୟରେ ଜଳଭଣ୍ଡାର ମଧ୍ୟକୁ ଯାଇ ପକ୍ଷୀଟିକୁ ଉଦ୍ଧାର କରିଥିଲେ। ଏହାପରେ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପକ୍ଷୀଟିକୁ ନିଜ ହେପାଜତକୁ ନେଇଥିଲେ। ପକ୍ଷୀଟିର ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବାରୁ ସ୍ଥାନୀୟ ପଶୁ ଡାକ୍ତରଙ୍କୁ ଡକାଇ ତା'ର ଚିକିତ୍ସା ଆରମ୍ଭ କରାଯାଇଛି । ଅନ୍ୟପଟେ ଏହି ବିରଳ ପକ୍ଷୀର ଉଦ୍ଧାର ଖବର ପ୍ରଚାର ହେବା ପରେ ଚାରାଗୁଡ଼ା ଗାଁରେ ଲୋକଙ୍କ ଭିଡ଼ ଜମିଛି। ଫ୍ଲେମିଙ୍ଗୋକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକେ ମଧ ପହଞ୍ଚୁଛନ୍ତି ।

ବାତ୍ୟା 'ମୁରାସୁ'କୁ ନେଇ ନବରଙ୍ଗପୁର ଜିଲ୍ଲାରେ ହାଇ ଆଲର୍ଟ

ଜନତାଙ୍କ ସୁରକ୍ଷା ଜିଲ୍ଲା ପ୍ରଶାସନର ସର୍ବୋଚ୍ଚ ପ୍ରାଥମିକତା: ଜିଲ୍ଲାପାଳ

ନବରଙ୍ଗପୁର, ୨/୧୧ ନ୍ୟୁଜ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା 'ମୁରାସୁ' ଏବଂ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ବର୍ଷା ସତର୍କ ସୂଚନାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ସତର୍କ ରହିବା ସହ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ଅଧିକ ତ୍ୱରାନ୍ୱିତ କରିଛି। ବିଶେଷକରି ଜନସଚେତନତା, ସମୟୋଚିତ ସ୍ଥାନାନ୍ତରଣ ନିମନ୍ତେ ପ୍ରସ୍ତୁତି ଏବଂ ବିପଦସଙ୍କୁଳ ଜନସାଧାରଣଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ସୋମବାର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ଚାଲିଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିବା ସହ ଜିଲ୍ଲାର ତୃଣମୂଳ ସ୍ତରରେ ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି। ସ୍ଥାନୀୟ ସ୍ତରରେ ସମନ୍ୱୟ ଓ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ସମନ୍ୱୟ ବୈଠକ ଆୟୋଜନ ଉପରେ ଗୁରୁତ୍ୱ ଦିଆଯିବା ସହ ଜିଲ୍ଲାପାଳ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ବାତ୍ୟାର ସ୍ଥିତି ଓ ଭାରତୀୟ ପାଣିପାଗ ବିଭାଗର ପାଣିପାଗ ସତର୍କ ସୂଚନା ସମ୍ପର୍କରେ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନସଚେତନତା ଅଭିଯାନର ଅଂଶସ୍ୱରୂପ ବିପଦସଙ୍କୁଳ ଓ ତଳିଆ ଅଞ୍ଚଳଗୁଡ଼ିକରେ ମାଇକ୍ ଯୋଗେ ପ୍ରଚାର ଏବଂ ସଚେତନତା କାର୍ଯ୍ୟ ଜାରି ରହିଛି। ବିଶେଷକରି କଚ୍ଚା ଘରେ ରହୁଥିବା ଏବଂ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଘରକୁ ଘର ଯାଇ ଲୋକଙ୍କୁ ସଚେତନ କରିବା, ବିପଦସଙ୍କୁଳ ପରିବାରଗୁଡ଼ିକୁ ଚିହ୍ନଟ କରିବା ଏବଂ ସୁରକ୍ଷିତ ସ୍ଥାନାନ୍ତରଣରେ ସହାୟତା କରୁଛନ୍ତି। ପୂର୍ବରୁ ପ୍ରସ୍ତୁତ ସ୍ଥାନାନ୍ତରଣ ଯୋଜନା ଓ ବିପଦସଙ୍କୁଳ ଅଞ୍ଚଳର ଆକଳନ ଅନୁଯାୟୀ ସମସ୍ତେ ସଜାଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଆଗାମୀ ଦୁଇ ସପ୍ତାହ ମଧ୍ୟରେ ପ୍ରସବ ତାରିଖ ଥିବା ଗର୍ଭବତୀ ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବା ସହ ସେମାନଙ୍କ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ କମ୍ବଳ ଆଦିର ଉପଯୁକ୍ତ ବ୍ୟବସ୍ଥା କରିବାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ସମସ୍ତ ନିର୍ଦ୍ଧାରିତ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା ସହ ସେଠାରେ ବିଶୁଦ୍ଧ ପାନୀୟ ଜଳ, ଖାଦ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି।

ନୟାପଲ୍ଲୀ ହିଟ୍-ଆଣ୍ଡ-ରନ୍ ଘଟଣାରେ ବସ୍ ଡ୍ରାଇଭର ଗିରଫ

ଭୁବନେଶ୍ୱର, ୨/୧୧ ନ୍ୟୁଜ ବ୍ୟୁରୋ

ନୟାପଲ୍ଲୀ-ସିଆରପି ରାସ୍ତାରେ ହିଟ୍-ଏଣ୍ଡ-ରନ୍ ଘଟଣାରେ କମିଶନରେଟ୍ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଦୁର୍ଘଟଣା ଘଟାଇଥିବା ନାଇଟ୍ କୋଚ୍ ବସ୍‌କୁ ପୋଲିସ ଜବତ କରିଛି। ବସ୍‌ର ଡ୍ରାଇଭରକୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ମହାଦେବ ନଗରରେ ରହୁଥିବା ପୁରୀ ଜିଲ୍ଲା ନିମାପଡା ଅଞ୍ଚଳର ନୌଶାଦ୍ ଅଲି (୫୯)। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରଯାଇଥିଲା । ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।